୬




**ବିଶ୍ୱ ରେକର୍ଡ ସହ ସ୍ୱର୍ଣ୍ଣ ଜିତିଲେ ଦୀପ୍ତି**

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

e-paper www.sambadkalika.in

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ପୃଷ୍ଠା ମୂଲ୍ୟ : ୨.୦୦ 8 Pages,₹ 2.00

● ବର୍ଷ-୩୧ ● ସଂଖ୍ୟା-୧୧୩ ● ୨୧ ମଇ ୨୦୨୪, ମଙ୍ଗଳବାର ● ଭୁବନେଶ୍ୱର ● Vol -31 ● Issue-113 ● 21th May 2024, Tuesday ● Bhubaneswar

Licensed to post without pre-payment of postage No- BN-60/22-24

# ପୁରୀରେ ମୋଦିଙ୍କ ରୋଡ୍ ଶୋ' : ବଡ଼ଦାଣ୍ଡରେ ଜନସମାଗମ



**ପୁରୀ, ୨୦/୦୫**
**ନ୍ୟୁଜ ବ୍ୟୁରୋ**

ନିର୍ବାଚନ ପ୍ରଚାର ଉଦ୍ଦେଶ୍ୟରେ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଶ୍ରୀକ୍ଷେତ୍ର ପୁରୀରେ ବିଶାଳ ରୋଡ୍ ଶୋ' କରିଛନ୍ତି । ସକାଳେ ପ୍ରଧାନମନ୍ତ୍ରୀ ପୁରୀରେ ପହଞ୍ଚି ପ୍ରଥମେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ । ଏହା ପରେ ପ୍ରଧାନମନ୍ତ୍ରୀଙ୍କ ରୋଡ୍ ଶୋ' କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ମରିଚୀକୋଟ ଛକରୁ ଏହି ରୋଡ୍ ଶୋ' ଆରମ୍ଭ ହୋଇ ମେଡିକାଲ ଛକ ପର୍ଯ୍ୟନ୍ତ ଯାଇଥିଲେ । ପ୍ରଧାନମନ୍ତ୍ରୀଙ୍କୁ ଦେଖିବା ପାଇଁ ସକାଳୁ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା । ପ୍ରଧାନମନ୍ତ୍ରୀ ଏକ ଖୋଲା ଗାଡ଼ିରେ ଛିଡ଼ା ହୋଇ ଜନସାଧାରଣଙ୍କ ଅଭିବାଦନ ଗ୍ରହଣ କରିଥିଲେ । ବଡଦାଣ୍ଡର ଦୁଇପାର୍ଶ୍ୱରେ ହଜାର ହଜାର ସଂଖ୍ୟାରେ ଲୋକେ ଛିଡ଼ା ହୋଇ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇଥିଲେ ।

ଏହି ରୋଡ୍ ଶୋ' ସମୟରେ ପ୍ରଧାନମନ୍ତ୍ରୀଙ୍କ ସହିତ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ପୁରୀର ବିଜେପି ସାଂସଦ ପ୍ରାର୍ଥୀ ସମ୍ବିତ ପାତ୍ର ଏବଂ ବିଧାୟକ ପ୍ରାର୍ଥୀ ଜୟନ୍ତ ଷଡ଼ଙ୍ଗୀ ସାମିଲ ହୋଇଥିଲେ । ପ୍ରାୟ ଘଣ୍ଟାଏରୁ ଉର୍ଦ୍ଧ୍ୱ ସମୟ ଧରି ଏହି ରୋଡ ଶୋ' ଚାଲିଥିବା ବେଳେ ବାଟରେ ଦେଖିବାକୁ ମିଳିଥିଲା ଓଡ଼ିଶା ସଂସ୍କୃତିର ଝଲକ । କେଉଁଠି କଳାକାରମାନେ ପ୍ରଧାନମନ୍ତ୍ରୀଙ୍କ ସ୍ୱାଗତ ନିମନ୍ତେ ଗୋଟି ପୁଅ ନୃତ୍ୟ ତ କେଉଁଠି ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ । ପୁରୀ କାର୍ଯ୍ୟକ୍ରମ ଶେଷ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ନିର୍ବାଚନୀ ପ୍ରଚାର ନିମନ୍ତେ କଟକ ଓ ଅନୁଗୋଳ ଅଭିମୁଖେ ଯାଇଥିଲେ । ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ପାଇଁ ପୁରୀରେ ବ୍ୟାପକ ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ନିମନ୍ତେ ୬୩ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ ହୋଇଥିଲେ । ଯେଉଁଥିରେ ୩ ଏସ୍‌ପି ର୍ୟାଙ୍କର ଅଫିସର ମୁତୟନ ହୋଇଥିଲେ ।

ଏଥିସହ ୮ ଜଣ ଆଡିସିନାଲ୍ ଏସ୍‌ପି, ୨୨ ଜଣ ଡିଏସ୍‌ପି, ୪୨ ଜଣ ଇନିସ୍ପେକ୍ଟର, ୧୦୯ ଜଣ ସବ୍ ଇନିସ୍ପେକ୍ଟର, ୩୪ ଜଣ ହାବିଲ୍‌ଦାର, ୨୦୨ ଜଣ କନ୍‌ଷ୍ଟେବଲ, ୨୫୦ ହୋମଗାର୍ଡ ଆଦି ନିୟୋଜିତ ହୋଇଥିଲେ । ପ୍ରଧାନମନ୍ତ୍ରୀ ପୁରୀରେ ପହଞ୍ଚିବାର ଘଣ୍ଟାଏ ପୂର୍ବରୁ ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ ରହିବା ସହ ଟ୍ରାଫିକ କଟକଣା ମଧ୍ୟ ଜାରି କରାଯାଇଥିଲା । ରୋଡ ଶୋ' ପାଇଁ ମରିଚୀକୋଟ ଛକରୁ ମେଡିକାଲ ଛକ ଯାଏଁ ଓ ତାଳବଣିଆ ଛକରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ କଟକଣା ଜାରି କରାଯାଇଥିଲା । ଏଠାରେ ସୂଚନା ଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ମୋଦି ଗତ ୧୦ତାରିଖରେ ଭୁବନେଶ୍ୱରରେ ରୋଡ୍ ଶୋ' କରିବା ସହ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ୍ ମାଗିଥିଲେ ।

# ରାଜଧାନୀରେ ନବୀନଙ୍କ ମେଗା ରୋଡ୍ ଶୋ'

**ଭୁବନେଶ୍ୱର, ୨୦/୦୫**
**ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀ ପରେ ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଭୁବନେଶ୍ୱରରେ ରୋଡ୍ ଶୋ' କରିଛନ୍ତି । ଏଥର ଶ୍ରୀ ପଟ୍ଟନାୟକ ଏକାମ୍ର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପଳାସପଲ୍ଲୀ ଦେଇ ପୁନମା ଗେଟ୍ ଠାରୁ ରୋଡ୍ ଶୋ' ଆରମ୍ଭ କରିଥିଲେ ।

ମୁଖ୍ୟମନ୍ତ୍ରୀଙ୍କ ଏହି ରୋଡ୍ ଶୋ' ପାଇଁ ରାଜଧାନୀର ରାଜରାସ୍ତା ଜନସମୁଦ୍ର ପାଲଟିଥିଲା । ସନ୍ଧ୍ୟାରେ ନବୀନ ନିବାସରୁ ବାହାରିବା ପରେ, ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପୁନାମା ଗେଟ୍ ଫ୍ଲାଏଓଭରଠାରେ ପହଞ୍ଚିଥିଲେ । ସେଠାରେ ଉପସ୍ଥିତ ହଜାର ହଜାର ସଂଖ୍ୟାରେ ଜନତାଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବୋଧିତ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଆସନ୍ତା ଜୁଲାଇରୁ ବିଜୁଳି ବିଲ୍ ଆସିବନି । ବିଏସ୍‌କେୱାଇ କାର୍ଡ ସମସ୍ତଙ୍କୁ ମିଳିବ । ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ମିଶନ ଶକ୍ତି ମା'ମାନଙ୍କୁ ଭତ୍ତା ପ୍ରଦାନ କରାଯିବ । ସେହିପରି ଜଗନ୍ନାଥ ମନ୍ଦିର ଏବଂ ଶ୍ରୀ ଲିଙ୍ଗରାଜ ମନ୍ଦିର କାମ ଭଲ ଭାବରେ ଚାଲିଛି । ଆପଣମାନେ ଖୁସି ତ ? ଶଙ୍ଖ ଚିହ୍ନ ଭଲ କି ? ନବୀନ ପଟ୍ଟନାୟକ ଭଲ କି ବୋଲି ମଧ୍ୟ ପ୍ରଶ୍ନ କରିଥିଲେ । ଏହା ସହ




ଉଭୟ ସାଂସଦ ଏବଂ ବିଧାୟକ ପ୍ରାର୍ଥୀଙ୍କୁ ଜିତାଇବାକୁ ମଧ୍ୟ ଅପିଲ୍ କରିଥିଲେ ।

ସୂଚନାଥାଉକି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି ମେଗା ରୋଡ୍ ଶୋ' ପଳାସପଲ୍ଲୀରୁ ଆରମ୍ଭ ହୋଇଥିଲା । ସେଠାରୁ ଏକାମ୍ର ନିର୍ବାଚନ ମଣ୍ଡଳୀର ବିଭିନ୍ନ ରାସ୍ତା ଦେଇ ଏକାମ୍ର ଛକରେ ପହଞ୍ଚି ଥିଲା । ରୋଡ୍ ଶୋ' କାର୍ଯ୍ୟକ୍ରମ ଶେଷ ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ନିବାସକୁ ଫେରିଥିଲେ । ରୋଡ୍ ଶୋ' କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ବସ୍ ପଛରେ ସାଂସଦ ଓ ବିଧାୟକ ପ୍ରାର୍ଥୀ ଯଥାକ୍ରମେ ମନ୍ମଥ ରାଉତରାୟ ଓ ଅଶୋକ ଚନ୍ଦ୍ର ପଣ୍ଡା ଏବଂ ମେୟର ସୁଲୋଚନା ଦାସ ସାମିଲ ରହିଥିଲେ । *(ପୃଷ୍ଠା ୭ରେ)*

## ଇରାନରେ ୫ ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା

### ଭାରତରେ ମଇ ୨୧ରେ ଦିନିକିଆ ଶୋକ ପାଳନ କରାଯିବ

**ତେହେରାନ, ୨୦/୦୫**

ହେଲିକପ୍ଟର ଦୁର୍ଘଟଣାରେ ଇରାନର ରାଷ୍ଟ୍ରପତି ଇବ୍ରାହିମ ରାଇସିଙ୍କ ମୃତ୍ୟୁ ପରେ ଇରାନରେ ୫ ଦିନିଆ ରାଷ୍ଟ୍ରୀୟ ଶୋକ ପାଳନ କରାଯିବାକୁ ଘୋଷଣା କରାଯାଇଛି ଇରାନର ରାଷ୍ଟ୍ରପତି ଭବନରେ ଥିବା ତାଙ୍କ ଚେୟାରକୁ କଳା କପଡ଼ାରେ ଢାଙ୍କି ଦିଆଯାଇଛି । ଏହାର କାରଣ କେବଳ ଶୋକର ସଙ୍କେତ ନୁହେଁ, ବରଂ ଏକ ବିଶେଷ ଧାର୍ମିକ କାରଣ ମଧ୍ୟ । ରାଷ୍ଟ୍ରପତି ଇବ୍ରାହିମ ରାଇସିଙ୍କ ମୃତ୍ୟୁ ଘୋଷଣା ପରେ ଇରାନର କ୍ୟାବିନେଟ୍ ଏକ ଜରୁରୀ କାଳୀନ ବୈଠକ ଡାକିଥିଲା ଏବଂ ଏହା ପରେ ସମବେଦନା ବାର୍ତ୍ତା ଦେଇ କହିଛି ଯେ ରାଇସି ଦେଶର ସେବାରେ ସର୍ବୋଚ୍ଚ ବଳିଦାନ ଦେଇଛନ୍ତି । ଏହି ରିପୋର୍ଟ ସହ ଏକ ଫଟୋ ଜାରି କରାଯାଇଛି, ଯେଉଁଥିରେ ରାଇସିଙ୍କ ଚେୟାରକୁ କଳା କପଡ଼ାରେ ଢାଙ୍କି ଟେବୁଲ ଉପରେ ତାଙ୍କ ଫଟୋ ରଖାଯାଇଛି ।

ଏହା ପଛର କାରଣ ହେଉଛି ଇବ୍ରାହିମ ରାଇସିଙ୍କ ଶୋକ ଓ ଧାର୍ମିକ ନୀତି, ଯେଉଁଥିରେ ସେ ସବୁବେଳେ କଳା ପଗଡ଼ି ପିନ୍ଧିଥିଲେ । ବାସ୍ତବରେ ତାଙ୍କୁ ଇସଲାମ ଧର୍ମର ପ୍ରବର୍ତ୍ତକ ମହମ୍ମଦଙ୍କ ବଂଶଧର ବୋଲି ବିବେଚନା କରାଯାଏ । ସେଥିପାଇଁ ସେ ସବୁବେଳେ କଳା *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ଭାରତୀୟ ନ୍ୟାୟ ସଂହିତାର ସାମର୍ଥ୍ୟ ଯାଞ୍ଚ ପାଇଁ ବିଶେଷଜ୍ଞ କମିଟି ଗଠନ ଆବେଦନକୁ ଖାରଜ କଲେ ସୁପ୍ରିମକୋର୍ଟ

**ଜୁଲାଇ ୧ରୁ ଲାଗୁ ହେବ ନୂଆ ଆଇନ**




**ନୂଆଦିଲ୍ଲୀ, ୨୦/୦୫**

ଭାରତୀୟ ନ୍ୟାୟ ସଂହିତା ୨୦୨୩ ସମେତ ତିନୋଟି ନୂଆ ଅପରାଧିକ ଆଇନର କାର୍ଯ୍ୟକାରିତା ଯାଞ୍ଚ, ଆକଳନ, ଚିହ୍ନଟ ପାଇଁ ଏକ ବିଶେଷଜ୍ଞ କମିଟି ଗଠନ ପାଇଁ ନିର୍ଦ୍ଦେଶ ଦେବାକୁ ସୁପ୍ରିମକୋର୍ଟ ସୋମବାର ଅଗ୍ରାହ୍ୟ କରିଦେଇଛନ୍ତି ।

ଗତବର୍ଷ ଡିସେମ୍ବର ୨୧ତାରିଖରେ ସଂସଦରେ ୩ଟି ନୂଆ ଅପରାଧିକ ଆଇନ ଗୃହୀତ ହୋଇଥିଲା ଏବଂ ଡିସେମ୍ବର ୨୫ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହାକୁ ଅନୁମୋଦନ ଦେଇଥିଲେ । ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩, ଭାରତୀୟ ନ୍ୟାୟ ସଂହିତା ୨୦୨୩ ଏବଂ ଭାରତୀୟ ସାକ୍ଷ୍ୟ ସଂହିତା ୨୦୨୩ ନାମକ ଏହି ତିନୋଟି ଆଇନ ୨୦୨୪ ଜୁଲାଇ ପହିଲାରୁ କାର୍ଯ୍ୟକାରୀ ହେବ ।

ଏହି ଆଇନ ଯଥାକ୍ରମେ ଉପନିବେଶକାଳୀନ ଭାରତୀୟ ଦଣ୍ଡ ବିଧି, କ୍ରିମିନାଲ ପ୍ରୋସିଜିଓର କୋଡ୍ ଏବଂ ୧୮୭୨ର ଭାରତୀୟ ପ୍ରମାଣ ଆଇନର ସ୍ଥାନ ନେବ । ଏହି ତିନୋଟି ଆଇନର ଉଦ୍ଦେଶ୍ୟ ହେଉଛି ଦେଶର ଅପରାଧିକ ନ୍ୟାୟ ବ୍ୟବସ୍ଥାରେ ବିଭିନ୍ନ ଅପରାଧର ସଂଜ୍ଞା ଏବଂ ସେମାନଙ୍କ ଦଣ୍ଡକୁ ସମ୍ପୂର୍ଣ୍ଣ ରୂପେ ସଂଶୋଧନ କରିବା ।

ଚଳିତ ବର୍ଷ ଏପ୍ରିଲ ୨୦ ତାରିଖରେ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ କହିଥିଲେ ଯେ ନୂଆ ଅପରାଧିକ ଆଇନ ପ୍ରଣୟନ ଏକ ସୂଚକ ଯେ ଭାରତ ବଦଳୁଛି *(ପୃଷ୍ଠା ୭ରେ)*

# ଦ୍ୱିତୀୟ ପର୍ଯ୍ୟାୟରେ ୬୦.୭୦% ଭୋଟିଂ : ସିଇଓ



**ଭୁବନେଶ୍ୱର, ୨୦/୦୫**
**ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ସୋମବାର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଶେଷ ହୋଇଛି । ଶେଷ ତଥ୍ୟ ସୁଦ୍ଧା ମୋଟ ୬୦.୭୦% ଭୋଟିଂ ରେକର୍ଡ ହୋଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଆସିକା ଲୋକସଭା କ୍ଷେତ୍ରରେ ୫୫.୬୫%, ବରଗଡ଼ରେ ୬୬.୧୪%, ବଲାଙ୍ଗୀରରେ ୬୧.୩୫%, କନ୍ଧମାଳରେ ୫୭.୪୬% ଓ ସୁନ୍ଦରଗଡ଼ରେ ୬୧.୫୩% ପ୍ରତିଶତ ମତଦାନ ହୋଇଛି । ୫ଟା ସୁଦ୍ଧା ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀରେ ୫୩.୧୬%, ହିଞ୍ଜିଳିରେ ୫୭.୨୧%, କବିସୂର୍ଯ୍ୟନଗରରେ ୫୬.୬୬%, ଖଲ୍ଲିକୋଟରେ ୫୮.୨୩%, ପୋଲସରାରେ ୫୮.୬୬%, ସାନଖେମୁଣ୍ଡିରେ ୫୭.୩୯%, ସୋରଡ଼ାରେ ୪୭.୮୦% ମତଦାନ ହୋଇଛି । ସେହିପରି ଅତାବିରାରେ ୬୭.୦୦%, ବରଗଡ଼ରେ ୬୫.୧୧%, ଭଟଲିରେ ୬୫.୨୩%, ବିଜେପୁରରେ ୬୪.୮୦%, ବ୍ରଜରାଜନଗରରେ ୬୭.୪୨%, ଝାରସୁଗୁଡ଼ା ୬୮.୩୭%, ପଦ୍ମପୁର ୬୫.୩୨% ମତଦାନ ହୋଇଛି । ସେହିପରି ବୀରମିତ୍ରପୁରରେ ୬୮.୬୧%, ବଣାଇରେ ୬୮.୮୫%, ରଘୁନାଥପାଲ୍ଲିରେ ୫୮.୨୫%, ରାଜଗାଙ୍ଗପୁରରେ ୫୭.୫୮%, ରାଉରକେଲାରେ ୫୫.୧୬%, ସୁନ୍ଦରଗଡ଼ରେ ୬୨% ଓ ତଳସରାରେ ୫୯% ମତଦାନ ହୋଇଛି ।

ବିଭିନ୍ନ ସ୍ଥାନରେ ଚାଲିଥିବା ଭୋଟିଂ ପ୍ରକ୍ରିୟା ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରେସମିଟ୍‌ରେ କହିଛନ୍ତି, *(ପୃଷ୍ଠା ୭ରେ)*

# ୫ମ ପର୍ଯ୍ୟାୟରେ ଅପରାହ୍ଣ ୫ଟା ସୁଦ୍ଧା ୫୬.୬୮% ମତଦାନ

**ନୂଆଦିଲ୍ଲୀ, ୨୦/୦୫**

ଲୋକସଭା ନିର୍ବାଚନ ୨୦୨୪ର ପଞ୍ଚମ ପର୍ଯ୍ୟାୟରେ ସୋମବାର ଅପରାହ୍ଣ ୫ଟା ସୁଦ୍ଧା ୪୯ଟି ଆସନରେ ୫୬.୬୮% ମତଦାନ ହୋଇଛି । ଏହା ମଧ୍ୟରୁ ବିହାରରେ ୫୨.୩୫ ପ୍ରତିଶତ, ଜମ୍ମୁ-କଶ୍ମୀରରେ ୫୪.୨୧ ପ୍ରତିଶତ, ଝାଡ଼ଖଣ୍ଡରେ ୬୧.୯୦ ପ୍ରତିଶତ, ଲଦାଖରେ ୬୭.୧୫ ପ୍ରତିଶତ, ମହାରାଷ୍ଟ୍ରରେ ୪୮.୬୬ ପ୍ରତିଶତ, ଓଡ଼ିଶାରେ ୬୦.୫୫ ପ୍ରତିଶତ, ଉତ୍ତରପ୍ରଦେଶରେ ୫୫.୮୦ ପ୍ରତିଶତ ଏବଂ ପଶ୍ଚିମବଙ୍ଗରେ ୭୩ ପ୍ରତିଶତ ମତଦାନ ହୋଇଛି । ୫ଟା ପରେ ବି ଅନେକ ମତଦାନ କେନ୍ଦ୍ର ପରିସରରେ ଲୋକମାନେ ଧାଡ଼ି ବାନ୍ଧି ଭୋଟ ଦେବାକୁ ଅପେକ୍ଷା କରିରହିଥିବାରୁ ଚୂଡ଼ାନ୍ତ ଭୋଟପ୍ରତିଶତ ବଢ଼ିପାରେ । ତେବେ ନିର୍ବାଚନ କମିଶନଙ୍କ ପକ୍ଷରୁ ଚୂଡ଼ାନ୍ତ ଭୋଟ ପ୍ରତିଶତ ଜାରି ହେବାକୁ ଆଉ କିଛି ଦିନ ଲାଗିପାରେ । ସୂଚନାଯୋଗ୍ୟ



ଯେ ୫ମ ପର୍ଯ୍ୟାୟରେ ସୋମବାର ୮ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ୪୯ଟି ଆସନରେ ଭୋଟଗ୍ରହଣ ହୋଇଥିଲା । ଓଡ଼ିଶା ପାଇଁ ଏକ ୨ୟ ପର୍ଯ୍ୟାୟ ନିର୍ବାଚନ ହୋଇଥିବାବେଳେ ଏହି ପର୍ଯ୍ୟାୟରେ ୫ଟି ଲୋକସଭା ଆସନ-ଆସ୍କା, କନ୍ଧମାଳ, ବଲାଙ୍ଗୀର, ବରଗଡ଼ ଓ ସୁନ୍ଦରଗଡ଼ ପାଇଁ ଭୋଟଗ୍ରହଣ ହୋଇଥିଲା । ଏସବୁ ଲୋକସଭା କ୍ଷେତ୍ର ଅଧିନରେ ଆସୁଥିବା ୩୫ ବିଧାନସଭା ଆସନ ପାଇଁ ବି ଭୋଟଗ୍ରହଣ ହୋଇଥିଲା ।

# ପୁରୀରେ କାର୍ତ୍ତିକ ପାଣ୍ଡିଆନଙ୍କ ରୋଡ ଶୋ'

**ଭୁବନେଶ୍ୱର, ୨୦।୫**
**ନ୍ୟୁଜ୍‌ବ୍ୟୁରୋ**

ସୋମବାର ଶ୍ରୀକ୍ଷେତ୍ର ପୁରୀରେ ବିଶାଳ ରୋଡ୍ ଶୋ' କରିଛନ୍ତି ୫-ଟି ଅଧ୍ୟକ୍ଷ ତଥା ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ । ରୋଡ୍ ଶୋ' ଆରମ୍ଭ କରିବା ପୂର୍ବରୁ ଶ୍ରୀ ପାଣ୍ଡିଆନ ପ୍ରଥମେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ । ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀ ପାଣ୍ଡିଆନ ରୋଡ୍ ଶୋ' କରିଥିଲେ । ଏହି ଅବସରରେ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି ସେ କହିଥିଲେ, ଓଡ଼ିଶାର ବିକାଶ ପାଇଁ ଦିନରାତି କାମ କରୁଥିବା ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆପଣମାନେ ଆଶୀର୍ବାଦ କରନ୍ତୁ । ସେ ଆଗକୁ ଆପଣମାନଙ୍କ ବିକାଶ ପାଇଁ ଆହୁରି ଅଧିକ ଭଲ କାମ କରିବେ । ନିର୍ବାଚନ ପରିପ୍ରେକ୍ଷୀରେ ଓଡ଼ିଶାକୁ ଆସୁଥିବା ନେତାମାନେ ମିଛ ଓ ଅପପ୍ରଚାର କରୁଛନ୍ତି । ନିର୍ବାଚନ ସରିଲା ପରେ ଆଉ




ସେମାନଙ୍କର ଦେଖା ମିଳିବ ନାହିଁ । ଓଡ଼ିଶା ଲୋକେ ଭଲଭାବେ ଜାଣିଛନ୍ତି ତାଙ୍କ ପାଇଁ କୋଉ ସରକାର କାମ କରୁଛି । କେବଳ ନବୀନ ସରକାର ହିଁ ଓଡ଼ିଶାର ଓ ଓଡ଼ିଶାବାସୀଙ୍କ ସେବା କରିଚାଲିଛନ୍ତି । ତେଣୁ ଆଗାମୀ ନିର୍ବାଚନରେ ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଯୋଡ଼ି ଶଙ୍ଖ ଚିହ୍ନରେ ଭୋଟ୍ ଦେଇ ବିପୁଳ *(ପୃଷ୍ଠା ୭ରେ)*

## ଏକାଳ ସକାଳ



ଅଧାରାଇଜରେ ସରିଲା ଭୋଟ୍
ନେତାଙ୍କର ଘୁରେ ମୁଣ୍ଡ
ତୃତୀୟ ପର୍ଯ୍ୟାୟ ପାଇଁ କି ନେତାଏ
ହେଉଥାନ୍ତି ଖାଲିରୁଣ୍ଡ
ବକି ଚାଲେ ତାଙ୍କ ତୁଣ୍ଡ
ଦେଖିବା କାହାର ଭାଗ୍ୟ ଥିବ ଗୋଟା
କାହାର ହୋଇ ଗୁଣ୍ଡ

# ଛତିଶଗଡ଼ର କୱାର୍ଦ୍ଧାରେ ପିକ୍ ଅପ୍ ଗାଡ଼ି ଓଲଟି ପଡ଼ିବାରୁ ୧୭ ମୃତ



**ରାୟପୁର, ୨୦/୦୫**
**ନ୍ୟୁଜ ବ୍ୟୁରୋ**

ଛତିଶଗଡ଼ର କୱାର୍ଦ୍ଧା ଅଞ୍ଚଳରେ ଏକ ପିକଅପ୍ ଗାଡି ଓଲଟି ପଡ଼ିବାରୁ ୧୭ ଜଣଙ୍କର ମୃତ୍ୟୁ ଘଟିଛି । ବୈଗା ଆଦିବାସୀ ସମ୍ପ୍ରଦାୟର ୨୫ରୁ ୩୦ ଜଣ ଲୋକ ପାରମ୍ପରିକ କେନ୍ଦୁପତ୍ର ସଂଗ୍ରହ କରିସାରି ଏକ ପିକ୍ ଅପ୍ ଟ୍ରକ୍‌ରେ ନିଜ ନିଜର ଘରକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି । ଗାଡ଼ିଟି ବାହପାଣି ଅଞ୍ଚଳ ନିକଟରେ ଏକ ୨୦ ଫୁଟ ଗଭୀର ଖାଇକୁ ଖସି ପଡ଼ିବାରୁ ଏହି ଦୁର୍ଘଟଣା ଘଟିଛି । ଆହତମାନଙ୍କୁ ଅଧିକ ଚିକିତ୍ସା ପାଇଁ ନିକଟସ୍ଥ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ସମସ୍ତେ କୁଇର ବାସିନ୍ଦା ବୋଲି କୁହାଯାଉଛି । ବେଗା ସମ୍ପ୍ରଦାୟ ବିଡ଼ି ତିଆରି ବ୍ୟବସାୟରେ ସଂପୃକ୍ତ, ଯେଉଁଥିପାଇଁ ସେମାନେ କେନ୍ଦୁପତ୍ର ସଂଗ୍ରହ କରନ୍ତି । କେନ୍ଦୁପତ୍ର ମାର୍ଚ୍ଚ ମାସରୁ ବାହାରି ମେ' ମାସରେ ସଂଗ୍ରହ କରାଯାଏ । ଏହି ପତ୍ରକୁ ବିଡ଼ି ପ୍ରସ୍ତୁତି ପାଇଁ ବ୍ୟବହାର କରାଯାଏ । ଦୁର୍ଘଟଣା ଘଟିବା ପରେ ପ୍ରଥମେ ସ୍ଥାନୀୟ ଜନସାଧାରଣ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ପରେ ଘଟଣା ସ୍ଥଳରେ ପୋଲିସ ପ୍ରଶାସନ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରୀ ରଖିଥିଲା । ଆହତ ମାନଙ୍କୁ ତୁରନ୍ତ ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାକୁ ପଠାଯାଇଥିଲା ।

## ସମ୍ଭାବ୍ୟ ଲଘୁଚାପ ପାଇଁ ମତ୍ସ୍ୟଜୀବୀଙ୍କୁ ୨୩ରୁ ସମୁଦ୍ର ମନା : ଏସଆରସି



**ଭୁବନେଶ୍ୱର, ୨୦/୦୫**
**ନ୍ୟୁଜ ବ୍ୟୁରୋ**

ସମ୍ଭାବ୍ୟ ଲଘୁଚାପ ଯୋଗୁଁ ମତ୍ସ୍ୟଜୀବୀଙ୍କ ପାଇଁ ସତର୍କ ସୂଚନା ଜାରି ହୋଇଛି । ୨୩ରୁ ସମୁଦ୍ର ମନା । ଏ ନେଇ ଏସଆରସିଙ୍କ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ୨୨ ମେ'ରେ ବଙ୍ଗୋପସାଗରରେ ସୃଷ୍ଟି ହେବ ଲଘୁଚାପ । ଏହାର ପ୍ରଭାବରେ ଘଣ୍ଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ବୋହିବାର ସମ୍ଭାବନା ରହିଛି । ଝଟକା ପବନର ଗତି ୬୦କିମି ଘଣ୍ଟା ପ୍ରତି ହେବାର ଅନୁମାନ କରାଯାଇଛି । ୨୪ ସକାଳୁ ଏହା ଅବପାତର ରୂପ ନେବାର ସମ୍ଭାବନା ରହିଛି । ସେତେବେଳେ ପବନର ଗତି ଘଣ୍ଟାକୁ ୫୦ରୁ ୬୦ ଓ ସ୍ଥଳବିଶେଷରେ ୭୦ କିମି ଛୁଇଁପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ୨୩ ତାରିଖ ସକାଳୁ ମତ୍ସ୍ୟଜୀବୀଙ୍କୁ କେନ୍ଦ୍ରୀୟ ଓ ଉତ୍ତର ବଙ୍ଗୋପସାଗର ନଯିବାକୁ ପରାମର୍ଶ ଦିଆଯାଇଛି । ସମୁଦ୍ରରେ ଥିବା ମତ୍ସ୍ୟଜୀବୀଙ୍କୁ ୨୩ ପୂର୍ବରୁ କୂଳକୁ ଫେରି ଆସିବାକୁ କୁହାଯାଇଛି ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୧ ମଇ ୨୦୨୪ ମଙ୍ଗଳବାର





# ଏପ୍ରିଲରେ ୧୧,୬୫୬ ୟୁନିଟ୍ ଟ୍ରାକ୍ଟର ବିକ୍ରି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭାରତର ୧ ନମ୍ବର ଟ୍ରାକ୍ଟର ରପ୍ତାନିକାରୀ ବ୍ରାଣ୍ଡ୍ 'ସୋନାଲିକା'ର ମାସିକ ବିକ୍ରି ଫଳାଫଳ ନିକଟରେ ଘୋଷଣା କରାଯାଇଛି। କମ୍ପାନୀର ଘୋଷଣା ଅନୁଯାୟୀ ୨୦୨୪ ଏପ୍ରିଲରେ ବ୍ରାଣ୍ଡ୍ ମୋଟ ୧୧,୬୫୬ ୟୁନିଟ୍ ବିକ୍ରି କରିଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ଅପ୍ରତ୍ୟାଶିତ ସଫଳତା ପରେ ବ୍ରାଣ୍ଡ୍ ଏକ ଉନ୍ନତ ପ୍ଲାଟ୍‌ଫର୍ମ ସହ ୨୦୨୪-୨୫ ଆର୍ଥିକ ବର୍ଷର ଯାତ୍ରା ଆରମ୍ଭ କରିବା ପାଇଁ ଉତ୍ସାହିତ ଅଛି। ଉଲ୍ଲେଖଯୋଗ୍ୟ, କମ୍ପାନୀ ବାର୍ଷିକ ଆଧାରରେ ମୋଟ ୧୧,୬୫୬ ୟୁନିଟ୍ ଟ୍ରାକ୍ଟର ବିକ୍ରି କରିଥିବା ବେଳେ ବଜାର ଅଂଶ ହାସଲ କରିବା ମଧ୍ୟ ଜାରି ରଖିଛି। ଅପରପକ୍ଷରେ ସୋନାଲିକାର ହୋସିଆରପୁରସ୍ଥିତ ପ୍ଲାଣ୍ଟରୁ ଉପତ୍ାଦିତ ଅଭିନବ ଟ୍ରାକ୍ଟରଗୁଡ଼ିକ କୃଷକଙ୍କ ପାଇଁ ଉପତ୍ାଦକତା ଓ ଲାଭ ପ୍ରଦାନ କରିବା ଦୃଷ୍ଟିରୁ ଉତ୍କର୍ଷ ପ୍ରଦର୍ଶନକରି ଆସୁଛି। ବ୍ରାଣ୍ଡ୍‌ର ହେଭି ଟ୍ରାକ୍ଟର ରେଞ୍ଜ ଗୁଣବତ୍ତା ଓ କାର୍ଯ୍ୟଦକ୍ଷତାର ଉପଯୁକ୍ତ ସମ୍ମିଶ୍ରଣ ସୃଷ୍ଟିକରିବା ସହ ସୋନାଲିକାର ଗୁରୁତ୍ୱ କମ୍ପାନୀକୁ ଭାରତରେ ୩ୟ ସର୍ବବୃହତ୍ ଟ୍ରାକ୍ଟର ବ୍ରାଣ୍ଡ୍‌ର ସ୍ଥିତିକୁ ଦୃଢ଼ତାର ସହ ସୁରକ୍ଷିତ ରଖିବା ପାଇଁ ସକ୍ଷମ କରିଛି। ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ବଜାର ଅଂଶରେ ବୃଦ୍ଧି ସହ ୨୦୨୪ ଏପ୍ରିଲରେ ମୋଟ ୧୧,୬୫୬ ୟୁନିଟ୍ ଟ୍ରାକ୍ଟର ବିକ୍ରି ସହ ୨୦୨୪-୨୫ ଆର୍ଥିକ ବର୍ଷର ଯାତ୍ରାକୁ ଆରମ୍ଭ କରିବା ପାଇଁ ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ଆଡ୍‌ଭାନ୍ସଡ୍ ହେଭି ଡ୍ୟୁଟି ଟ୍ରାକ୍ଟର ସିରିଜ ନିରନ୍ତର ଭାବେ କୃଷକମାନଙ୍କୁ ନୂଆ ସୁଯୋଗଗୁଡ଼ିକର ଏକ ଦୁନିଆ ଆଡ଼କୁ ଅଗ୍ରସର କରୁଛି।

# ଓଡ଼ିଶାରେ ବଢ଼ିଲା ବାଘ ସଂଖ୍ୟା: ଅଛନ୍ତି ୩୦ଟି ବାଘ ଓ ୮ଟି ଛୁଆ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶିମିଳିପାଳରେ ୧୧ଟି ମହାବଳ ଓ ୧୩ଟି ମେଲାନିଷ୍ଟିକ୍ ଟାଇଗର(କଳା ବାଘ)କୁ ମିଶାଇ ମୋଟ ୨୪ଟି ବାଘ କ୍ୟାମେରାରେ କଏଦ ହୋଇଛନ୍ତି। ଏହାବ୍ୟତୀତ ଆଉ ୩ଟି ମହାବଳଙ୍କ ଉପସ୍ଥିତି ସମ୍ପର୍କରେ ପର୍ଯ୍ୟାପ୍ତ ପ୍ରମାଣ ରହିଥିଲେ ମଧ୍ୟ ସେମାନେ କ୍ୟାମେରା ଟ୍ରାପ୍‌କୁ ଆସି ନାହାନ୍ତି। ୧୧ଟି ମହାବଳଙ୍କ ମଧ୍ୟରୁ ୭ଟି ମାଇ ଓ ୪ଟି ଅଣ୍ଡିରା ଏବଂ ୧୩ଟି କଳା ବାଘ ମଧ୍ୟରୁ ୭ଟି ମାଇ ଓ ୬ଟି ଅଣ୍ଡିରା ରହିଛନ୍ତି। ୨୭ଟି ବାଘଙ୍କ ମଧ୍ୟରେ ୮ଟି ଛୁଆ ରହିଛନ୍ତି। ୭ଟି ଛୁଆଙ୍କ ବୟସ ୧ ବର୍ଷରୁ କମ୍ ହୋଇଥିବା ବେଳେ ଗୋଟିଏର ବୟସ ଏକ ବର୍ଷରୁ ଅଧିକ। ଶିମିଳିପାଳ ବ୍ୟତୀତ ରାଜ୍ୟର ଆଉ ୩ଟି ସ୍ଥାନରେ ମହାବଳ ଦୃଶ୍ୟମାନ ହୋଇଛନ୍ତି। କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡ, ପାରଳାଖେମୁଣ୍ଡି ଜଙ୍ଗଲ ଓ ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡରେ ଗୋଟିଏ ଲେଖାଏଁ ମହାବଳ ରହିଥିବା ରାଜ୍ୟ ସରକାରଙ୍କ ବାଘ ଗଣନା ରିପୋର୍ଟରୁ ଜଣାପଡ଼ିଛି। ସାରା ରାଜ୍ୟରେ ବାଘ ଗଣନା ସମୟରେ ୨୭ଟି ବୟସ୍କ ବାଘ କ୍ୟାମେରା ଟ୍ୟାପ୍‌କୁ ଆସିଥିଲେ। ଯେଉଁଥିରେ ୧୪ଟି ମାଇ ଓ ୧୩ଟି ଅଣ୍ଡିରା ରହିଛନ୍ତି। ଏହାବ୍ୟତୀତ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ଆଉ ୩ଟି ମହାବଳ ବାଘ ରହିଥିବାର ପ୍ରମାଣ ଲାଗିଛି। ମାତ୍ର ସେମାନେ କ୍ୟାମେରା ଟ୍ୟାପ୍‌କୁ ଆସିପାରି ନାହାନ୍ତି। ରାଜ୍ୟର ସମସ୍ତ ମାଇ ବାଘ କେବଳ ଶିମିଳିପାଳରେ ହିଁ ରହିଛନ୍ତି। ଓଡ଼ିଶାର ଅନ୍ୟ କୌଣସି ଅଭୟାରଣ୍ୟ କିମ୍ବା ଜଙ୍ଗଲରେ ମାଇ ବାଘ ଦେଖାଯାଇ ନାହାନ୍ତି। ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟ ବାଘ ଶୂନ୍ୟ ରହିଛି। ଓଡ଼ିଶାରେ ମୋଟ ବାଘ ସଂଖ୍ୟା ୩୦। ଏହା ସହ ଅଛନ୍ତି ଆଉ ୮ଟି ଛୁଆ। ଗତ ୨୦୨୨ରେ ରାଜ୍ୟରେ ଥିଲେ ୨୦ଟି ବାଘ। ଅଲ ଓଡିଶା ଟାଇଗର ଏଷ୍ଟିମେସନ ଅନୁସାରେ ୧୪ଟି ବାଘୁଣୀ ଓ ୧୩ଟି ବାଘଙ୍କୁ କ୍ୟାମେରା ଜରିଆରେ ଠାବ କରାଯାଇଥିବାବେଳେ ଆଉ ୩ଟି ବାଘ ଶିମିଳିପାଳରେ ଥିବା ସୂଚନା ମିଳିଛି। ଏହି ୩ଟି ବାଘଙ୍କୁ କ୍ୟାମେରା ଜରିଆରେ ଠାବ କରାଯାଇ ପାରିନାହିଁ। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ୨୪ଟି, କେନ୍ଦୁଝର ଡିଭିଜନରେ ଗୋଟିଏ, ପାରଳାଖେମୁଣ୍ଡି ଡିଭିଜନରେ ଗୋଟିଏ, ହୀରାକୁଦ ଡିଭିଜନରେ ଗୋଟିଏ ବାଘ ଥିବା ଜଣାଯାଇଛି। ରାଜ୍ୟରେ ବାଘ ଗଣନା ଲାଗି ମୋଟ ୧୪୩୨ଟି କ୍ୟାମେରା ବ୍ୟବହୃତ ହୋଇଥିବାବେଳେ ୨୦୨୩ ଅକ୍ଟୋବର ୧୫ରୁ ଗତ ୧୦ ଫେବ୍ରୁୟାରୀ ଯାଏ କ୍ୟାମେରା ଜରିଆରେ ବାଘଙ୍କ ଗତିବିଧି ଲକ୍ଷ୍ୟ କରାଯାଇଥିଲା। ବାଘ ଗଣନା ପ୍ରକ୍ରିୟା ୪୭ଟି ଡିଭିଜନରେ କରାଯାଇଥିଲା। କ୍ୟାମେରାରେ ୫୬୭ଟି ଫଟୋଗ୍ରାଫ ଉଠାଯାଇଥିବାବେଳେ ମୋଟ ବାଘ ସଂଖ୍ୟା ୩୦ ଓ ବାଘଛୁଆ ସଂଖ୍ୟା ୮ ବୋଲି ଜଣାଯାଇଛି। ରାଜ୍ୟରେ ବାଘ ସଂଖ୍ୟା ବୃଦ୍ଧି ନେଇ ଖୁସି ବ୍ୟକ୍ତ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସେ କହିଛନ୍ତି- ବାଘମାନଙ୍କ ଲାଗି ଓଡ଼ିଶା ବର୍ତ୍ତମାନ ଅନୁକୂଳ ପରିବେଶ ସୃଷ୍ଟି କରିଛି। କେନ୍ଦ୍ରୀୟ ଭାରତ ଓ ପୂର୍ବଘାଟ ଅଞ୍ଚଳରେ ଆସୁଥିବା ଓଡ଼ିଶାରେ ଗୋଟିଏ ଜାତୀୟ ପାର୍କ, ଗୋଟିଏ ପ୍ରସ୍ତାବିତ ଜାତୀୟ ପାର୍କ ଓ ୧୯ଟି ବନ୍ୟପ୍ରାଣୀ ଅଭୟାରଣ୍ୟ ରହିଛି। ୨୦୨୨ କେନ୍ଦ୍ର ସରକାରଙ୍କ ବ୍ୟାଘ୍ର ଗଣନା ଅନୁଯାୟୀ ଓଡ଼ିଶାରେ ୧୭ଟି ବାଘ କ୍ୟାମେରାରେ କଏଦ ହୋଇଥିଲେ। ଏଥର ରାଜ୍ୟ ସରକାରଙ୍କ ପକ୍ଷରୁ ୪୭ଟି ଫରେଷ୍ଟ ଡିଭିଜନ୍(ଭଦ୍ରକ, ରାଜନଗର ଫରେଷ୍ଟ ଡିଭିଜନ୍, ପୁରୀ ଓ ଚିଲିକା ବ୍ୟତୀତ)ରେ ଓଡ଼ିଶା ବ୍ୟାଘ୍ର ଗଣନା କରାଯାଇଥିଲା। ବାଘଙ୍କ ପଦଚିହ୍ନ, ରାମ୍ପୁଡ଼ା ଚିହ୍ନ, ମଳ, ପଞ୍ଝା ଚିହ୍ନ, ପରିସ୍ରା, ଗର୍ଜନ ଓ ଲାଇଭ୍‌ଷ୍ଟକ ଡିପ୍ରେଡେସନ୍ ଆଦି ଆଧାରରେ ଚଳିତବର୍ଷର ଗଣନା ହୋଇଛି। ଓଡ଼ିଶା ଜଙ୍ଗଲରେ ମୋଟ ୧୪୩୨ଟି କ୍ୟାମେରା ଲଗାଯାଇଥିଲା। ଅକ୍ଟୋବର ୧୫ରୁ ଫେବ୍ରୁଆରି ୧୦ ମଧ୍ୟରେ କ୍ୟାମେରା ଲଗାଯାଇ ଗଣନା ହୋଇଥିଲା। ମୋଟ ଉପରେ ବାଘଙ୍କ ୫୬୭ଟି ଫଟୋ କ୍ୟାମେରାରେ ଦୃଶ୍ୟମାନ ହେବା ପରେ ତାହାର ସମୀକ୍ଷା କରାଯାଇଥିଲା।

# ବର୍ଷକରେ ଡାଲି ୩୧ ପ୍ରତିଶତ ମହଙ୍ଗା : ୧୬୫ ଛୁଇଁଲା ହରଡ଼

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ସମ୍ପ୍ରତି ଘରୋଇ ବଜାରରେ ଦରଦାମ୍ ବୃଦ୍ଧି ବଡ଼ ପ୍ରସଙ୍ଗ ପାଲଟିଛି। ବର୍ତ୍ତମାନର ନିର୍ବାଚନୀ ଋତୁରେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ଯେଉଁଭଳି ରହିଛି ସେଥିରେ ଖାଉଟିଙ୍କ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି। କାରଣ ବିଭିନ୍ନ ସାମଗ୍ରୀର ଉଚ୍ଚ ଦରଦାମ୍‌କୁ ନେଇ ଖାଉଟିଙ୍କ ଚିନ୍ତା ହଟି ନ ଥିବାବେଳେ ଏବେ ଡାଲି ଦର ବଢ଼ିବାରେ ଲାଗିଛି। ଏମିତିକି ମାତ୍ର ବର୍ଷକ ମଧ୍ୟରେ ଘରୋଇ ବଜାରରେ ଡାଲି ଦରରେ ୩୧ ପ୍ରତିଶତ ବୃଦ୍ଧି ଘଟିଛି। ତେବେ ଚଳିତବର୍ଷର ଡାଲି ଫସଲ କେତେକାଂଶରେ ଅନୁକୂଳ ବର୍ଷା ଉପରେ ନିର୍ଭର କରୁଛି। ଯଦି ଗତ ଥର ଭଳି ଏଥର ଜଳବାୟୁ ଭଲ ନ ରୁହେ ତେବେ ଡାଲି ଫସଲ କ୍ଷତିଗ୍ରସ୍ତ ହେବ। ଏହାହେଲେ ଆଗାମୀ ଦିନରେ ବଜାରରେ ଡାଲି ଦର ଆହୁରି ବୃଦ୍ଧି ଘଟିବ। ଖୁଚୁରା ବଜାରରେ ଡାଲି ଦର ହୁ ହୁ ହୋଇ ବଢ଼ିଚାଲିଛି। ନିର୍ବାଚନ ସମୟରେ ଡାଲି ଦର ବୃଦ୍ଧି ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ପାଇଁ ଚିନ୍ତାର କାରଣ ସାଜିଛି। କେବଳ ଗୋଟିଏ ବର୍ଷରେ ହରଡ ଡାଲି ଦର କିଲୋ ପିଛା ୩୧ ପ୍ରତିଶତ ବୃଦ୍ଧି ପାଇଛି। କେବଳ ହରଡ ଡାଲି ନୁହେଁ, ବିରି ଡାଲି ମୂଲ୍ୟ ମଧ୍ୟ ପ୍ରାୟ ବର୍ଷକ ମଧ୍ୟରେ ୧୫ ପ୍ରତିଶତ ବୃଦ୍ଧି ଘଟିଛି। ଘରୋଇ ବଜାରରେ ଖାଉଟିଙ୍କ ଡାଲି ଚାହିଦା ପୂରଣ କରିବା ପାଇଁ ୧୯୮୧ ପରଠାରୁ ଦେଶ ଡାଲି ଆମଦାନୀ କରିଆସୁଛି। ଆମର ବାର୍ଷିକ ଡାଲି ଚାହିଦାର ପ୍ରାୟ ୧୦ ପ୍ରତିଶତ ତାଞ୍ଜାନିଆ, ମୋଜାମ୍ବିକ ଏବଂ ମିଆଁମାର ଭଳି ଦେଶରୁ ଆସିଥାଏ। ଡାଲି ଚାଷ ସାଧାରଣତଃ ଜଳସେଚନ ମାଧ୍ୟମରେ କରାଯାଏନାହିଁ। ଏଭଳି ପରିସ୍ଥିତିରେ ମୌସୁମୀ ସମୟ ଆସିବା ଏବଂ ଯିବା ଜରୁରୀ। ଯେ କୌଣସି ପରିବର୍ତ୍ତନ ଅମଳ ଉପରେ ବହୁ ପରିମାଣରେ ପ୍ରଭାବ ପକାଇପାରେ। ଏହାଛଡା ଗତ ଥର ରୋଗ ଫସଲ ଡାଲି ଉତ୍ପାଦନକୁ ପ୍ରଭାବିତ କରିଥିଲା। ବର୍ତ୍ତମାନ ଘରୋଇ ବଜାରରେ ହରଡ ଡାଲି କିଲୋ ପିଛା ଦର ୧୬୫ରୁ ୧୭୦ ଟଙ୍କା ରହିଛି। ଆଗକୁ ଦର ଆହୁରି ବଢ଼ିବପାରେ। ଡାଲି ଦର ବୃଦ୍ଧି ଉପରେ ମତ ରଖି ଓଡ଼ିଶା ରାଜ୍ୟ ବ୍ୟବସାୟୀ ସଂଘର ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି ଯେ, ଡାଲି ଦର ବୃଦ୍ଧି ପାଇଁ କର୍ପୋରେଟ୍ ସଂସ୍ଥା ଦାୟୀ। କର୍ପୋରେଟ୍ ସଂସ୍ଥାଗୁଡ଼ିକ ଅଧିକ ମାତ୍ରାରେ ସାମଗ୍ରୀ ମହଜୁଦ କରି ଯେଉଁଭଳି ଭାବେ ମନମାନୀ କରୁଛନ୍ତି ସେଥିରେ ଖୁଚୁରା ବଜାରରେ ଦର ବୃଦ୍ଧି ଘଟୁଛି। ହରଡ଼ ଡାଲି ଦରବୃଦ୍ଧିରେ ଲଗାମ ଲାଗୁନାହିଁ। ଦର ନିୟମିତ ବ୍ୟବଧାନରେ ବଢ଼ି ଅଣାୟତ୍ତ ସ୍ତରକୁ ଗଲାଣି। ଗତ ୩ରୁ ୪ ଦିନ ମଧ୍ୟରେ ଏହାର ଦାମ୍ କ୍ୱିଣ୍ଟାଲ ପିଛା ୫୦୦ ଟଙ୍କା/କିଲୋଗ୍ରାମ ପିଛା ୫ ଟଙ୍କା ବଢ଼ିଯାଇଛି। ପୂର୍ବରୁ ବିଭିନ୍ନ କିସମର ହରଡ଼ ଡାଲି କିଲୋପିଛା ୧୪୫ ଟଙ୍କାରୁ ଆରମ୍ଭ ହୋଇ ୧୫୫/୧୬୦ ଟଙ୍କା ଭିତରେ ବିକ୍ରି ହେଉଥିଲା। କିନ୍ତୁ ବର୍ତ୍ତମାନ ପାଇକାରୀ ବଜାରରେ ଏହାର ଦର କିଲୋଗ୍ରାମ ପିଛା ୧୫୦ ଟଙ୍କାରୁ ୧୬୫ ଟଙ୍କାରେ ବିକ୍ରି ହେଉଛି। ଗତମାସରେ ମଧ୍ୟ ହରଡ଼ ଡାଲି ମୂଲ୍ୟ କ୍ୱିଣ୍ଟାଲ ପିଛା ୩୦୦ରୁ ୪୦୦ ଟଙ୍କା ବା କିଲୋଗ୍ରାମ ପିଛା ୩/୪ ଟଙ୍କା ବଢ଼ିଥିଲା। ହରଡ଼ ଡାଲି ଦରବୃଦ୍ଧିର ମୁଖ୍ୟ କାରଣ ଉତ୍ପାଦନ ହ୍ରାସ ବୋଲି ବିଶେଷଜ୍ଞମାନେ କହିଛନ୍ତି। ସାରା ଭାରତରେ ଚାଷୀ ଆଉ ଚାଷ ପ୍ରତି ଆଗ୍ରହ ଦେଖାଉନାହାନ୍ତି। ଏହାର ଏକ ବଡ଼ କାରଣ ହେଲା ଚାଷ କାମ କରିବାକୁ ଶ୍ରମିକ ମିଳୁନାହାନ୍ତି। ଫଳରେ ଚାଷୀ ଅର୍ଥ ଖର୍ଚ୍ଚ କରି ଯେତିକି ଫସଲ ପାଇବା କଥା ତାହା ପାଉନାହିଁ। ଗୋଟିଏ ପଟେ ମଜୁରି ଓ ଚାଷ ସଂକ୍ରାନ୍ତ ଅନ୍ୟାନ୍ୟ ଖର୍ଚ୍ଚ ବଢ଼ିବା ଏବଂ ଅନ୍ୟପଟେ ଉତ୍ପାଦନ କମିବା ଦ୍ୱାରା ଚାଷୀ କ୍ଷତି ସହୁଛି। ଏହାବ୍ୟତୀତ ପ୍ରତିକୂଳ ପାଣିପାଗ ମଧ୍ୟ ଡାଲି ଓ ଅନ୍ୟାନ୍ୟ ଫସଲ ଅମଳକୁ ପ୍ରଭାବିତ କରୁଛି। ବଜାର ନୀତିରେ ସଂଶୋଧନ ଆଣିବା ଲାଗି ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି। କହିଛନ୍ତି ଯେ କର୍ପୋରେଟ୍ ସଂସ୍ଥା ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଥିବା ମଧୁଚନ୍ଦ୍ରିକାକୁ ଭାଙ୍ଗିବାକୁ ହେବ। ଏହା ନହେଲେ କର୍ପୋରେଟ୍ ହାଉସଗୁଡ଼ିକ ହାତକୁ ଡାଲି ଭଳି ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଦର ନିୟନ୍ତ୍ରଣ ବ୍ୟବସ୍ଥା ସଂପୂର୍ଣ୍ଣ ରୂପେ ଚାଲିଯିବ। ବିଭିନ୍ନ ଖାଦ୍ୟ ସାମଗ୍ରୀର ଦାମ୍‌ରେ ହଠାତ୍ ଅସ୍ୱାଭାବିକ ହ୍ରାସବୃଦ୍ଧି ଘଟିବ। ଓଡ଼ିଶା ବ୍ୟବସାୟୀ ମହାସଂଘର ମହାସଚିବ ସୁଧାକର ପଣ୍ଡାଙ୍କ କହିବାନୁଯାୟୀ, ରାଜ୍ୟରେ ବାର୍ଷିକ ପ୍ରାୟ ୯ ଲକ୍ଷ ୫୦ ହଜାର ଟନ୍ ଡାଲି ଆବଶ୍ୟକ ରହିଛି। ଏଥିରୁ ଅଳ୍ପ କିଛି ଆମ ରାଜ୍ୟରେ ଉତ୍ପାଦନ ହେଉଛି। କିନ୍ତୁ ଉତ୍ପାଦନ ହେଉଥିବା ଅଳ୍ପ କିଛି ହରଡ଼ ଡାଲି ରାୟପୁରର ଡାଲି ମିଲ୍‌କୁ ପଳାଇଥାଏ। ସେଠାରେ ସେଗୁଡ଼ିକର ପ୍ରକ୍ରିୟାକରଣ ହୋଇ ବଜାରକୁ ଆସିଥାଏ। ବର୍ତ୍ତମାନ ମୁଗ ଡାଲି ମୂଲ୍ୟ କିଛିଟା ହ୍ରାସ ପାଇଥିଲେ ମଧ୍ୟ ହରଡ଼ ଡାଲି ମୂଲ୍ୟ ବଢ଼ିଯାଇଛି। ହରଡ଼ ଡାଲି ମୂଲ୍ୟବୃଦ୍ଧି ପାଇଁ ସେ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଏବଂ କର୍ପୋରେଟ୍ ହାଉସ୍‌ଙ୍କ ଖେଳକୁ ଦାୟୀ କରିଛନ୍ତି। ସରକାର ଯଦି ନୀତିରେ ପରିବର୍ତ୍ତନ ନଆଣିବେ ତା'ହେଲେ ଗ୍ରାହକ ଏଭଳି ଶୋଷଣର ଶିକାର ହେବା ସହିତ ଛୋଟ ଛୋଟ ବ୍ୟବସାୟୀ ମଧ୍ୟ ଆର୍ଥିକ କ୍ଷତିର ସମ୍ମୁଖୀନ ହେବେ ବୋଲି ସେ ମତ ଦେଇଛନ୍ତି।

# ଲାଞ୍ଚ ନେଉଥିଲ ଲାଞ୍ଚୁଆ ଅମିନ, ମାଡି ବସିଲା ଭିଜିଲାନ୍ସ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

ଭିଜିଲାନ୍ସ ଜାଲରେ ସରକାରୀ ଅମିନ । କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ତହସିଲ କାର୍ଯ୍ୟାଳୟରୁ ଲାଞ୍ଚ ନେବା ବେଳେ ଧରାପଡ଼ିଛନ୍ତି ଉମାକାନ୍ତ ବେହେରା। ତେବେ ଏକ ଆର.ପି କେସ୍ ରିପୋର୍ଟ ଦାଖଲ କରିବା ପାଇଁ ଉମାକାନ୍ତ ଲାଞ୍ଚ ନେଉଥିବା ସୂଚନା ମିଳିଛି । ଆରପି କେଶ ନମ୍ବର ୧୧୮୦/୨୦୧୬ର ରିପୋର୍ଟ ଦେବା ପାଇଁ ଦୁଇ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ମାଡି ବସିଥିଲା ଭିଜିଲାନ୍ସ । ଉମାକାନ୍ତଙ୍କୁ ଭିଜିଲାନ୍ସ ଡ଼ିଏସପିଙ୍କ କାର୍ଯ୍ୟାଳୟକୁ ଅଣାଯାଇ ପଚରାଉଚରା କରାଯାଉଛି । ସୂଚନାନୁଯାୟୀ, କେନ୍ଦ୍ରାପଡା ମହାକାଳପଡା ତହସିଲ କାର୍ଯ୍ୟାଳୟର ଲାଞ୍ଚୁଆ ସରକାରୀ ଅମିନ ଉମାକାନ୍ତ ବେହେରା ରହୁଥିବା ଶିଖର ଗ୍ରାମର ଭଡାଘରେ ମଧ୍ୟ ଭିଜିଲାନ୍ସ ଟିମ ଚଢାଉ ଚାଲିଛି । ତେବେ ଏହି ଲାଞ୍ଚ ନେବା ସମ୍ପର୍କରେ ଆରପି କେଶ ନମ୍ବର ସହ ଅଡିଓ ନେଇ ମହାକାଳପଡା ପଞ୍ଚାୟତ କେୟାରବାଙ୍କ ଗ୍ରାମର ସୁଶାନ୍ତ ବିଶ୍ୱାଳ କଟକ ଭିଜିଲାନ୍ସ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ । ପୂର୍ବ ଯୋଜନା ମୁତାବକ ଆଜି ପୂର୍ବାହ୍ନରେ ଏକ ଟିମ ଅଫିସ ମଧ୍ୟରେ ଛକି ରହିଥିଲା । ଉମାକାନ୍ତ ଅଭିଯୋଗକାରୀ ସୁଶାନ୍ତଙ୍କ ନିକଟରୁ ଲାଞ୍ଚ ଟଙ୍କା ନେଉଥିବା ବେଳେ ମାଡି ବସିଥିଲା ଭିଜିଲାନ୍ସ । ପରେ ଉଭୟ ଅଭିଯୋଗକାରୀ ଏବଂ ଲାଞ୍ଚୁଆ ଅମିନକୁ ସେଠାରୁ କେନ୍ଦ୍ରାପଡା ଭିଜିଲାନ୍ସ ଅଫିସକୁ ନିଆଯାଇଛି । ଅନ୍ୟପଟେ ସରକାରୀ ଅମିନଙ୍କ ଭଡାଘର ସମେତ ପୈତୃକ ଘରେ ଚଢାଉ ଜାରି ରହିଥିବାରୁ କୌଣସି ସୂଚନା ଦେବାପାଇଁ ଭିଜିଲାନ୍ସ ଟିମର ମୁଖ୍ୟ ମନା କରି ଦେଇଛନ୍ତି । ତେବେ କିଛିଦିନ ପୂର୍ବରୁ ଜମିଜମା ସମ୍ପର୍କିତ ମାମଲାର ରଫାଦଫା କରିବା ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା କନିଷ୍ଠ କିରାଣୀ ଜିତେନ୍ଦ୍ର ସେନାପତିଙ୍କୁ ମାଡି ବସିଥିଲା ଭିଜିଲାନ୍ସ । ତାଙ୍କ ଠାରୁ ଟଙ୍କା ଜବତ କରିବା ସହ ଜିତେନ୍ଦ୍ରଙ୍କୁ ଭିଜିଲାନ୍ସ ଡ଼ିଏସପିଙ୍କ କାର୍ଯ୍ୟାଳୟକୁ ଆଣାଯାଇ ପଚରାଉଚରା କରାଯାଉଛି । ଜିତେନ୍ଦ୍ର ସଦର ଥାନା ଅନ୍ତର୍ଗତ ଠାକୁର ପାଟଣା ଗାଁରେ ରହୁଥିବା ଭଡା ଘରେ ଓ ପୈତୃକ ଘର ତାଳସଙ୍ଗାରେ ଭିଜିଲାନ୍ସ ବିଭାଗର ଦୁଇଟି ଟିମ ଚଢ଼ାଉ ଜାରି ରଖିଥିଲା । ତେବେ କେନ୍ଦ୍ରାପଡା ବ୍ଲକ ଶ୍ୟାମସୁନ୍ଦରପୁରର ଗାୟତ୍ରୀ ମିଶ୍ରଙ୍କ ଏକ ଜମିଜମା ସମ୍ପର୍କିତ ମାମଲା କୋର୍ଟରେ ଚାଲିଥିଲା । ଯାହାକୁ ରଫାଦଫା କରିବା ପାଇଁ ସେ ଲାଞ୍ଚ ନେଇଥିବା ଜଣାପଡ଼ିଛି । ଏନେଇ ଗାୟତ୍ରୀ କଟକ ଭିଜିଲାନ୍ସ ଏସପିଙ୍କ ଦ୍ୱାରସ୍ଥ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଥିଲେ ।

# ଉପଯୁକ୍ତ ମାନ୍ୟତା ଅପେକ୍ଷାରେ ପୁରୁଣା ଭୁବନେଶ୍ୱର କୋରାଖଇ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ବିଭିନ୍ନ ପରିଚୟ ମଧ୍ୟରୁ ପ୍ରମୁଖ ପରିଚୟ ହେଉଛି କୋରାଖଇ। ଏହା ପ୍ରାୟ ୩୦୦ ବର୍ଷ ପୁରୁଣା ବୋଲି ଅନୁମାନ କରାଯାଏ। ଏହା ଶ୍ରୀଲିଙ୍ଗରାଜଙ୍କ ଏକ ଭୋଗ ଭାବେ ପରିଚିତ। କୋରାଖଇ ପ୍ରସାଦ ସେବନ ବିନା ଏକାମ୍ର କ୍ଷେତ୍ର ଦର୍ଶନର ମାନେ କିଛି ନଥାଏ ବୋଲି ଆଜିବି ବିଶ୍ୱାସ ରହିଛି। ତେଣୁ ଦେଶ ବିଦେଶରେ ପୁରୁଣା ଭୁବନେଶ୍ୱର କୋରାଖଇର ନାଁ ଅଛି। ଆଜିବି ମଧ୍ୟ ପୁରୁଣା ଭୁବନେଶ୍ୱରର ଅନେକ ପରିବାର କୋରାଖଇ ପ୍ରସ୍ତୁତି ଓ ବିକ୍ରିକୁ ବୃତ୍ତି ଭାବେ ଧରି ରଖିଛନ୍ତି। ତେବେ ପରିତାପର କଥା କୋରାଖଇକୁ ବ୍ରାଣ୍ଡିଂ କରି ଅଧିକ ଲୋକପ୍ରିୟ କରାଯିବା ସହ ବଜାର ସୃଷ୍ଟି କରା ଯାଇନାହିଁ। କିଛି ପରିବାର ଭିତରେ ଏହା ସୀମିତ ରହିଯାଇଛି। କୋରାଖଇର ପ୍ରସ୍ତୁତି ହିଁ ତା'ର ପରିଚୟକୁ ଦ୍ୱିଗୁଣିତ କରିଦିଏ। ଏହାର ପ୍ରସ୍ତୁତି ବେଶ୍ ଜଟିଳ ଓ ବ୍ୟୟବହୁଳ। ଧାନରୁ ଖଇ ଭାଜିବା ପରେ ଗୁଡ଼, କନ୍ଦରେ ବା ଚିନିରେ ସିରା ପ୍ରସ୍ତୁତ କରି ସେଥିରେ ଖଇକୁ ମିଶାଯାଏ। ନଡ଼ିଆକୁ ପତଳା ପତଳା କରି କାଟିବା ପରେ ଶୁଖାଇବାକୁ ହୁଏ। ଏହି ଶୁଖିଲା ପାତିକୁ ଗୁଆଘିଅ ଓ ଗୁଡ଼ସିରାରେ ମିଶାଇ ଏକ ସ୍ୱତନ୍ତ୍ର ପାଗ କରି ଭାଜିବାକୁ ପଡ଼େ। ପରେ ଖଇକୁ ସିରା ସହ ମିଶାଇବା ବେଳେ ଏହି ନଡ଼ିଆପାତି ସାଙ୍ଗରେ ଗୋଲମରିଚ, ଗୁଜୁରାତି, ଜାଇଫଳ, କର୍ପୂର ଓ ପାନମଧୁରୀ ପକାଯାଏ। ପାଗ ଏପଟସେପଟ ହୋଇଗଲେ, ସ୍ୱାଦ ଭଲ ହୁଏ ନାହିଁ। ତେଣୁ ଏଥିପାଇଁ ଜଗିରଖି ବଡ଼ ସତର୍କତାର ସହ କରିବାକୁ ପଡ଼ିଥାଏ। ସେହିଭଳି କୋରା ତିଆରି ବି କିଛି କମ୍ ପରିଶ୍ରମର କଥା ନୁହେଁ। ନଡ଼ିଆକୁ କୋରେଇ ଶୁଖାଇବାକୁ ପଡ଼େ। ଏହି ଶୁଖିଲା ଗୁଣ୍ଡକୁ ଗୁଆଘିଅ ଓ ଚିନିସିରା ବା କନ୍ଦରେ ମିଶାଇ ପାଗ କରାଯାଏ ଓ ପରେ ଗୋଲ ଗୋଲ କରି ବୋଳାଯାଏ। ଦିନଥିଲା ଏକାମ୍ର କ୍ଷେତ୍ରରେ ବଇଆ କୋରା କହିଲେ ସମସ୍ତେ ଜାଣନ୍ତି। ତାକୁ କିଣିବା ପାଇଁ ଶ୍ରଦ୍ଧାଳୁମାନେ ଭିଡ଼ କରୁଥିଲେ। କିନ୍ତୁ ସେ ନାହାନ୍ତି ସତ ତାଙ୍କ ପରିବାରର ଅନେକ ସଦସ୍ୟ ଏହି ବୃତ୍ତିକୁ ବଞ୍ଚାଇ ରଖିଛନ୍ତି। ଆହୁରି ଅନେକ ଏହି ବୃତ୍ତିକୁ ମଧ୍ୟ ଆପଣେଇଛନ୍ତି। ସେଠାରେ ପାଖାପାଖି ୨୦ରୁ ୨୫ ଜଣ ଦୋକାନ ଦେଇଛନ୍ତି। ବଡ଼ଦାଣ୍ଡ ସାହିରେ ପୁରୁଣା ଦୋକାନସବୁ ରହିଛି। ପୂର୍ବପୁରୁଷ ଅମଳରୁ ସେମାନେ ଏହାକୁ ବୃତ୍ତି ଭାବେ ଆଦରି ନେଇଛନ୍ତି। ଗୁଣବତ୍ତା ଅନୁସାରେ ଏହାର ଦାମ୍ କିଲୋ ପିଛା ୨୦୦ ଟଙ୍କାରୁ ୨୪୦ ଟଙ୍କା ପର୍ଯ୍ୟନ୍ତ ରହିଛି। ସବୁଠୁ ପରିଚିତ ବଇଆ ଦୋକାନର ମାଲିକ ସୁରେନ୍ଦ୍ର କୁମାର ସାହୁ କହନ୍ତି, ଦୋକାନରେ ପ୍ରତିଦିନ ପାଖାପାଖି ଦୈନିକ ୫୦କ୍ୱିଣ୍ଟାଲ କୋରାଖଇ ବିକ୍ରି ହୋଇଥାଏ। କିନ୍ତୁ ସମସ୍ତ ଦୋକାନୀଙ୍କ ବେପାର ମିଶି ଆକଳନ କଲେ ୫ କ୍ୱିଣ୍ଟାଲ ବିକ୍ରି ହୋଇଥାଏ। କିନ୍ତୁ ଜାଗର ସମୟରେ ଅଧିକ ବିକ୍ରି ହୁଏ। ଶ୍ରଦ୍ଧାଳୁମାନେ ଭୋଗ ଲାଗିବା ପାଇଁ ଯେତିକି କିଣନ୍ତି, ତା'ଠୁ ବହୁ ଅଧିକ ଅନ୍ୟ ମନ୍ଦିରର ପୂଜା ସାମଗ୍ରୀ ବିକ୍ରେତାମାନେ ବରାଦ କରି କିଣିନିଅନ୍ତି। କେବଳ ଏହା ଓଡ଼ିଶାରେ ସୀମିତ ନାହିଁ, ଦେଶର ବିଭିନ୍ନ ରାଜ୍ୟର ଲୋକେ ଖୁବ୍ ପସନ୍ଦ କରିଥାନ୍ତି। ରାଜ୍ୟର ବିଭିନ୍ନ ପ୍ରାନ୍ତକୁ ଅନ୍‌ଲାଇନ୍ ମାଧ୍ୟମରେ ପଠାଯାଇଥାଏ। ଲିଙ୍ଗରାଜକୁ ଆସୁଥିବା ବିଦେଶୀ ପର୍ଯ୍ୟଟକ କୋରାଖଇକୁ ବହୁତ ପସନ୍ଦ କରିବା ସହ ଥରେ ତା'ର ସ୍ୱାଦ ନେବାପରେ ଆଉଥରେ ମଧ୍ୟ ସ୍ୱାଦକୁ ଖୋଜି ହୁଅନ୍ତି। ତେଣୁ ଅନେକ ବର୍ଷ ହେଲା ବିଦେଶରେ ଏହାକୁ ପଠାଯାଉଛି।

# ଆଦିବାସୀଙ୍କ ରୋଜଗାରର ମାଧ୍ୟମ ପାଲଟିଛି ଟୋଲା ମଞ୍ଜି : ଫାଇଦା ଉଠାଉଛନ୍ତି ଦଲାଲ

**ମାଲକାନଗିରି, ନ୍ୟୁଜ ବ୍ୟୁରୋ**



ମାଲକାନଗିରି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଜିଲ୍ଲା। ଏହି ଜିଲ୍ଲାର ଆଦିବାସୀ ବିଭିନ୍ନ ଋତୁରେ ଜଂଗଲରୁ ମିଳୁଥିବା ବିଭିନ୍ନ ଜଂଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରୁଥିବା ବେଳେ ସେଗୁଡିକ ବିକ୍ରି କରି ନିଜର ଆର୍ଥିକ ସ୍ଥିତି ସୁଦୃଢ଼ କରିଥାନ୍ତି। ଜଂଗଲରୁ ମହୁଲ, ଝୁଣା, କରଡି, କାଠ, ବାଉଁଶ, ଛତୁ, ମହୁ, କନ୍ଦା ଭଳି ବିଭିନ୍ନ ଜଂଗଲଜାତ ଦ୍ରବ୍ୟ ସଂଗ୍ରହ କରିବା ସହ ନିଜେ ଖାଦ୍ୟ ରୂପେ ବ୍ୟବହାର କରିବା ପରେ ବଜାରରେ ବିକ୍ରି କରିଥାନ୍ତି। ଫେବ୍ରୁୟାରୀରୁ ଏପ୍ରିଲ ପର୍ଯ୍ୟନ୍ତ ମହୁଲ ସରିଲା ପରେ ଏବେ ଟୋଲା ମଞ୍ଜି ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ପରିବାରର ସମସ୍ତ ସଦସ୍ୟ ସକାଳ ୬ଟାରୁ ହିଁ ଜଙ୍ଗଲକୁ ଯାଇ ମହୁଲ ଗଛ ତଳେ ପଡିଥିବା ଟୋଲା ମଞ୍ଜିକୁ ସଂଗ୍ରହ କରିଥାନ୍ତି। ଏଥିରେ ପିଲାମାନେ ମଧ୍ୟ ବାଦ ପଡିନଥାନ୍ତି। ସ୍କୁଲ ଛୁଟି ଥିବାରୁ ଆଦିବାସୀ ପିଲାମାନେ ନିଜ ବାପା ମା'ଙ୍କ ସହ ମିଶି ଟୋଲା ମଞ୍ଜି ଗୋଟାଇବାକୁ ଯାଇଥାନ୍ତି। ସଂଧ୍ୟାରେ ଘରକୁ ଫେରିବା ପରେ ଟୋଲାରୁ ମଞ୍ଜି ବଛାଯାଇଥାଏ। ପ୍ରବଳ ଖରା ହେଉଥିବାରୁ ଲୋକେ ସକାଳୁ ଥରେ ଏବଂ ଅପରାହ୍ନରେ ଥରେ ଜଂଗଲକୁ ଯାଇଥାନ୍ତି। ଏବେ ଜିଲ୍ଲାର ଗାଁ ଗାଁରେ ଟୋରା ମଞ୍ଜି ସଂଗ୍ରହ ଚାଲିଛି। ଏହି ଟୋଲା ମଞ୍ଜିକୁ ଖରିଦ କରିବା ପାଇଁ ଦଲାଲମାନେ ଗାଁ ଗାଁରେ ବସା ବାନ୍ଧିଲେଣି। ବିଶେଷକରି ଛତିଶଗଡ ଦଲାଲଙ୍କ ରାଜୁତି ଚାଲେ। ବଜାରରେ ଟୋଲା ମଞ୍ଜି କିଲୋ ପ୍ରତି ୮୦ରୁ ଶହେ ଟଙ୍କା ମଧ୍ୟରେ ରହିଥିବା ବେଳେ ଦଲାଲମାନେ ଗାଁ ଗାଁରେ ବୁଲି ୨୦ରୁ ୩୦ ଟଙ୍କା ମଧ୍ୟରେ କିଣିଥାନ୍ତି, ଯାହାଦ୍ୱାରା ସରଳ ନିରୀହ ଆଦିବାସୀ ଠକାମିର ଶିକାର ହୁଅନ୍ତି। ଦିନ ଦିନ ଧରି ଟୋଲା ମଞ୍ଜି ସଂଗ୍ରହ କରିବା ଏବଂ ଦିନ ତମାମ ବସି ଟୋଲାରୁ ମଞ୍ଜି ବାହାର କରିବା କାମ ବେଶ କଷ୍ଟକର ହୋଇଥିବା ବେଳେ ଏହାର ଉଚିତ ମୂଲ୍ୟ ନପାଇ ଆଦିବାସୀ ଭାଇଭଉଣୀମାନେ କାହା ନିକଟରେ ଗୁହାରି ମଧ୍ୟ କରିନଥାନ୍ତି। ସରକାରଙ୍କ ତରଫରୁ ପ୍ରତିବର୍ଷ ଏହାର ମୂଲ୍ୟ ଯଦି ଧାର୍ଯ୍ୟ କରାଯାଇଥାନ୍ତା ତେବେ ସରଳ ଆଦିବାସୀ ଏହାର ଉଚିତ ମୂଲ୍ୟ ପାଇପାରନ୍ତେ ବୋଲି କୁହାଯାଇଛି। ଏନେଇ ଭୀମା ମାଡକାମୀ କହନ୍ତି କି ମହୁଲ ଓ ଟୋଲା ମଞ୍ଜି ବିକ୍ରି ଆମେ ପ୍ରତିବର୍ଷ ଦିପଇସା ରୋଜଗାର କରିଥାଉ। କିନ୍ତୁ ଏହାର ଉଚିତ ଦାମ କେତେ ନଜାଣି ଦଲାଲମାନଙ୍କ ହାତରେ ଟେକି ଦେଇଥାଉ ବୋଲି କହନ୍ତି। ଛତିଶଗଡ ବେପାରୀମାନେ ଗାଁରୁ କମ୍ ଦରରେ ଟୋଲା ମଞ୍ଜି କିଣି ବେଶ ଲାଭବାନ ହେଉଥିବା ଦେଖିବାକୁ ମିଳିଛି। ବର୍ଷ ବର୍ଷ ଧରି ଏଭଳି ସ୍ଥିତି ରହିଥିବା ବେଳେ ସରକାର କେବେ ଚେତିବେ ଏବଂ ଜଙ୍ଗଲଜାତ ଦ୍ରବ୍ୟ ଉପରେ କଟକଣା ଲଗାଇବା ସହ ଏହାର ମୂଲ୍ୟ ଧାର୍ଯ୍ୟ କରି ଆଦିବାସୀଙ୍କୁ ସେମାନଙ୍କର ହକ୍ ଦେବେ ଦେଖିବାକୁ ବାକି ରହିଲା।

# ନିର୍ବାଚନ ପରେ ୨୦-୨୩ ଟଙ୍କା ପର୍ଯ୍ୟନ୍ତ ବଢ଼ିପାରେ ଏଟିଏମ୍ ଚାର୍ଜ

**ନୂଆଦିଲ୍ଲୀ**



ନିର୍ବାଚନ ପରେ ଏଟିଏମ୍‌ରୁ ଟଙ୍କା ଉଠାଇବା ବାବଦରେ ଲୋକଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ଇଣ୍ଟରଚେଞ୍ଜ ଫି'କୁ ୨୦ରୁ ୨୩ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରେ। ତେବେ ଡିବିଟି ହିତାଧିକାରୀଙ୍କ ଟଙ୍କା ଉଠାଣକୁ ଦୃଷ୍ଟିରେ ରଖି ଉକ୍ତ ଚାର୍ଜରେ ଭିନ୍ନତା ରହିପାରେ। ନିକଟରେ ଏଟିଏମ୍ ଶିଳ୍ପ ମହାସଂଘ (କନଫେଡେରେସନ ଅଫ୍ ଏଟିଏମ୍ ଇଣ୍ଡଷ୍ଟ୍ରି) ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ ମଧ୍ୟରେ ଏ ନେଇ ଆଲୋଚନା ହୋଇଛି। ବ୍ୟାଙ୍କ ଶାଖା ନଥିବା ଅଞ୍ଚଳରେ ଏଟିଏମ୍ ସ୍ଥାପନ କିଭଳି ଅଧିକ ମାତ୍ରାରେ ହୋଇପାରିବ ତାହା ଉପରେ ଅନୁଧାନ କରିବା ପାଇଁ ରିଜର୍ଭ ବ୍ୟାଙ୍କ ଆଇବିଏର ତତ୍କାଳୀନ ସିଇଓ ଭି. ଜି. କାନନଙ୍କ ନେତୃତ୍ୱରେ ଏକ କମିଟି ଗଠନ କରିଥିଲା। ଉକ୍ତ କମିଟି ୨୦୧୯ ଅକ୍ଟୋବର ୨୨ରେ ଏହାର ରିପୋର୍ଟ ଦେଇଥିଲା। ୨୦୨୧ ଅଗଷ୍ଟ ପହିଲାରୁ ଆର୍ଥିକ କାରବାର ପାଇଁ ଇଣ୍ଟରଚେଞ୍ଜ ଫି ୧୫ ଟଙ୍କାରୁ ୧୭ ଟଙ୍କାକୁ ବୃଦ୍ଧି କରାଯାଇଥିଲା। କିନ୍ତୁ ବର୍ତ୍ତମାନ ଯେଉଁ ୧୭ ଟଙ୍କାର ଇଣ୍ଟରଚେଞ୍ଜ ଫି ରହିଛି ତାହା ୨୦୧୨ ପୂର୍ବରୁ ୧୮ ଟଙ୍କା ରହିଥିଲା। ୨୦୧୨ରେ ଉକ୍ତ ଚାର୍ଜକୁ ୧୮ ଟଙ୍କାରୁ ୧୫ ଟଙ୍କାକୁ କମାଇ ଦିଆଯାଇଥିଲା। ବ୍ୟାଙ୍କଗୁଡ଼ିକର ଏଟିଏମ୍ ବାବଦ ଖର୍ଚ୍ଚ ବୃଦ୍ଧି ପାଇଛି। ଘର ଭଡ଼ା, ଇନ୍ଧନ ଖର୍ଚ୍ଚ, କ୍ୟାସ୍ ଭର୍ତ୍ତି ଚାର୍ଜ ଏବଂ ଗୃହ ମନ୍ତ୍ରାଳୟ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ପାଳନ ପାଇଁ ଦିଆଯାଇଥିବା ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ଦ୍ୱାରା ଏଟିଏମ୍ ପରିଚାଳନା ଖର୍ଚ୍ଚ ବଢ଼ିଯାଇଛି। ଏଥିସହିତ ୨୦୦୦ ଟଙ୍କିଆ ନୋଟ୍‌କୁ ପ୍ରଚଳନରୁ ରିଜର୍ଭ ବ୍ୟାଙ୍କ କାଢ଼ି ନେବା ଫଳରେ ଏଟିଏମ୍‌ରେ ପୂର୍ବାପେକ୍ଷା ଅଧିକ ଥର ଟଙ୍କା ଭର୍ତ୍ତି କରିବାକୁ ପଡୁଛି। ଗ୍ରାହକଙ୍କ ଏଟିଏମ୍ ବ୍ୟବହାର ଚାର୍ଜ ସହିତ ଇଣ୍ଟରଚେଞ୍ଜ ଚାର୍ଜକୁ ନିୟମିତ ବ୍ୟବଧାନରେ ସମୀକ୍ଷା କରିବା ପାଇଁ କାନନ କମିଟି ମତ ଦେଇଥିଲା। ତେଣୁ ଇଣ୍ଟରଚେଞ୍ଜ ଚାର୍ଜ ୨୦ କିମ୍ବା ୨୩ ଟଙ୍କାକୁ ବଢ଼ିପାରେ ବୋଲି ଏକ ସୂତ୍ରରୁ ଜଣାଯାଇଛି। ଉଲ୍ଲେଖଯୋଗ୍ୟ, ଏଟିଏମ୍ କାର୍ଡ ଜାରି କରିଥିବା ବ୍ୟାଙ୍କର ଗ୍ରାହକ ଯେତେବେଳେ ଅନ୍ୟ ବ୍ୟାଙ୍କର ଏଟିଏମ୍ (ହ୍ୱାଇଟ୍ ଲେବେଲ ଏଟିଏମ୍ ସମେତ) ବ୍ୟବହାର କରେ ସେତେବେଳେ ଯେଉଁ ଚାର୍ଜ ଆଦାୟ କରାଯାଇଥାଏ ତାହାକୁ ଇଣ୍ଟରଚେଞ୍ଜ ଚାର୍ଜ କୁହାଯାଇଥାଏ।

# ୧୫-୨୯ ବର୍ଷର ପିଲା ଅଧିକ ବେକାର: ଓଡ଼ିଶାରେ ସହରାଞ୍ଚଳ ବେକାରି ହାର ୭.୬%

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

**ବେକାରି ହାର**

| ୧୫-୨୯ ବର୍ଷ | | |
|---|---|---|
| | ୨୦୨୩ | ୨୦୨୪ |
| ମୋଟ | ୨୨.୯% | ୨୩.୩% |
| | ୨୯.୧% | ୩୦% |
| | ୨୦.୮% | ୨୦.୬% |




ସହରାଞ୍ଚଳରେ ରହୁଥିବା ଯୁବବର୍ଗଙ୍କୁ ସେମାନଙ୍କ ମନଲାଖି କାମ ମିଳୁନି। ସେଥିପାଇଁ ଅଧିକାଂଶ ପିଲା ଚାକିରି କରିବା ବଦଳରେ ବେକାର ହୋଇ ବସିବାକୁ ପସନ୍ଦ ଅଧିକ କରୁଛନ୍ତି। ବୋଧହୁଏ ସେଥିପାଇଁ ଓଡ଼ିଶାର ସହରାଞ୍ଚଳରେ ଥିବା ୧୫-୨୯ ବର୍ଷ ବୟସର ପିଲାମାନଙ୍କ ମଧ୍ୟରେ ବେକାରି ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ରହିଛି। କେନ୍ଦ୍ର ସରକାର ଜାରି କରିଥିବା ୨୦୨୪ ଜାନୁଆରି-ମାର୍ଚ୍ଚ ତ୍ରୈମାସିକର 'ପିରିଅଡିକ୍ ଲେବର ଫୋର୍ସ ସର୍ଭେ'କୁ ଅନୁଶୀଳନ କରିବାରୁ ଜଣାପଡ଼ିଛି ଯେ ରାଜ୍ୟର ସହରାଞ୍ଚଳରେ ୧୫-୨୯ ବର୍ଷ ବୟସ ବର୍ଗରେ ବେକାରି ହାର ୨୩.୩ ପ୍ରତିଶତ ଭଳି ଉଚ୍ଚ ସ୍ତରରେ ରହିଛି। ବର୍ଷକ ପୂର୍ବରୁ ଏହି ହାର ୨୨.୯ ପ୍ରତିଶତ ଥିଲା। ଏହି ବର୍ଗରେ ମହିଳାଙ୍କ ବେକାରି ହାର ୩୦ ପ୍ରତିଶତ ଥିବା ବେଳେ ପୁରୁଷଙ୍କ କ୍ଷେତ୍ରରେ ତାହା ୨୦.୬ ପ୍ରତିଶତ ରହିଛି। ଅର୍ଥାତ ଯୁବକଙ୍କ ତୁଳନାରେ ଯୁବତୀମାନେ ଅଧିକ ବେକାର ରହିଛନ୍ତି ବୋଲି ପରୋକ୍ଷରେ କୁହାଯାଇଛି। ୨୦୨୩ ଜାନୁଆରିରୁ ମାର୍ଚ୍ଚ ମଧ୍ୟରେ ମହିଳା ବେକାରି ହାର ୨୯.୧ ପ୍ରତିଶତ ଏବଂ ପୁରୁଷ ବେକାରି ହାର ୨୦.୮ ପ୍ରତିଶତ ଥିଲା। ଏ ସମ୍ପର୍କରେ ଆଇଆଇଟି ଭୁବନେଶ୍ୱରର ଆସୋସିଏଟ୍ ପ୍ରଫେସର (ଅର୍ଥନୀତି) ତଥା ସ୍କୁଲ୍ ଅଫ୍ ହ୍ୟୁମାନିଟିଜ୍, ସୋସିଆଲ୍ ସାଇନ୍‌ସେସ୍ ଆଣ୍ଡ ମ୍ୟାନେଜମେଣ୍ଟର ମୁଖ୍ୟ ଦୁଃଖବନ୍ଧୁ ସାହୁ କହିଛନ୍ତି ଯେ ଗତବର୍ଷ ତୁଳନାରେ ରାଜ୍ୟର ନିର୍ମାଣ କ୍ଷେତ୍ର ସାମାନ୍ୟ ଧମେଇ ଯାଇଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଯୁବପିଢ଼ିଙ୍କ ଭିତରେ ବେକାରି ଅଧିକ ରହିବାର କାରଣ ହେଉଛି ସେମାନଙ୍କୁ ମନ ପସନ୍ଦର କାମ ମିଳୁନାହିଁ। ତେଣୁ ଏହାକୁ 'ବେକାରି' ନକହି 'ସ୍ୱେଚ୍ଛାକୃତ ବେକାରି' କହିବା ଠିକ୍ ହେବ। ସେମାନେ ଭାବୁଛନ୍ତି ଆଉ କିଛି ଦିନ ଚେଷ୍ଟା କଲେ ହୁଏତ ଭଲ ଚାକିରିଟିଏ ମିଳିଯିବ। ତେଣୁ ପସନ୍ଦ ଲାଗୁନଥିବା ଚାକିରିକୁ ଏଡ଼ାଇ ଯାଉଛନ୍ତି। ସେଥିପାଇଁ ଏକ ନିର୍ଦ୍ଦିଷ୍ଟ ସମୟରେ ଯୁବପିଢ଼ିଙ୍କ ମଧ୍ୟରେ ବେକାରି ଅଧିକ ରହୁଛି ବୋଲି ସେ କହିଛନ୍ତି। ଏହି ସମସ୍ୟାର ମୁକାବିଲା କରିବା ଲାଗି ପରିପକ୍ୱ ହୋଇଯାଇଥିବା ନିର୍ମାଣ ଓ ପରିବହନ ଆଦି କ୍ଷେତ୍ରକୁ ସରକାର ଅଧିକ ପ୍ରୋତ୍ସାହନ ଦେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ପିଏଲ୍‌ଏଫ୍‌ଏସ୍‌ର ୨୦୨୪ ଜାନୁଆରି-ମାର୍ଚ୍ଚ ରିପୋର୍ଟ ଅନୁସାରେ ଓଡ଼ିଶାର ସହରାଞ୍ଚଳରେ ମୋଟ ଉପରେ ବେକାରି ହାର ୭.୬ ପ୍ରତିଶତ ରହିଛି ଯାହା ପୂର୍ବବର୍ଷର ସେହି ସମୟରେ ସମାନ ଥିଲା। ମହିଳାଙ୍କ କ୍ଷେତ୍ରରେ ବେକାରି ହାର ବର୍ଷକ ଭିତରେ ୧୦.୨ ପ୍ରତିଶତରୁ ୯.୩ ପ୍ରତିଶତକୁ ହ୍ରାସ ପାଇଛି। କିନ୍ତୁ ପୁରୁଷଙ୍କ କ୍ଷେତ୍ରରେ ବେକାରି ହାର ୬.୯ ପ୍ରତିଶତରୁ ବୃଦ୍ଧି ପାଇ ୭ ପ୍ରତିଶତ ହୋଇଛି। ଏ ସମ୍ପର୍କରେ ଅର୍ଥନୀତିଜ୍ଞ ପ୍ରଭାସ ମିଶ୍ର କହିଛନ୍ତି ଯେ ସହରାଞ୍ଚଳରେ ବେକାରି ଅଧିକ ରହିବାରୁ ଗୋଟିଏ ବିଷୟ ସ୍ପଷ୍ଟ ହେଉଛି ଯେ ଯୁବକଯୁବତୀମାନଙ୍କୁ ନିଯୁକ୍ତି ପାଇବା ଲାଗି ସକ୍ଷମ କରିବାକୁ ଯେଉଁ ସବୁ ଦକ୍ଷତା ବିକାଶ ତାଲିମ ଦିଆଯାଉଛି, ତାହା ବିଶେଷ ଫଳପ୍ରଦ ହେଉନାହିଁ। ପିଲାମାନେ ପାଉଥିବା ଦକ୍ଷତା ତାଲିମକୁ ନିଯୁକ୍ତିରେ ପରିଣତ କରିବାରେ ବିଫଳ ହେଉଛନ୍ତି। ଘରୋଇ ଶିଳ୍ପ କ୍ଷେତ୍ରରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉନାହିଁ। ସହରାଞ୍ଚଳରେ ଶିକ୍ଷିତମାନଙ୍କ ମଧ୍ୟରେ ବେକାରି ଅଧିକ ରହୁଛି। କାରଣ ରାଜ୍ୟ ଭିତରେ ଏକ୍‌ଜିକ୍ୟୁଟିଭ୍ ସ୍ତରର ଚାକିରି ଏତେଟା ମିଳୁନାହିଁ। ଠିକା ଶ୍ରମିକ, ଅଣ ସଂଗଠିତ କ୍ଷେତ୍ରର କାମ ଅଧିକ ଉପଲବ୍ଧ ରହୁଛି। ସେହି କାମକୁ ବହୁ ପିଲା କରିବାକୁ ଚାହୁନାହାନ୍ତି। ଏହି ସମସ୍ୟାର ମୁକାବିଲା କରିବା ଲାଗି ମାନୁଫାକ୍ଚରିଂ କ୍ଷେତ୍ରରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଫେରିଲେ ବିଦେଶୀ ନିବେଶକ

ଗତ ମାସରେ ମୁହଁ ଫେରାଇ ନେଇଥିବା ବିଦେଶୀ ନିବେଶକମାନେ ପୁଣି ଥରେ ଭାରତ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେମାନେ ଭାରତୀୟ ଷ୍ଟକ୍ ବଜାର ପ୍ରଦର୍ଶନ ଉପରେ ଭରସା ପ୍ରକଟ କରିଛନ୍ତି। ଭାରତୀୟ ଅର୍ଥନୀତିର ଚମତ୍କାର ପ୍ରଦର୍ଶନ ସେମାନଙ୍କୁ ପ୍ରତ୍ୟାବର୍ତ୍ତନ କରିବାକୁ ବାଧ କରିଛି। ସେଥିପାଇଁ ବିଦେଶୀ ନିବେଶକମାନେ ଇକ୍ୱିଟି ବଜାରରେ ୪୦,୭୧୦ କୋଟି ଟଙ୍କା ନିବେଶ କରିଛନ୍ତି। ୨୦୨୪ର ବିଦେଶୀ ନିବେଶକଙ୍କ ଲାଗି ଚଳନୀୟ ଥିଲା। ସେମାନେ ଜାନୁଆରୀରେ ପ୍ରାୟ ୨୫,୭୪୩ କୋଟି ଟଙ୍କା ଇକ୍ୱିଟି ବଜାରରେ ନିବେଶ କରିଥିଲେ। ମାତ୍ର ଫେବ୍ରୁଆରିରେ ସ୍ଥିତି ଓଲଟିଯାଇଥିଲା। ଭାରତୀୟ ଅର୍ଥନୀତିର ପ୍ରଦର୍ଶନ ଉପରେ ସନ୍ଦେହ ହେବାରୁ ସେମାନେ ଅନ୍ୟତ୍ର ପଳାୟନ କରିଥିଲେ। ବିଦେଶୀ ନିବେଶକମାନେ ଏହି ମାସରେ ମାତ୍ର ୧୫୩୯ କୋଟି ଟଙ୍କା ଭାରତୀୟ ଇକ୍ୱିଟି ବଜାରରେ ନିବେଶ କରିଥିଲେ। ସାଧାରଣତଃ ଆମେରିକାର ବଣ୍ଡ୍ ୟିଲ୍ଡ ଆଧାରରେ ବିଦେଶୀ ନିବେଶକମାନେ ସେମାନଙ୍କ ନିବେଶ ରଣନୀତି ପ୍ରସ୍ତୁତ କରୁଛନ୍ତି। ତେବେ ବଜାର ବିଶେଷଜ୍ଞମାନେ କହିଛନ୍ତି ଯେ ମାର୍ଚ୍ଚରେ ଷ୍ଟକ୍ ବଜାର ଜରିଆରେ କେତେକ ବଡ଼ ଧରଣର ଡିଲ୍ ହୋଇଥିବାରୁ ନିବେଶ ପରିମାଣ ଅଧିକ ପ୍ରଦର୍ଶିତ ହୋଇଛି। ଏହା ବିଦେଶୀ ନିବେଶକମାନଙ୍କ ଆଚରଣର ପ୍ରକୃତ ପ୍ରତିଫଳନ ନୁହେଁ। କିନ୍ତୁ ନିବେଶରେ ଏହି ବୃଦ୍ଧିର ଧାରା ଆଗାମୀ ଦିନରେ ଜାରି ରହିବ ବୋଲି ସେମାନେ ଆଶା ପ୍ରକଟ କରିଛନ୍ତି। ଭାରତୀୟ ଅର୍ଥନୀତି ଭଲ ପ୍ରଦର୍ଶନ କରୁଥିବା ବେଳେ ଭାରତୀୟ ରିଜର୍ଭ ବ୍ୟାଙ୍କ ମଧ୍ୟ ସୁଧ କମ୍ କରିବା ସମ୍ଭାବନା ସୃଷ୍ଟି ହୋଇଛି। ନିର୍ବାଚନକୁ ନେଇ ମଧ୍ୟ ଦେଶରେ ଉତ୍ସାହ ଦେଖାଦେଇଛି। ସେଥିପାଇଁ ବିଦେଶୀ ନିବେଶକମାନେ ଭାରତୀୟ ଷ୍ଟକ୍ ବଜାର ପ୍ରତି ଆଗ୍ରହ ଦେଖାଇଛନ୍ତି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ହେ ଭଗବାନ**

ଗଢିବା ଭାଙ୍ଗିବା
ସବୁ ତୁମରି ଇଚ୍ଛା
ମିଛେ ଖାଲି ଭକ୍ତେ
କରୁଛୁ ପରୀକ୍ଷା
ହେ ଭଗବାନ
ଏହି କି ତୁମ୍ଭର ଲୀଳା ଦୁନିଆଁ
**ଭଗବାନ**

ଆତ୍ମାକୁ ବହୁ କଷ୍ଟ ଦେଲି
ନିଜ ଠାକୁର ନଚିହ୍ନିଲି (୧୦୦)
ଏପରି ମନଦୁଃଖ କରି
ଶୋଇଲି ବୃକ୍ଷ ଆଶ୍ରା କରି
(୧୦୧)
ଆତ୍ମାକୁ କଷ୍ଟ ହେଲା ଯେଣୁ
ଆତ୍ମାରୁ ବାଣୀ ହେଲା ତେଣୁ
(୧୦୨)
ଅନ୍ତର ବାହାରେ ଅନନ୍ତ
ମୁଁ ସବସ୍ତ ଭୂତରେ ଉଦିତ (୧୦୩)

ତୋ ହୃଦ କମଳେ ମୁଁ ଅଛି
ନାମ ଅନନ୍ତ ପ୍ରକାଶୁଛି (୧୦୪)
ଏ ନାମ ହୃଦେ ତୁହି ଧରି
ଘୋର ସଂସାରୁ ହୁଅ ପାରି
(୧୦୫)

ଜୀବ ଜଗତ ମଧ୍ୟେ ଥାଇ
ଅନନ୍ତ ନାମ ଅଭିବାଇ (୧୦୬)

ଜାଣଇ ନାହିଁ ଦୁଃଖ ସୁଖ
ଜାଣଇ ନାହିଁ ଯୋଗ ଭୋଗ
(୧୦୭)

ଜାଣଇ ନାହିଁ ମନ୍ତ୍ର ଯନ୍ତ୍ର
ଜାଣଇ ନାହିଁ ମୁହିଁ ତନ୍ତ୍ର (୧୦୮)

କେବଳ ନାମ ମୋ ଭରସା
ଅନନ୍ତ ଛଡା ନାହିଁ ଆଶା (୧୦୯)

ବୁଝୁ ନ ବୁଝୁ ଏ ଜଗତ
କେବଳ ସାକ୍ଷୀ ମୋ ଅନନ୍ତ
(୧୧୦)

ଏ ଭାବେ ଜୀବନ କାଟୁଛି
ଅଭି ନ ଜାଣେ ଆନ କିଛି
(୧୧୧)

ସେ ଦିନୁ ଭକ୍ତ ଆତଜାତ
ଯେଣୁ ଅଛନ୍ତି ଶ୍ରୀ ଅନନ୍ତ (୧୧୨)

ଭକତ ଭଗବାନ ଖେଳ
ଭାବରେ ଖାଲି ମୁହିଁ ଭୋଳ
(୧୧୩)

ଯେଉଁଠି ପ୍ରଭୁ ଶ୍ରୀ ଅନନ୍ତ
ମୁହିଁ ତ ସେଠାରେ ନିମିତ୍ତ
(୧୧୪)

ଭକତ ଭାବେ ଭାବଗ୍ରାହୀ
ଉଚିତ ଫଳ ଦେବେ ସେହି (୧୧୫)

ବିଚାର କଉସ୍ଥା ମୋର ପ୍ରଭୁ
ଭାବ ଅଭାବ ସେହି ସବୁ (୧୧୬)
ସବସ୍ତ ସମପିସ୍ତ ବସି ଅଛି
ନାମ କେବଳ ହୃଦେ ଅଛି(୧୧୭)

ଅନନ୍ତ ନାମ ସାକ୍ଷୀ ରଖି
ଭକତ ନାବ ବାହୁ ଅଛି (୧୧୮)
ମୁଁ ମୂଢ ଅଜ୍ଞାନୀ କୁନର
କରେ ନି ପ୍ରଭୁଙ୍କୁ ଜୁହାର (୧୧୯)

ଜାଣେନି ଦାସ ଭାବ ମୁହିଁ
ଜାଣିନି ଭଗବାନ କାହିଁ (୧୨୦)

ପ୍ରଚାର ପ୍ରସାର ଜାଣିନି
ଧୂପ ନୈବେଦ୍ୟ ମୁଁ ଜାଣିନି(୧୨୧)

ଅନ୍ତର ଆତ୍ମାରେ ଭଜୁଛି
କେବଳ ଭକ୍ତିରେ ଡାକୁଛି (୧୨୨)

ବିଶ୍ୱାସ ଫୁଲମାଳ ଧରି
ଡାକୁଛି ଆହେ ବଂଶଧାରୀ (୧୨୩)

ଶାନ୍ତିର ଜଳ ହସ୍ତ ରଖି
ଦେଉଛି ଆହେ ନନ୍ଦବସ୍ତି (୧୨୪)

ଶ୍ରଦ୍ଧାର ଫଳ ତୋତେ ଦେଇ
ଭକ୍ତିରେ ନୈବେଦ୍ୟ କରଇ (୧୨୫)

ଆଉମୋ ପାଶେ କିଛି ନାହିଁ
ରଖିଲେ ରଖ ଭାବଗ୍ରହୀ (୧୨୬)

ଏଥିରେ ଯଦି ତୁ ଆନନ୍ଦ
ତୋ ଭକ୍ତ ରଖ ଆଦିକନ୍ଦ (୧୨୭)

(କ୍ରମଶଃ)

# ବିଭିନ୍ନ ଦୃଷ୍ଟିକୋଣରୁ ପାଣିପାଗର ମୂଲ୍ୟାଙ୍କନ (୧)



ଡ. ଦେବାଶୀଷ ରାୟ
(ପରିବେଶ ବିଜ୍ଞାନୀ)
୪୬୪, ସହିଦ ନଗର
ଭୁବନେଶ୍ୱର–୭
ମୋ : ୭୦୦୮୩୧୯୭୭୪

ଭାରତ ମୌସୁମୀ ବିଜ୍ଞାନ ବିଭାଗ ୧୬ ମଇ, ୨୦୨୪ ତାରିଖରେ ବର୍ତ୍ତମାନର ପାଣିପାଗ ସ୍ଥିତି ଏବଂ ପରବର୍ତ୍ତୀ ଦୁଇ ସପ୍ତାହ ପାଇଁ ଦୃଷ୍ଟିକୋଣ (୧୭ ମଇରୁ ୩୦ ମଇ, ୨୦୨୪) ବିଷୟରେ ଏକ ଗୁରୁତ୍ୱପୂର୍ଣ୍ଣ ପାଣିପାଗ ବିଜ୍ଞାନର ବୈଶିଷ୍ଟ୍ୟ ପ୍ରଦାନ କରିଛନ୍ତି। ସେଥିରେ ସେମାନେ ଉଲ୍ଲେଖ କରିଛନ୍ତି ଯେ ଦକ୍ଷିଣ ବିହାର ଏବଂ ପଡ଼ୋଶୀ ଅଞ୍ଚଳ ଉପରେ ଏକ ଝଡ଼ବାତ୍ୟାର ସମ୍ଭାବନା (ସାଇକ୍ଲୋନିକ ସାର୍କୁଲେସନ) ସୃଷ୍ଟି ହୋଇଛି। ପୂର୍ବ ସପ୍ତାହରେ ବିଭିନ୍ନ ଜାଗାରେ ହୋଇଥିବା ବର୍ଷାର ଏକ ପୂର୍ବାଭାସ ଦେଇଥିଲେ। ଉତ୍ତର ଓଡ଼ିଶାର ମୟୂରଭଞ୍ଜ, କଟକ ଏବଂ କେନ୍ଦ୍ରାପଡା ଜିଲ୍ଲା ଉପରେ ବିଚ୍ଛିନ୍ନ ପ୍ରବଳ ବର୍ଷା ହୋଇଛି। ଗତ ୯ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର ଏବଂ ବାଲେଶ୍ୱର ଜିଲ୍ଲା ରେ,୧୦ ମଇରେ ଉତ୍ତର ଉପକୂଳ ଓଡ଼ିଶାର କେନ୍ଦ୍ରାପଡା ଜିଲ୍ଲାରେ, ୧୧ ମଇରେ କଟକ, ଖୋର୍ଦ୍ଧା, ଜଗତସିଂହପୁର, ନୟାଗଡ଼, ବାଲେଶ୍ୱର, ଦେବଗଡ, ରେ, ୧୨ ମଇରେ ଉପକୂଳ ଏବଂ ୧୩ ମଇ ୨୦୨୪ରେ ଓଡ଼ିଶାର ସମ୍ବଲପୁର ଏବଂ ଅନୁଗୁଳ ଜିଲ୍ଲାରେ ଓ ଉତ୍ତର ଆଭ୍ୟନ୍ତରୀଣ ଅଞ୍ଚଳରେ ବର୍ଷା ହୋଇଥିଲା।

ଏ ତ ଗଲା ବର୍ଷା ବିଷୟ। ସର୍ବାଧିକ ତାପମାତ୍ରା ସମ୍ବନ୍ଧରେ ସେମାନେ ଲେଖିଛନ୍ତି ଯେ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସର୍ବାଧିକ ତାପମାତ୍ରା ୬-୭ °C (ଡିଗ୍ରୀ ସେଣ୍ଟିଗ୍ରେଡ) ସ୍ୱାଭାବିକଠାରୁ କମ୍, ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ୩-୪ °C ରୁ କମ ଏବଂ ସେହି ସପ୍ତାହରେ ଓଡ଼ିଶା ଅନ୍ୟାନ୍ୟ ସ୍ଥାନରେ ସାଧାରଣ ତାପମାତ୍ରା ପରିଲକ୍ଷିତ ହୋଇଥିଲା। ସେହି ସପ୍ତାହରେ ସର୍ବୋଚ୍ଚ ତାପମାତ୍ରା ୧୪ ମେ, ୨୦୨୪ ରେ ଓଡ଼ିଶାର ସମତଳ ଅଞ୍ଚଳରେ ନୂଆପଡ଼ା ଉପରେ ୪୪.୦ ଡିଗ୍ରୀ ସେଣ୍ଟିଗ୍ରେଡ଼ ହୋଇଥିଲା। ପରବର୍ତ୍ତୀ ଆଲେଖ୍ୟରେ ଆମେ ବର୍ଦ୍ଧିତ ଉତ୍ତାପ ଓ ବିଭିନ୍ନ ସ୍ଥାନରେ ବର୍ଷାର ଅନୁମାନ ସହ ସମ୍ବନ୍ଧ ବିଷୟରେ ଆଲୋଚନା କରିବା।

ସେମାନେ ଆଗାମୀ ଦୁଇ ସପ୍ତାହ (୧୭ ରୁ ୨୩ ମଇ, ୨୦୨୪) ପାଇଁ ପୂର୍ବାଭାସ ପ୍ରଦାନ କରି କହିଛନ୍ତି ଯେ ପ୍ରଥମ ସପ୍ତାହରେ ଓଡ଼ିଶାର ଜିଲ୍ଲାମାନଙ୍କରେ ବିଚ୍ଛିନ୍ନ ଉତ୍ତାପ ତରଙ୍ଗ ଅବସ୍ଥା ସହିତ ଅନେକ ସ୍ଥାନରେ ସର୍ବାଧିକ ତାପମାତ୍ରା ସ୍ୱାଭାବିକଠାରୁ ୨ ରୁ ୩°C ପର୍ଯ୍ୟନ୍ତ ଅଧିକ ହେବାର ସମ୍ଭାବନା ଅଛି। ଦ୍ୱିତୀୟ ସପ୍ତାହରେ (୨୪ ରୁ ୩୦ ମେ, ୨୦୨୪) ମଧ୍ୟରେ ଓଡ଼ିଶା ଜିଲ୍ଲାଗୁଡ଼ିକରେ ମୁଖ୍ୟତଃ ଶୁଖିଲା ପାଗ ହେବାର ସମ୍ଭାବନା ଅଛି ଏବଂ ଏହି ସପ୍ତାହ ମଧ୍ୟରେ ଓଡିଶା ଜିଲ୍ଲାମାନଙ୍କରେ ବିଚ୍ଛିନ୍ନ ଉତ୍ତାପ ତରଙ୍ଗ ଅବସ୍ଥା ସହିତ ଅନେକ ସ୍ଥାନରେ ସର୍ବାଧିକ ତାପମାତ୍ରା ୩ ରୁ ୫°C ପର୍ଯ୍ୟନ୍ତ ଅଧିକ ହେବାର ସମ୍ଭାବନା ଅଛି । ଆହୁରି ମଧ୍ୟ ୨୩ ମଇ ପାଖାପାଖି ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଏବଂ ଆଣ୍ଡାମାନ ସାଗର ଅଞ୍ଚଳରେ ଏକ ନିମ୍ନ ଚାପ ଅଞ୍ଚଳ ସୃଷ୍ଟି ହେବାର ସମ୍ଭାବନା ରହିଛି ଏବଂ ଦ୍ୱିତୀୟ ସପ୍ତାହ ପ୍ରାରମ୍ଭରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏବଂ ଉତ୍ତର ଆଣ୍ଡାମାନ ସାଗରରେ ଲାଗିଥିବା ଅବପାତରେ ଏହାର ଆହୁରି ତୀବ୍ର ହେବାର ମଧ୍ୟ ସମ୍ଭାବନା ଅଛି। ଏହି ଅବସ୍ଥା ଆଗକୁ ଆହୁରି ତୀବ୍ର ହେବ ଏବଂ ସପ୍ତାହର ଶେଷ ଭାଗରେ ଉତ୍ତର-ଉତ୍ତର-ପୂର୍ବ ଦିଗକୁ ଗତି କରିବ । ଗ୍ରୀଷ୍ମ ପ୍ରବାହରେ ଉତ୍ତାପ ତରଙ୍ଗ ଭାରତରେ ରୋଗ ଏବଂ ମୃତ୍ୟୁହାର ବୃଦ୍ଧି କରିଛି, ବିଶେଷ କରି ଦିଲ୍ଲୀର ଉତ୍ତାପ ତରଙ୍ଗ। ଉତ୍ତାପ ତରଙ୍ଗ ଡିହାଇଡ୍ରେସନ୍, ଉତ୍ତାପ କ୍ଲାନ୍ତ ଏବଂ ଉତ୍ତାପ ଆଘାତର କାରଣ ହୋଇପାରେ। ଏହି ଅତ୍ୟଧିକ ତାପମାତ୍ରା ଫସଲ, ପଶୁପାଳନ ଏବଂ ପରିବେଶ ଉପରେ ମଧ୍ୟ ପ୍ରଭାବ ପକାଇଥାଏ, ଯାହା ବାୟୁ ପ୍ରଦୂଷଣକୁ ଖରାପ କରିଥାଏ ।

ଗତ କେତେ ବର୍ଷ ହେବ ଅନେକ ସ୍ଥାନରେ ଅତ୍ୟଧିକ ଉତ୍ତାପ ଓ ଅନେକ ସ୍ଥାନରେ ଅଳ୍ପ ଅବଧି ମଧ୍ୟରେ ଅତ୍ୟଧିକ ବର୍ଷା ମାନବ ଜୀବନକୁ ଅନେକଟା ଅସହାୟ କରି ଦେଇଛି। ଆମେ ଏହାକୁ ଜଳବାୟୁ ପରିବର୍ତ୍ତନ ବୋଲି କହୁ। କାରଣ ଖୋଜି ବସିଲେ ସାଧାରଣତଃ ସହରୀକରଣ ଏବଂ ବାୟୁ ପ୍ରଦୂଷଣ ସମେତ ଭାରତରେ ଅନେକ କାରଣକୁ ଉତଥାପନ କରି ଥାଉଁ। ଉତ୍ତାପ ତରଙ୍ଗ(ଅତ୍ୟଧିକ ଗରମ ଅନୁଭବ କରିବା)ମଧ୍ୟ ଏହାର ଏକ ଉଦାହରଣ। ୨୦୨୩ ଓ ୨୦୨୪ ମସିହାରେ ଭାରତ ଉତ୍ତାପ ତରଙ୍ଗର ଅନୁଭୂତି ଜାରି ରଖିଥିବାରୁ ଉତ୍ତାପ ତରଙ୍ଗର ପ୍ରଭାବକୁ ହ୍ରାସ କରିବା ପାଇଁ ପଦକ୍ଷେପ ନେବା ଜରୁରୀ ଅଟେ ବୋଲି ବୈଜ୍ଞାନିକ ମାନେ ଅନୁଭବ କରନ୍ତି। ଆଜିର ଉପକ୍ରମଣିକା ପରେ ଏ ବିଷୟରେ ଆମେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିବା।

୨୦୨୩ ଓ ୨୦୨୪ ମସିହାରେ ଭାରତରେ ଉତ୍ତାପ ତରଙ୍ଗର ବୃଦ୍ଧି ବିପର୍ଯ୍ୟୟ ପରିଚାଳନା ପାଇଁ ଏକ ଚିନ୍ତାର କାରଣ ହୋଇଥିଲା। ଉତ୍ତାପ ତରଙ୍ଗ ସମ୍ବନ୍ଧୀୟ ମୃତ୍ୟୁ ଗ୍ରୀଷ୍ମ ସମୟର କ୍ଷତିକୁ ନିୟନ୍ତ୍ରଣ କରିବା ପାଇଁ ଅଭିନବ ପଦ୍ଧତି ବିକାଶର ଆବଶ୍ୟକତାକୁ ଦର୍ଶାଏ । ବର୍ତ୍ତମାନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି, ଉତ୍ତାପ ତରଙ୍ଗର ଖରାପ ପ୍ରଭାବକୁ ରୋକା ଯାଇପାରିବ ଏବଂ ନାଗରିକଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ରକ୍ଷା କରିହେବ।

ସାଧାରଣ ଭାଷାରେ କହିଲେ ଉତ୍ତାପ ତରଙ୍ଗ ହେଉଛି ଅତ୍ୟଧିକ ଗରମ ପାଗର ଏକ ଅବଧି ଯାହା ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ । ଉତ୍ତାପ ତରଙ୍ଗ ପାଇଁ କୌଣସି ନିର୍ଦ୍ଦିଷ୍ଟ ସଂଜ୍ଞା ନାହିଁ, କିନ୍ତୁ ଏହା ସାଧାରଣତଃ ଏକ ଦୀର୍ଘ ସମୟ ଧରି ଅତ୍ୟଧିକ ଉତ୍ତାପର ବାତାବରଣ ଭାବରେ ବିବେଚନା କରାଯାଏ । ନିର୍ଦ୍ଦିଷ୍ଟ ଅଞ୍ଚଳର ସର୍ବାଧିକ ତାପମାତ୍ରାକୁ ଆଧାର କରି ଉତ୍ତାପ ତରଙ୍ଗ ଘୋଷଣା କରିବାକୁ ଭାରତୀୟ ପାଣିପାଗ ବିଭାଗର ନିର୍ଦ୍ଦିଷ୍ଟ ମାନଦଣ୍ଡ ରହିଛି। ଭାରତରେ ଉତ୍ତାପ ତରଙ୍ଗ ଏକ ବଡ଼ ସମସ୍ୟା କାରଣ ଏହା ଉତ୍ତାପ ଚାପ ସୃଷ୍ଟି କରିପାରେ, ଯାହା ମାନବ ସ୍ୱାସ୍ଥ୍ୟ ପାଇଁ ବିପଦଜନକ ଅଟେ। ୧୯୯୦ ପରଠାରୁ ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ, ବିହାର ଏବଂ ରାଜସ୍ଥାନରେ ଗ୍ରୀଷ୍ମ ତାପମାତ୍ରାରେ ୦.୫ ରୁ ୦.୯ ଡିଗ୍ରୀ ସେଣ୍ଟିଗ୍ରେଡ ବୃଦ୍ଧି ଘଟିଛି।

କେତେକ ସ୍ଥାନରୁ ମିଳିଥିବା ସୂଚନା ଅନୁଯାୟୀ ଭାରତର ପ୍ରାୟ ୫୪ % ଜିଲ୍ଲାରେ ଶୀତଦିନର ତାପମାତ୍ରା ତୁଳନାତ୍ମକ ଭାବେ ବୃଦ୍ଧି ପାଇଛି ।

ଅନ୍ୟ କେତେକ ଅଧ୍ୟୟନ ଅନୁଯାୟୀ ଜଳବାୟୁ ପରିବର୍ତ୍ତନ ମଧ୍ୟ ସମସ୍ୟାକୁ ଆହୁରି ଖରାପ କରୁଛି। ୨୦୨୧ ରୁ ୨୦୫୦ ମଧ୍ୟରେ ୧୦୦ ଟି ଜିଲ୍ଲାରେ ତାପମାତ୍ରା ୨ରୁ ୩.୫°C ଏବଂ ପ୍ରାୟ ୪୫୫ ଟି ଜିଲ୍ଲାରେ ୧.୫ ରୁ ୨°C ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ଏହା ସହରୀ ଉତ୍ତାପ ଦ୍ୱୀପ ପ୍ରଭାବ (heat island effect)କୁ ନେଇଥାଏ ଯେଉଁଠାରେ ସହରଗୁଡ଼ିକର ତାପମାତ୍ରା ଗ୍ରାମାଞ୍ଚଳ ତୁଳନାରେ ବହୁତ ଅଧିକ ।

ଭାରତରେ ଉତ୍ତାପ ତରଙ୍ଗ ହେବାର ଅନେକ କାରଣ ଅଛି, ଏବଂ ସେଗୁଡ଼ିକ ମୁଖ୍ୟତଃ ପାଣିପାଗ, ଭୌଗୋଳିକ ଏବଂ ମାନବ କାରଣଗୁଡ଼ିକର ମିଶ୍ରଣ ଦ୍ୱାରା ହୋଇଥାଏ । ଭାରତରେ ଉତ୍ତାପ ତରଙ୍ଗପାଇଁ କିଛି ଗୁରୁତ୍ୱପୂର୍ଣ୍ଣ ଯୋଗଦାନକାରୀ କାରଣ ଅନ୍ତର୍ଭୁକ୍ତଯଥା : ପାଣିପାଗ ବିଜ୍ଞାନରେ ଉତ୍ତର-ପଶ୍ଚିମ ଭାରତ, ଆରବ ସାଗର ଏବଂ ବଙ୍ଗୋପସାଗରରେ ଉଚ୍ଚ ଚାପ ପ୍ରଣାଳୀ ଇତ୍ୟାଦି । ଏହା ଏକ ସ୍ଥିର ବାୟୁ ପିଣ୍ଡ ସୃଷ୍ଟି କରେ ଯାହା ଗରମ ଏବଂ ଶୁଷ୍କ ବାୟୁକୁ ଧରି ରଖେ, ଯାହା ତାପମାତ୍ରାକୁ ବଢାଇଥାଏ। ଏଲ୍ ନିନୋ ସାଉଥ୍ ଓସିଲିଏସନ୍ (ENSO)ଏବଂ ଭାରତ ମହାସାଗର ଡାଇପୋଲ୍ (IOD) ଦ୍ୱାରା ଜଳବାୟୁ ମଧ୍ୟ ପ୍ରଭାବିତ ହୋଇପାରେ, ଯାହା ଉତ୍ତାପ ତରଙ୍ଗ ସୃଷ୍ଟି କରିବାରେ ସହାୟକ ହୋଇପାରେ । ଏ ସମ୍ବନ୍ଧରେ ଅଧିକ ତଥ୍ୟ ପରେ ଜାଣିବା।

ଭୌଗୋଳିକ କାରକ: ଇକ୍ୟୁଏଟର ନିକଟରେ ଥିବାରୁ ଭାରତର ସ୍ଥିତି ବର୍ଷସାରା ଉଚ୍ଚ ସ୍ତରର ସୌର ବିକିରଣ କରିଥାଏ, ବିଶେଷ କରି ଗ୍ରୀଷ୍ମ ଋତୁରେ । ମରୁଭୂମି, ଅର୍ଦ୍ଧ-ଶୁଷ୍କ ଅଞ୍ଚଳ ଏବଂ ଉଚ୍ଚ ଉଚ୍ଚତା ବିଶିଷ୍ଟ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରୁଥିବା ଦେଶର ଭୂମି ମଧ୍ୟ ଉତ୍ତାପ ତରଙ୍ଗର ଅବସ୍ଥାକୁ ଆହୁରି ଖରାପ କରିପାରେ।

ମାନବ କାରକ: ସହରୀକରଣ, ଜଙ୍ଗଲ ନଷ୍ଟ ଭଳି ମାନବ କାର୍ଯ୍ୟକଳାପଏବଂ ଦାରିଦ୍ର୍ୟତା ତାପମାତ୍ରାକୁ ବଢାଇପାରେ ଏବଂ ଉତ୍ତାପ ଦ୍ୱୀପ ପ୍ରଭାବ ସୃଷ୍ଟି କରିପାରେ। ଶୀତଳତା ଏବଂ ପାନୀୟ ଜଳର ଅଭାବ ଏବଂ ଜନସ୍ୱାସ୍ଥ୍ୟ ଭିତ୍ତିଭୂମି ଅନୁପଯୁକ୍ତ ହେତୁ ଦୁର୍ବଳ ଜନସଂଖ୍ୟାକୁ ଉତ୍ତାପ ଜନିତ ରୋଗରେ ଅଧିକ ସଂକ୍ରମିତ କରିପାରେ ।

ଉତ୍ତାପ ତରଙ୍ଗର ପ୍ରଭାବ: ଉତ୍ତାପ ତରଙ୍ଗ ମାନବ ସ୍ୱାସ୍ଥ୍ୟ, ପରିବେଶ ଏବଂ ଭିତ୍ତିଭୂମି ଉପରେ ବିଶେଷ ପ୍ରଭାବ ପକାଇପାରେ । ଜଳବାୟୁ ପରିବର୍ତ୍ତନ ହେତୁ ସେଗୁଡିକ ବାରମ୍ବାର ଘଟୁଛି ଏବଂ ଖରାପ ହେଉଛି । ଉତ୍ତାପ ତରଙ୍ଗର କିଛି ପ୍ରଭାବ ଏଠାରେ ଅଛି:ସ୍ୱାସ୍ଥ୍ୟ ଗତ ପ୍ରଭାବ: ଉତ୍ତାପ ତରଙ୍ଗ ଉତ୍ତାପ କ୍ଲାନ୍ତ, ଉତ୍ତାପ ଷ୍ଟ୍ରୋକ, ଡିହାଇଡ୍ରେସନ୍ ଏବଂ ଶ୍ୱାସକ୍ରିୟାରେ ସମସ୍ୟା ସୃଷ୍ଟି କରିପାରେ । ସେମାନେ ହୃଦରୋଗ ଏବଂ ଆଜମା ଭଳି ସ୍ୱାସ୍ଥ୍ୟ ଅବସ୍ଥାକୁ ଖରାପ କରିପାରେ । ବୃଦ୍ଧ, ଭୂମିହୀନ ଏବଂ ସ୍ୱଳ୍ପ ଆୟକାରୀ ସମ୍ପ୍ରଦାୟ ଉତ୍ତାପ ତରଙ୍ଗର ସ୍ୱାସ୍ଥ୍ୟ ଉପରେ ଅଧିକ ଅସୁରକ୍ଷିତ। ପରିବେଶର ପ୍ରଭାବ: ଉତ୍ତାପ ତରଙ୍ଗ ମରୁଡ଼ି, ବନ୍ୟପ୍ରାଣୀ ଏବଂ ଅନ୍ୟାନ୍ୟ ପରିବେଶ ବିପର୍ଯ୍ୟୟର କାରଣ ହୋଇପାରେ। ସେମାନେ ମଶା ଏବଂ ଟିକ୍ ଭଳି ରୋଗ ବହନ କରୁଥିବା କୀଟ ବିସ୍ତାର ମଧ୍ୟ କରିପାରନ୍ତି। ଅର୍ଥନୈତିକ ପ୍ରଭାବ: ଫସଲ, ପଶୁପାଳନ ଏବଂ ରାସ୍ତା ଏବଂ କୋଠା ଭଳି ଭିତ୍ତିଭୂମିର କ୍ଷତି ସମେତ ଉତ୍ତାପ ତରଙ୍ଗର ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ପ୍ରଭାବ ପଡ଼ିପାରେ । ସେମାନେ ଶକ୍ତି ପାଇଁ ଚାହିଦା ବଢାଇ ପାରନ୍ତି, ଯାହା ପାୱାର ଗ୍ରୀଡଉପରେ ଚାପ ପକାଇ ଶକ୍ତି ଖର୍ଚ୍ଚ ବଢାଇପାରେ। ସାମାଜିକ ପ୍ରଭାବ: ଉତ୍ତାପ ତରଙ୍ଗ ସାମାଜିକ ପ୍ରଭାବ ପକାଇପାରେ, ଯେପରିକି ଅପରାଧ ହାର ବୃଦ୍ଧି, ସାମାଜିକ ଅସ୍ଥିରତା ଏବଂ ସ୍ଥାନାନ୍ତରଣ । ଅସୁରକ୍ଷିତ ଜନସଂଖ୍ୟା ପ୍ରଭାବିତ ହେବାର ଅଧିକ ବିପଦ ରହିଛି। ମୃତ୍ୟୁହାର: ଅତ୍ୟଧିକ ଉତ୍ତାପ ସମୟରେ ମୃତ୍ୟୁ ହାର ଦ୍ରୁତ ଗତିରେ ବୃଦ୍ଧି ପାଇପାରେ। ବୃଦ୍ଧମାନଙ୍କର ବିପଦ ଅଧିକ ଏବଂ ଅତ୍ୟଧିକ ଉତ୍ତାପ ହେତୁ ଡାକ୍ତରଖାନାରେ ଆବଶ୍ୟକତା ପଡିପାରେ। ବିଦ୍ୟୁତ୍ ବ୍ରେକଡାଉନ୍: ଏୟାର କଣ୍ଡିସନରର ଅତ୍ୟଧିକ ବ୍ୟବହାର ହେତୁ ବିଦ୍ୟୁତ୍ ବିଭ୍ରାଟ ସୃଷ୍ଟି କରିପାରେ, ଯାହାଦ୍ୱାରା ଅଧିକ ବିଦ୍ୟୁତ୍ ବ୍ୟବହାର ଏବଂ ଅଘଟଣ ଘଟିଥାଏ। ଉତ୍ତାପ ତରଙ୍ଗର ବିଷୟରେ ଅନେକ କଥା ଆର ଥରକୁ ରହିଲା।

# ବାର୍ଦ୍ଧକ୍ୟର ଯନ୍ତ୍ରଣା



ଶ୍ରୀବତ୍ସ ନାୟକ
ଅଧ୍ୟାପକ, ବାଣିଜ୍ୟ ବିଭାଗ,କଟକ
ମୋ:୯୪୩୮୦୭୦୮୪୯

ସର୍ବଦା ହେତୁବାଦ ଉପରେ ଆସ୍ଥା ପ୍ରକଟ କରୁଥିବା ମହର୍ଷି ଚାର୍ବାକଙ୍କର ଭୌତିକବାଦୀ ଦର୍ଶନାନୁଯାୟୀ,'ଯାବତ୍ ଜିବେତ୍ ସୁଖମ୍ ଜିବେତ୍ । ଋଣମ୍ କୃତ୍ୱା ଘୃତମ୍ ପିବେତ୍ । ଅତ୍ର ଚତ୍ୱାରି ଭୂତାନୀ ଭୂମି ବାୟୋର୍ନଳାଲିନା । ଭସ୍ମୀଭୂତସ୍ୟ ଦେହସ୍ୟ ପୁନରାଗମନମ୍ କୁତଃ' । ଅର୍ଥାତ୍ ଯେପର୍ଯ୍ୟନ୍ତ ତୁମେ (ମଣିଷ) ବଞ୍ଚିବ,ଖୁସିରେ ବଞ୍ଚ । ଋଣ କରି ନିଅ ଏବଂ ଘିଅ ପାନ କର । ଯଦି ଥରେ ଶରୀର ପାଉଁଶ ହୋଇଯାଏ,ଏହା କିପରି ଫେରି ଆସିବ ! ଏହିଭଳି ମତକୁ ବିଚାରକୁ ନେଲେ ଜଣାଯାଏ ଯେ ବାସ୍ତବିକ୍ ମଣିଷ ଜୀବନ ହେଉଛି କ୍ଷଣସ୍ଥାୟୀ । ମୃତ୍ୟୁଠାରୁ ଧାର୍ ମାଗି ଆଣିଥିବା ଦିନ କେଇଟା ମଧ୍ୟରେ ଅନେକ ଆଶା ଅଭିଳାଷ ନେଇ ମନୁଷ୍ୟ ତାର ଗନ୍ତବ୍ୟ ପଥରେ ପଥିକ ହୋଇଥାଏ। ପ୍ରତ୍ୟେକ ବ୍ୟକ୍ତି ମାତୃଗର୍ଭରୁ ଭୂପତିତ ହେବା ଦିନଠାରୁ ଜୀବନର ବାସ୍ତବତା ତଥା ସଂଜ୍ଞାକୁ ସଠିକ୍ ଭାବେ ନିରୂପଣ ନକରିପାରି ମାୟା କବଳରେ କବଳିତ ହୋଇ ଜୀବନର ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ନିଜ ଜୀବନକୁ ସରସ, ସୁନ୍ଦର, ସାବଲୀଳ, ସୁଖ ଓ ରଙ୍ଗୀନ କରିବା ପାଇଁ ପ୍ରକୃତି ସହ ଅହରହ ସଂଗ୍ରାମ ଚଳାଇଥାଏ । ଏହି ସମୟ ମଧ୍ୟରେ ଅବଶ୍ୟ କେବେକେବେ ମନୁଷ୍ୟ କେତେକାଂଶରେ ହସ ଖୁସିକୁ ସାଉଁଟି ପାରି ନିଜ ଜୀବନକୁ ରଙ୍ଗୀନ କରିଥିଲେ ମଧ୍ୟ ପରିଣତ ଅବସ୍ଥାରେ ବାର୍ଦ୍ଧକ୍ୟର ଯନ୍ତ୍ରଣା ମଧ୍ୟରେ ଜର୍ଜରିତ ହୁଏ । କମନୀୟ ଶୈଶବର ମୁକ୍ତ ଚେତନା, ବାଲ୍ୟାବସ୍ଥାର ଚପଳାମୀ, କୈଶୋରାବସ୍ଥାର ରଙ୍ଗୀନ ସ୍ୱପ୍ନ, ଯୌବନାବସ୍ଥାର ଉଦ୍ଦାମତା, ପ୍ରୌଢ଼ାବସ୍ଥାର ଦାୟିତ୍ୱବୋଧତା ଓ ପରିପକ୍ୱତାକୁ ଅତିକ୍ରମ କରି ପରିଶେଷରେ ବାର୍ଦ୍ଧକ୍ୟ ଅବସ୍ଥା ରୋଗ ଓ ଦୁଃଖ ନେଇ ମଣିଷ ପାଇଁ ଆସିଥାଏ। ଶୈଶବ ଅବସ୍ଥାରେ ମୁକ୍ତ ଚେତନା ମଧ୍ୟରେ ନିମଗ୍ନ ରହି, ମା କୋଳରେ ଶୋଇ, ମା ହାତରନ୍ଧା ଖାଇ ଜୀବନର ଆଦ୍ୟ ଦୁଇ ବର୍ଷ ଅତିକ୍ରାନ୍ତ କରି ମଣିଷ ତାର ବାଲ୍ୟାବସ୍ଥାରେ ପ୍ରବେଶ କରିଥାଏ । କୁନିକୁନି ଓଠରେ ଦରବୁଝା ଭାଷା, ଟିକିଟିକି ପାଦରେ ଟୁକୁଟୁକୁ ଚାଲି, ଦୁଷ୍ଟାମୀ, ଚଗଲାମୀ, ସାଙ୍ଗସାଥି ମେଳରେ ଖେଳାଖେଳି ଓ ବିଦ୍ୟା ଅଧ୍ୟୟନ କରି ପିତାମାତାଙ୍କ ସ୍ନେହ ଶ୍ରଦ୍ଧାରେ ମଧ୍ୟରେ ବାଲ୍ୟାବସ୍ଥା ସମୟ ବିତିଯାଇଥାଏ । ଅସମାହିତ ଉତ୍ତର ବିହୀନ ସ୍ୱପ୍ନ, ସ୍ୱପ୍ନ ଓ ଆକାଂକ୍ଷାର ମିଳନ ମଧ୍ୟରେ, ଲକ୍ଷ୍ୟ ହାସଲ କରିବାର ଅଭିନବ ପ୍ରୟାସ ତଥା ଜୀବିକାର୍ଜନ କରିବା ନିମନ୍ତେ ଅହରହ ପ୍ରୟାସ କରି ହସ ଖୁସିର ଉତ୍କଣ୍ଠା ମଧ୍ୟରେ କୈଶୋର ଓ ଯୌବନାବସ୍ଥାର ଅଢେଇ ଦିନ ପ୍ରଳାପର ପରିସମାପ୍ତି ଘଟିଥାଏ । ପ୍ରୌଢ଼ାବସ୍ଥାରେ ସମ୍ପୂର୍ଣ୍ଣ ପରିପକ୍ୱତାର ସହ କର୍ତ୍ତବ୍ୟର ଭାର ମୁଣ୍ଡାଇ, ସଂସାର ଜାଲରେ ଛନ୍ଦି ହୋଇ, ପାରିବାରିକ ମୋହ ମାୟାରେ ପଡ଼ି ସର୍ବଦା, ଯୌବନ, ସ୍ୱାସ୍ଥ୍ୟ, ସୌନ୍ଦର୍ଯ୍ୟ ଏବଂ ଦୀର୍ଘାୟୁ କାମନା କରୁଥିବା ମଣିଷ ପାଇଁ କେତେବେଳେ ବାର୍ଦ୍ଧକ୍ୟ ଅବସ୍ଥା ଆସି ଉପନୀତ ହେବ ତାହା ଜଣାପଡ଼ିବ ନାହିଁ । ଏହା ହିଁ ତ ପ୍ରକୃତିର ନିୟମ । ଏଠି ମଣିଷ ଯାହା ଚାହେଁ ତାହା ଘଟେ ନାହିଁ । ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ମାତ୍ରାଧିକ ବ୍ୟବହାର କରି ଆଧୁନିକ ଯୁଗର ମଣିଷ ଅନେକ ରୋଗକୁ ପ୍ରତିହତ କରିଛି, ନୂତନତ୍ୱର ସନ୍ଧାନରେ ମତୁଆଲା ହୋଇ ବିଶ୍ୱର ଅନେକ ଗୂଢ଼ ରହସ୍ୟ ଉନ୍ମୋଚନ କରିଛି, ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ଅପୂର୍ବ ସଫଳତା ହାସଲ କରିଛି ଏବଂ ମହାକାଶର କ୍ଷୁଦ୍ରାଦିକ୍ଷୁଦ୍ର ଅଣୁ ଓ ପରମାଣୁ ଉପରେ ଗବେଷଣା କରିଥିଲେ ମଧ୍ୟ ଏ ସବୁ ମରୀଚିକା ପଛେ ଦୌଡ଼ିବା ସମ । ଜୀବଜଗତର ଶ୍ରେଷ୍ଠ ପ୍ରାଣୀ ବୋଲାଉଥିବା ମଣିଷର ଜ୍ଞାନକୁ ଜାଳି ପୋଡ଼ି, ତାର ସ୍ୱପ୍ନକୁ ଧୂଳିସାତ୍ କରି ବିଷାଦ ଓ ବିଦ୍ରୋହର ଜ୍ୱାଳା ନେଇ ଜୀବନର ଶେଷ ଭାଗକୁ ବୃଦ୍ଧାବସ୍ଥା ଉପନୀତ ହୋଇଥାଏ । ସେ ସମୟରେ ମଣିଷ ଜରାଗ୍ରସ୍ତ ହୁଏ । ଦୃଷ୍ଟିଶକ୍ତି, ଶ୍ରବଣଶକ୍ତି, କାର୍ଯ୍ୟକ୍ଷମତା, ସ୍ମୃତିଶକ୍ତି, ପାଚନ ଶକ୍ତି ହ୍ରାସ ପାଇଯାଏ । ଉଠିବାକୁ ବଳ ପାଏନି । ଚାଲିବାର ଶକ୍ତି କ୍ଷୀଣ ହୁଏ । ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥିବାରୁ ନାନାଦି ରୋଗ ଶରୀରକୁ ଗ୍ରାସ କରେ । ନିତ୍ୟ ଦୌଡୁଥିବା ବ୍ୟକ୍ତି ପାଇଁ ସାହାରା ଲୋଡାପଡେ । ନା ପାଦରେ ଥାଏ ବଳ ନା ଦେହରେ ଥାଏ ଶକ୍ତି । ଚର୍ମ ଧୁଡ୍ ଧୁଡ୍ ହୋଇଯାଏ । ଆଖିରୁ ଲୁହ ଲେଞ୍ଜେରା ବାହାରେ । ଦାନ୍ତ ଝଡିଯାଏ। କଥା କହିବାର ଶକ୍ତି ମଧ୍ୟ ଲୋପପାଏ । ସୁନ୍ଦର ଚେହେରା ମଉଳିଯାଏ । ବାର୍ଦ୍ଧକ୍ୟ ଉପନୀତ ହୁଅନ୍ତେ ବଳଶାଳୀ ପୁରୁଷ ନିଃସହାୟ ହୋଇପଡେ । କେବଳ ସେତିକି ନୁହେଁ ମାନସିକ ସ୍ତରରେ ମଧ୍ୟ ଦୁର୍ବଳ ହୋଇପଡେ ମଣିଷ । ଯୌବନର ଉଦ୍ଦାମତାକୁ ନେଇ ଅନେକ ଚିନ୍ତା କରେ । ସବୁ ଅସମ୍ଭବ କାର୍ଯ୍ୟ ଦିନେ ସମ୍ଭବ ଥିଲା କିନ୍ତୁ ସମ୍ଭବପର କାର୍ଯ୍ୟ ଆଜି ଅସମ୍ଭବ ପାଲଟିଯାଇଛି । କୌଣସି କାର୍ଯ୍ୟ କରିବା ପାଇଁ ସାହସ ପାଏନି । ସମୟଥାଏ ଶୋଇବାକୁ କିନ୍ତୁ ନିଦ ନଥାଏ ଆଖିରେ । ଶଯ୍ୟାରେ ପଡ଼ିପଡ଼ି ଅତୀତର ସ୍ମୃତି ସାଉଁଟୁ ଥାଏ। ପରିବାରର ମୁରବୀ ସାଜି ଜୀବନକାଳ ମଧ୍ୟରେ ସାଉଁଟିଥିବା ଲମ୍ବା ଅନୁଭୂତି ଓ ଅନୁଭବ ପରିବାର ପାଇଁ ଅଲୋଡ଼ା ହୋଇପଡେ । ନିଜର ଅନିଚ୍ଛା ସତ୍ତ୍ୱେ କେତେକ କଥାରେ ସହମତି ହେବାକୁ ପଡେ । ବାର୍ଦ୍ଧକ୍ୟ ସମୟରେ କୌଣସି ବିଜ୍ଞାନ କାମ କରେନାହିଁ । ନା ପାଖରେ ଥାଆନ୍ତି ସମ୍ପର୍କୀୟ ନା ଥାଆନ୍ତି ଚପରାସୀ ମେହେନ୍ତର। ନିଃସଙ୍ଗ ଜୀବନ ବିତାଇବାକୁ ପଡ଼ିଥାଏ। ଅନ୍ୟର ହାତ ଟେକାକୁ ଚାହିଁ ରହିବାକୁ ପଡ଼ିଥାଏ । ସ୍ୱାଧୀନତା ହରେଇବାକୁ ପଡ଼ିଥାଏ । ଏହିଭଳି ଶାରିରୀକ, ମାନସିକ ଓ ସାମାଜିକ ସମସ୍ୟା ଯୋଗୁଁ ଜୀବନ ରଙ୍ଗହୀନ ଓ ରସହୀନ ହୋଇପଡେ ଫଳରେ ମଣିଷର ବଞ୍ଚିବାର ଆଶା ଧୂଳିସାତ ହୋଇଯାଏ। ଏ ବାର୍ଦ୍ଧକ୍ୟ କଣ ସତରେ ଏତେ ଯନ୍ତ୍ରଣା ଦାୟକ ! ହଁ ଆଜ୍ଞା ବାସ୍ତବିକ୍ ଏହା ଯନ୍ତ୍ରଣା ଦାୟକ । ଆମେ ଯେତେ ଚେଷ୍ଟା କଲେ ମଧ୍ୟ ନିୟତିର ନିର୍ଦ୍ଦେଶକୁ ଅବମାନନା କରି ପାରିବା ନାହିଁ । ମୃତ୍ୟୁକୁ ଘୃଣା କରୁଥିବା ମଣିଷ ଦିନେ ବାର୍ଦ୍ଧକ୍ୟର ଯନ୍ତ୍ରଣାକୁ ସହ୍ୟ ନକରିପାରି ମୃତ୍ୟୁ ଦ୍ୱାରା ମୁକ୍ତି ପ୍ରାପ୍ତି ହୋଇପାରିବ ବୋଲି ଅନୁଭବ କରି ପ୍ରତି ମୁହୂର୍ତ୍ତରେ ମୃତ୍ୟୁ ହେବା ପାଇଁ ଇଚ୍ଛା ପ୍ରକଟ କରିଥାଏ । ଅନୁତାପର ବହ୍ନିରେ ଜଳେ। ପ୍ରତି ମୁହୂର୍ତ୍ତରେ କଳା କର୍ମର ପ୍ରାୟଶ୍ଚିତ କରେ । ବିକଳ ହୋଇ ଆତ୍ମ ଚିତ୍କାର କରି କୁହେ ପ୍ରଭୁ ଉଦ୍ଧାର କର ଏ ବସୁଧାରୁ । ଏକଦା ଧନ, ସମ୍ପତ୍ତି, ପଦପଦବୀ ମୋହରେ ପଡ଼ି ଅହଙ୍କାରର ବଶବର୍ତ୍ତୀ ହୋଇ ଈଶ୍ୱରଙ୍କ ସତ୍ତାକୁ ଅବିଶ୍ୱାସ କରୁଥିବା ମଣିଷ ବାଧହୋଇ ଶେଷ ଅବସ୍ଥାରେ ଈଶ୍ୱର ବିଶ୍ୱାସୀ ହୁଏ ଏବଂ ଈଶ୍ୱରଙ୍କର ଉପସ୍ଥିତିକୁ ଅନୁଭବ କରେ । ସେ ଯେତେ ବଡ଼ ବ୍ୟକ୍ତି ହୋଇ ଥାଆନ୍ତୁ ନା କାହିଁକି ବାର୍ଦ୍ଧକ୍ୟ ଆଗରେ ଦିନେ ନା ଦିନେ ହାର ମାନିବେ । ତେଣୁ ଗର୍ବ ଅହଙ୍କାରକୁ ପରିତ୍ୟାଗ କରି ସତ୍ୟାନୁସନ୍ଧାନ ମାଧ୍ୟମରେ ଜୀବନ ଦର୍ଶନର ବାସ୍ତବତାକୁ ଉପଲବ୍ଧି କରିବା ସହ ଈଶ୍ୱର ବିଶ୍ୱାସୀ ହେଲେ ଏଥିରୁ କେତେକ ମାତ୍ରାରେ ମୁକ୍ତି ଆଶା କରାଯାଇପାରେ ।

# ବିଶ୍ୱ ତାପମାନ ଓ ଜଳବାୟୁର ପରିବର୍ତ୍ତନ



କାଳି ଦାସ
ବ୍ରହ୍ମପୁର, ଖୋଡ଼ାସିଙ୍ଗ
କଳିଙ୍ଗନଗର,
ମୋ–୭୨୦୫୧୦୦୮୩୯

ବିଶ୍ୱରେ ତାପମାନ ଦିନକୁ ଦିନ ବଢି ଚାଲିଛି ଏବଂ ଲୋକଙ୍କ ଅଜ୍ଞାନତା ଲାଗି ଆଜି ପୁରା ବିଶ୍ୱରେ ତାପମାନର ସମସ୍ୟା ଦେଖିବାକୁ ମିଳୁଛି । ବିଶ୍ୱର ତାପମାନର ବୃଦ୍ଧି ପାଇଁ ଜଳବାୟୁର ପରିବର୍ତ୍ତନ ଦେଖିବାକୁ ମିଳୁଛି ଯାହା ଜୀବ ଜଗତ ପାଇଁ ବିପଦର ଘଣ୍ଟି । ଆମେ ଯଦି ସଚେତନ ନ ହେବୁ ତା ହେଲେ ଆମେ ବିଶ୍ୱର ତାପମାନ ଏବଂ ଜଳବାୟୁର ସମସ୍ୟାକୁ ମୁକାବିଲା କରିପାରିବା ନାହିଁ । ପ୍ରତେକ ଜୀବକୁ ବଞ୍ଚିବା ପାଇଁ ଜଳ ବାୟୁ ଏବଂ ଉତ୍ତାପ ଦରକାର । ଜଳ ବାୟୁର ପରିବର୍ତ୍ତନ ସହ ଜୀବ ଜଗତର ମଧ୍ୟ ପରିବର୍ତ୍ତନ ହେଉଛି ଯେମିତି କି ମରୁଭୁମିରେ ଆମେ ଓଟୋ ଦେଖୁଚୁ, ଅଷ୍ଟ୍ରେଲିଆରେ ତାଙ୍କ ଜାତୀୟ ପଶୁ କଙ୍ଗାରୁକୁ ଦେଖିବାକୁ ମିଳୁଛି ସେମିତି ବରଫ ଦେଶରେ ଧଳା ଭାଲୁ ଓ ପେଙ୍ଗୁଇନ ଦେଖିବାକୁ ମିଳୁଛି। ଫଳ, ପରିବା ଗଛ, ବୃକ୍ଷ ଲଟାର ଭିନ୍ନ ଭିର୍ନ୍ନ ଜଳବାୟୁ ରେ ପରିବର୍ତ୍ତନ ଦେଖିବାକୁ ମିଳୁଛି । ଯେତେବେଳେ ପୃଥିବୀର ତାପମାନ ବୃଦ୍ଧି ପାଉଛି ଏହା ସମସ୍ତଙ୍କ ପାଇଁ ବଡ ସଙ୍କଟ ଆଣି ଠିଆ କରୁଛି । ଆଜି ଯେଉଁ ଫଳ ପରିବା ଆମେ ପାଉଛୁ କାଲି ସେହି ଫଳ ଓ ପରିବା ଆମେ ପାଇବାକି ନାହି ଜଣା ନାହି । ଆଜି ଯେଉଁ ପଶୁ ପକ୍ଷୀକୁ ଆମ ଚାରି ପଟେ ଆମେ ଦେଖିବାକୁ ପାଉଛୁ କାଲି ସେହି ପଶୁ ପକ୍ଷୀଙ୍କୁ ଆମେ ଦେଖିପାରିବୁ କି ନାହି ତାକୁ ଧରି ପ୍ରଶ୍ନବାଚୀ ସୃଷ୍ଟି ହେଇଛି । ପ୍ରତି ବର୍ଷ କେତେ ଜୀବଜନ୍ତୁ ବିଲୁପ୍ତ ହେଇଯାଇଛନ୍ତି ତାର ଆମେ ହିସାବ ରଖୁନୁ । ସେମାନେ ଆମ ଜୀବନକୁ ସମୃଦ୍ଧ କରୁଥିଲେ । ସେମାନେ ବିଲୁପ୍ତ ହେଲା ପରେ ଆମ ଜୀବନ କେତେ ପ୍ରଭାବିତ ହୋଇଛି ତାର ବି ଆମେ ହିସାବ ରଖିନୁ । ଯଦି ଆମର ବାହ୍ୟ ପ୍ରଭାବିତ ହେଉଛି ତାହାହେଲେ ଏହା ଆମ ଅନ୍ତର ମନକୁ କେତେ ପ୍ରଭାବିତ କରୁଛି ତାହା ବିଚାର କରିବା କଥା । ଆଜି ମଣିଷ ଭିତରେ ଯେଉଁ ଅମଣିଷପଣିଆ ଦେଖିବାକୁ ମିଳୁଛି ତାହା ଆମର ଏହି ପରିବେଶ ପାଇଁ ନୁହେଁ ତ ? ବିଶ୍ୱର ତାପମାତ୍ରା ବୃଦ୍ଧି ହେବା ପଛରେ ଦୁଇଟି କାରଣ ରହିଛି ଗୋଟିଏ ହେଲା ମନୁଷ୍ୟ କୃତ ଅନ୍ୟଟି ହେଲା ପ୍ରାକୃତିକ । ମନୁଷ୍ୟ କୃତ କାରଣ ହେଲା ଜଙ୍ଗଲ ନଷ୍ଟ, ଗଛ କାଟିବା, ଯାନବାହାନ ବ୍ୟାବାହାର କରିବା ଫସିଲ ଫୁଏଲର ଦୂରପ୍ରୟୋଗ କରିବା । ପ୍ରାକୃତିକ କାରଣ ହେଲା ଭୂମିକମ୍ପ, ବାତ୍ୟା, ଅଗ୍ନିକାଣ୍ଡ, ଗ୍ୟାସ ଦୁର୍ଘଟଣା ଏବଂ କୋଇଲା ଜଳେଇବା ଲାଗି ବିଶ୍ୱ ତାପମାନର ସମସ୍ୟା ଦେଖିବାକୁ ମିଳୁଛି । ବିଶ୍ୱ ତାପମାନର ମୁଖ୍ୟ କାରଣ ହେଲା ଗ୍ରୀନ ହାଉସ ଏଫେକ୍ଟ । ଗ୍ରୀନ ହାଉସ ହେଲା ଗଛକୁ ବଞ୍ଚେଇବା ପାଇଁ ଗୋଟିଏ କାଚ ଘର ଯେଉଁ କାଚ ଘରରୁ ଉତ୍ତାପ କମେ ନାହି । ଯାହାକି ଗଛକୁ ବଞ୍ଚେଇବା ପାଇଁ ସାହାଯ୍ୟ କରିଥାଏ । ଅଙ୍ଗାରକାମ୍ଳ ଏବଂ ମିଥାଇଲ ଗ୍ୟାସର ବୃଦ୍ଧି ପାଇଁ ଗ୍ରୀନ ହାଉସ ଏଫେକ୍ଟ ଦେଖିବାକୁ ମିଳୁଛି । ଯେତେ ବେଳେ ଗୋଟିଏ ଡିଗ୍ରୀ ତାପମାନ ବଢି ଯାଉଛି ଏହା ଆମର ପରିବେଶକୁ ବହୁତ ପ୍ରଭାବିତ କରୁଛି । ପୃଥିବୀର ଦକ୍ଷିଣ ମେରୁ ଓ ଉତ୍ତର ମେରୁରେ ଜମା ହୋଇଥିବା ବରଫ ତରଳିବାକୁ ଲାଗୁଛି । ଭାରତର ହିମାଳୟରେ ଥିବା ଗ୍ଲେସିୟର ମଧ୍ୟ ତରଳିବାକୁ ଲାଗୁଛି ଏବଂ ଏହି ଗ୍ଲେସିୟରର ପଣି ହିମାଳୟରୁ ବାହାରି ଥିବା ନଦୀ ମାନଙ୍କରେ ବନ୍ୟା ପରିସ୍ଥିତି ସୃଷ୍ଟି କରୁଛି । ଅମରନାଥରେ ଥିବା ବରଫ ଶିବ ଲିଙ୍ଗ ଆଜିକାଲି ମାସ ମାସ ଧରି ରହୁନାହି ବରଂ ଅଳ୍ପ ଦିନରେ ତରଳି ଯାଉଛି । ଆଗକୁ ଯେତେ ବେଳେ ଆହୁରି ଉତ୍ତାପ ବଢିବ ନଦୀମାନଙ୍କରେ ବନ୍ୟା ଆସିବ ଏବଂ ବନ୍ୟା ଜଳ ନେଇ ସେମାନେ ସମୁଦ୍ରରେ ମିଶିବେ ସମୁଦ୍ରର ଜଳର ପରିମାଣ ବଢିବ, ଏହି ସମୁଦ୍ରର ପାଣି ନିକଟବର୍ତ୍ତି ଗାଁ ଓ ସହରକୁ ବ୍ୟାପିବ, ସହର ଓ ଗାଁ ଗୁଡିକ ଜଳ ମଗ୍ନ ହେଇଯିବେ ଏବଂ ଭୂଭାଗ କମି ଯିବ। ବିଶ୍ୱ ତାପମାନର ବୃଦ୍ଧି ପାଇଁ ବିଶ୍ୱର ବହୁ ବୁଦ୍ଧିଜୀବୀ ଚିନ୍ତିତ । ଏହି ସମସ୍ୟାର ସମାଧାନର ଏକ ମାତ୍ର ରାସ୍ତା ହେଲା ବୃକ୍ଷ ରୋପଣ ଓ ଜଙ୍ଗଲ ସୁରକ୍ଷା । ବୃକ୍ଷ ଆମକୁ ଅମ୍ଳଜାନ ଦେଇ ଥାଏ ଏବଂ ବାୟୁ ମଣ୍ଡଳରେ ଥିବା ଅଙ୍ଗାରକାମ୍ଳର ପରିମାଣକୁ କମ କରିଥାଏ । ତେଣୁ ବୃକ୍ଷ ରୋପଣ ହେଲା ଏକ ମାତ୍ର ସମସ୍ୟାର ସମାଧାନ । ସମୁଦ୍ର କୂଳରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କାରାଯିବା କଥା। ସମୁଦ୍ର ପାଣି ଯେହେତୁ ଲୁଣିଆ ଲୁଣି ପାଣିରେ ବଢୁଥିବା ଗଛ ଲଗାଇବା କଥା ଯେମିତି କି ଝାଉଁ ଗଛ ଏବଂ ନଡିଆ ଗଛ ଲଗାଇବା ଉଚିତ ତାହେଲେ ଆମେ ସମୁଦ୍ର ପାଣିକୁ ଅଟକାଇ ପାରିବା। ଭାଗବତର ଦ୍ୱାଦଶ ସ୍କନ୍ଦର ଚତୁର୍ଥ ଅଧାୟରେ ପ୍ରଳୟର ବର୍ଣ୍ଣନା ରହିଛି ଯେଉଁଠି ପୃଥୁବୀ ଉତ୍ତପ୍ତ ହେବା ବିଷୟ ମଧ୍ୟ କୁହା ଯାଇଛି । ସୂର୍ଯ୍ୟର କିରଣର ତେଜ ଜୀବ ଜଗତକୁ ଅସ୍ତବ୍ୟସ୍ତ କରିବ ବୋଲି କୁହା ଯାଉଛି। ଜୀବ ଜଗତକୁ କେମିତି ବଞ୍ଚାଇ ହବ ତାହା ଆମ ପାଠ୍ୟକ୍ରମ ମୁଖ୍ୟ ବିଷୟ ହେବା କଥା । ବିଶ୍ୱ ଯେତେ ବେଳେ ବିନାଶର ଦ୍ୱାର ପାଖରେ ଠିଆ ହୋଇଛି ସେତେବେଳେ ଆମେ ଲାଭ ଓ କ୍ଷତିର ଅଙ୍କ ନ କଷି ବରଂ ସାମୁହିକ ବିକାଶ ଏବଂ ସାମୁହିକ ସୁଖ ଶାନ୍ତିର ବାର୍ତ୍ତାବହ ହେବା କଥା। ଭାରତର ଚିନ୍ତାଶୀଳ ବ୍ୟକ୍ତିମାନେ ସବୁବେଳେ ବିଶ୍ୱକୁ ଶାନ୍ତି ଓ ସଦଭାବନାର ବାର୍ତ୍ତା ଦେଇଛନ୍ତି । ଆଜି ଭାରତ ବିଶ୍ୱର ଦିଗଦର୍ଶକ ହୋଇ ଠିଆ ହେଉ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ





# ବିଜେଡ଼ିର ମହିଳା ସମାବେଶ:ମହିଳାଙ୍କୁ ସଶକ୍ତୀକରଣ କରିଛି ବିଜେଡ଼ି ସରକାର

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବିଜେଡ଼ି ପକ୍ଷରୁ ବାରିପଦା ତୁଳସୀଚୌରା ଠାରେ ଜୋନ୍‌ସ୍ତରୀୟ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି । ସମାବେଶରେ ବାରିପଦା ବିଧାୟକ ପ୍ରାର୍ଥୀ ସାନନ୍ଦ ମାର୍ଣ୍ଡି ଉପସ୍ଥିତ ରହି ମହିଳା ମାନଙ୍କ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ବିଜେଡ଼ି ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଥିବାରୁ ଆଜି ଘର କୋଣରୁ ମହିଳା ମାନେ ବାହାରି ସଶକ୍ତ ହୋଇପାରିଛନ୍ତି ।ତେଣୁକରି ମହିଳାମାନେ ବିଜେଡି ସରକାରକୁ ସଦାସର୍ବଦା ସମର୍ଥନ ଜଣାଇ ଆସୁଛନ୍ତି ଆଉ ଆଗାମୀ ଦିନରେ ମଧ୍ଯ ସମର୍ଥନ ଜଣାଉଥିବେ ବୋଲି ବିଧାୟକ ପ୍ରାର୍ଥୀ ଶ୍ରୀ ମାରାଣ୍ଡି କହିଛନ୍ତି ।ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ବାରିପଦା




ସହରର ବିକାଶ ନିମନ୍ତେ ଗ୍ରହଣ କରାଯାଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅବତାରଣା କରିବା ସହିତ ବିଜେପି ଦଳ ବାରମ୍ବାର ମିଥ୍ୟା ପ୍ରତିଶ୍ରୁତି ଦେଇଥିବା ବେଳେ ବିଜେଡି ସଦାସର୍ବଦା ଲୋକଙ୍କ ନିକଟରେ ରହି ତାଙ୍କ ସୁଖଦୁଃଖର ସାଥି ହୋଇଛି ବୋଲି କହିଥିଲେ । ବିଜେପି ସାଂସଦ ଓ ବିଧାୟକ ମାନେ ନିର୍ବାଚନ ଜିତିବା ପରେ ଲୋକଙ୍କ ନିକଟରୁ ଦୂରେଇ ଯାଉଥିବା ବେଳେ ବିଜେଡି ସବୁବେଳେ ଲୋକଙ୍କ ଗହଣରେ ରହୁଛି । ସେହିପରି ବିଜେଡି ମହିଳା ମାନଙ୍କର ଭାଗିଦାରୀ ବୃଦ୍ଧି ପାଇଁ ୩୩ ପ୍ରତିଶତ ମହିଳା ସଂରକ୍ଷଣକୁ ବିଜେଡି ଗୁରୁତ୍ୱ ଦେଇ ଜିଲ୍ଲାର ୪ ଗୋଟି ନିର୍ବାଚନ ମଣ୍ଡଳୀରେ ମହିଳା ପ୍ରାର୍ଥନୀ କରିଛି । କିନ୍ତୁ ବିଜେପିର ମହିଳା ସଂରକ୍ଷଣ କେବଳ ଧୂଆଁବାଣ ବୋଲି ଆକ୍ଷେପ କରାଯାଇଛି ।ତେଣୁ ଭୋଟର ମାନେ ଏଥର ଯୋଡି ଶଙ୍ଖରେ ଭୋଟ ଦେଇ ସାଂସଦ ପ୍ରାର୍ଥୀ ସୁଦାମ ମାର୍ଣ୍ଡି ଓ ବିଧାୟକ ପ୍ରାର୍ଥୀ ସାନନ୍ଦ ମାର୍ଣ୍ଡିଙ୍କୁ ବିଜୟ କରିବା ପାଇଁ ନିବେଦନ କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରିଲେ ଜୁଲାଇ ମାସରୁ ଗରୀବ ଲୋକଙ୍କୁ ମାଗଣାରେ ୧୦୦ ୟୁନିଟ୍ ବିଜୁଳି ସହିତ ସମସ୍ତଙ୍କୁ ବିଜୁ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯିବ ବୋଲି କହିଛନ୍ତି । ଏଥିସହିତ ମିଶନ ଶକ୍ତି ଯୋଜନାରେ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମହିଳା ମାନଙ୍କୁ ଋଣ, ୫ ବର୍ଷରେ ୨ ଲକ୍ଷ ସରକାରୀ ନିଯୁକ୍ତି ପ୍ରଦାନ, ଯୁବକଙ୍କ ପାଇଁ ଏକ ଶହ କୋଟିର ବ୍ୟୟ ବରାଦର ବଜେଟ୍ କରାଯିବ ବୋଲି କହିଛନ୍ତି । ସ୍ଥାନୀୟ ୱାର୍ଡ କାଉନସିଲର ଅନନ୍ତ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ବିଧାୟକ ପ୍ରାର୍ଥୀ ସାନନ୍ଦ ମାର୍ଣ୍ଡି, ରାଜ୍ୟସଭା ସାଂସଦ ମମତା ମହାନ୍ତ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୂର୍ବତନ ମନ୍ତ୍ରୀ ତଥା ଷ୍ଟାର୍ ପ୍ରଚାରକ ସରୋଜିନୀ ହେମ୍ବ୍ରମ୍, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳ ସୀମା ଦାସ, ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି, ମହିଳା ସଭାନେତ୍ରୀ ଦୀପ୍ତିଲତା ମିଶ୍ର, ମହିଳା ନେତ୍ରୀ ଶ୍ରାବଣୀ ଦାସଙ୍କ ସମେତ ବାରିପଦା ପୌରପାଳିକାର ସମସ୍ତ ୱାର୍ଡ କାଉନସିଲରଙ୍କ ସମେତ ଅନେକ କର୍ମୀ ଓ ସମର୍ଥକ ଉପସ୍ଥିତ ଥିଲେ ।




## କଂଗ୍ରେସ ସାଂସଦ ପ୍ରାର୍ଥୀଙ୍କ ଭୋଟ୍ ଭିକ୍ଷା

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ମର୍ଯ୍ୟାଦା ଜନକ କେନ୍ଦ୍ରାପଡା ସଂସଦୀୟ କ୍ଷେତ୍ରର କଂଗ୍ରେସ ସାଂସଦ ପ୍ରାର୍ଥୀ ଯୁବନେତା ଇଂ ସିଦ୍ଧାର୍ଥ ସ୍ୱରୂପ ଦାଶ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଭୋଟ୍ ଭିକ୍ଷା କରିଛନ୍ତି । ଏହି ଅବସରରେ ଶ୍ରୀ ଦାସ କଂଗ୍ରେସ ଯୁବନେତା ଅମୀୟ କୁମାର ବିଶ୍ୱାଳ, ପ୍ରାକ୍ତନ ଆଳି ବ୍ଲକ କଂଗ୍ରେସ ଯୁବ ସଭାପତି ସତ୍ୟପ୍ରିୟ ସାମଲ, ଯୁବନେତା ରିଙ୍କୁ ଲେଙ୍କା, ପ୍ରଶାନ୍ତ କୁମାର ନାୟକ, ସଞ୍ଜୟ କୁମାର ବେହେରା, ମନ୍ମଥ ଖଟୁଆ ପ୍ରମୁଖ ବହୁ କଂଗ୍ରେସ କର୍ମୀଙ୍କୁ ସାଥିରେ ଧରି ଘର ଘର ବୁଲି ଭୋଟ ଭିକ୍ଷା କରିବା ସହ କଂଗେସର ଗ୍ୟାରେଣ୍ଟି ଯୋଜନା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବା ସହ କେନ୍ଦ୍ରାପଡା ସଂସଦୀୟ କ୍ଷେତ୍ରରେ ନିତ୍ୟ ନୂତନ ବୈପ୍ଳବିକ ପରିବର୍ତ୍ତନ ଆଣିବା ନିମନ୍ତେ କଂଗ୍ରେସ ଦଳକୁ ହାତ ଚିହ୍ନରେ ମୋହର ମାରି ଜୟଯୁକ୍ତ କରିବା ନିମନ୍ତେ ଅନୁରୋଧ କରିଥିଲେ। ଏହି ଅବସରରେ ପ୍ରାର୍ଥୀ ଶ୍ରୀ ଦାଶ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଏକ ସୌଜନ୍ୟ ମୂଳକ ସାକ୍ଷାତ କରିବା ସହ ସେମାନଙ୍କର ନୈତିକ ସମର୍ଥନ ଓ ସାହାଯ୍ୟ ସହଯୋଗ କାମନା କରିଥିଲେ।

## ଆୟବା ପଞ୍ଚାୟତରେ ବିଜେଡ଼ିର ନିର୍ବାଚନୀ ପ୍ରଚାର

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧିନ ଆୟବା ପଞ୍ଚାୟତରେ ବିଜେଡ଼ି ପକ୍ଷରୁ ନିର୍ବାଚନ ପ୍ରଚାର ଓ ଭୋଟର ସଚେତନତା କାର୍ଯ୍ୟକ୍ରମ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ବିଜେଡ଼ି ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ କେନ୍ଦ୍ରାପଡା ବିଧାନସଭା ପ୍ରାର୍ଥୀ ଗଣେଶ୍ୱର ବେହେରା କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ନିର୍ମଳ ଶାସନ ଓ ବିକାଶ କାର୍ଯ୍ୟକ୍ରମକୁ ଆଗେଇ ନେବାପାଇଁ ଶଙ୍ଖ ଚିହ୍ନଟରେ ଦୁଇଥର ଭୋଟ୍ ଦେଇ ଷଷ୍ଠଥର ପାଇଁ ନବୀନ ପଟ୍ଟନାୟକଙ୍କୁ ଜିତାଇବା ପାଇଁ ଭୋଟର ମାନଙ୍କୁ ନିବେଦନ କରିଥିଲେ । ବିଜେଡ଼ି ପଞ୍ଚାୟତ ସଭାପତି ବିଜୟ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସରପଞ୍ଚ କାଦମ୍ବିନୀ ବିଶ୍ୱାଳ, ୮ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ରଶ୍ମି ରଞ୍ଜନ ରାଉତ, ଅଯୋଧ୍ୟାନାଥ ବିଶ୍ୱାଳ, ପୁଷ୍ପିତା ସାମଲ, ଭାସ୍କର ସ୍ୱାଇଁ, ପୂର୍ବତନ କଂସାର ସରପଞ୍ଚ ପ୍ରଦ୍ୟୁମ୍ନ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ‘ଛାତ୍ରୀ ଗଣ ଦୁଷ୍କର୍ମ ଘଟଣାରେ ଶିକ୍ଷାନୁଷ୍ଠାନର କୌଣସି ସମ୍ପର୍କ ନାହିଁ’

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ନିକଟ ଅତୀତରେ ବ୍ରହ୍ମପୁରରେ ହୋଇଥିବା ନାବାଳିକା ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା ସମ୍ପର୍କରେ କିଛି ଗଣମାଧ୍ୟମରେ ଖବର ପ୍ରସାରଣ କରାଯାଇଥିଲା ଏବଂ ପୀଡିତା ଛାତ୍ରୀ ଜଣକ ଅକ୍ସଫୋର୍ଡ ପବ୍ଲିକ ସ୍କୁଲର ବୋଲି ଦର୍ଶା ଯାଇଥିଲା । ଏପରିକି ଏଭଳି ସୂଚନା ବ୍ରହ୍ମପୁର ଏସପିଙ୍କର ମନ୍ତବ୍ୟ ବୋଲି କୁହାଗଲା । କିନ୍ତୁ ବାସ୍ତବରେ ବ୍ରହ୍ମପୁର ଏସପି ନିଜର ପ୍ରତିକ୍ରିୟାରେ କୌଣସି ସ୍ଥାନରେ କୌଣସି ଅନୁଷ୍ଠାନର ଏହି ଘଟଣାରେ ସମ୍ପୃକ୍ତି ଥିବାକଥା କହିନାହାନ୍ତି । ବାସ୍ତବରେ ଉକ୍ତ ପୀଡ଼ିତାଙ୍କର ଅକ୍ସଫୋର୍ଡ ପବ୍ଲିକ ସ୍କୁଲ ସହିତ ବର୍ତ୍ତମାନ କୌଣସି ପ୍ରକାର ସମ୍ପର୍କ ନାହିଁ କି ପୂର୍ବରୁ ବି କେବେ ନଥିଲା ବୋଲି ସ୍ପଷ୍ଟ କରିଛନ୍ତି । ଅକ୍ସଫୋର୍ଡ ପବ୍ଲିକ ସ୍କୁଲର ନିର୍ଦ୍ଦେଶକ ଇଂ ଅଶୋକ କୁମାର ପାଳ ସାଧାରଣତଃ ପୋସ୍କ ଆକ୍ଟ ଭଳି ଏକ ସମ୍ବେଦନଶୀଳ ଘଟଣାରେ କୌଣସି ଦୁଷ୍କର୍ମ ପୀଡ଼ିତାଙ୍କ ନାମ ଏବଂ ଠିକଣା ସମ୍ପୂର୍ଣ୍ଣ ଗୋପନ ରହିବା କଥା ଏହା କୌଣସି ଗଣମାଧ୍ୟମରେ ପ୍ରକାଶ କରାଯିବା ସମ୍ପୂର୍ଣ୍ଣ ଅନୁଚିତ୍ । ପରିଶେଷରେ ଉକ୍ତ ନିନ୍ଦନୀୟ ଘଟଣାରେ ଅକ୍ସଫୋର୍ଡ ପବ୍ଲିକ ସ୍କୁଲର କୌଣସି ଭୂମିକା ନାହିଁ । ଅନୁଷ୍ଠାନର ସଂପୃକ୍ତି ବିଷୟକୁ ସ୍କୁଲ୍ ପକ୍ଷରୁ ନିର୍ଦ୍ଦେଶକ ଇଂ ପାଳ ଦୃଢ଼ ଭାବରେ ଖଣ୍ଡନ କରିଛନ୍ତି । ଏଭଳି ଖବର ପ୍ରସାରଣ ଦ୍ୱାରା ଅକ୍ସଫୋର୍ଡ ପବ୍ଲିକ ସ୍କୁଲ ଭଳି ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠା ଉପରେ ଆଞ୍ଚ ଆସିଛି ।ସମସ୍ତେ ଜାଣନ୍ତି ସମାଜରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।ଏଣୁ ସମସ୍ତ ଗଣମାଧ୍ୟମ ସଂସ୍ଥା ଓ ଏହାର ପ୍ରତିନିଧିମାନଙ୍କୁ ଅନୁରୋଧ ପ୍ରକୃତ ତଥ୍ୟ ଅନୁସନ୍ଧାନ କରି ଖବର ପ୍ରସାରଣ କରିବାକୁ ଅନୁରୋଧ କରିଛନ୍ତି ।

# କେନ୍ଦୁଝରର ଜୀବନରେଖା ଏନ୍‌ଏଚ୍-୨୦ ଏବେ ଅସୁରକ୍ଷିତ



**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଗତ ମେ ୧୫ ତାରିଖରେ ଜାତୀୟ ରାଜପଥ ୫୨୦ର ରିମୁଳି କଲେଜ ଛକ ନିକଟରେ ଘଟିଥିବା ହୃଦୟ ବିଦାରକ ଦୁର୍ଘଟଣାରେ ୬ ଜଣଙ୍କ ଜୀବନ ଅକାଳରେ ଚାଲିଯିବା ଘଟଣା ଲୋକଙ୍କ ମନରୁ ଲିଭିନାହିଁ । ଛଅ ଜଣଙ୍କ ଜୁଇର ନିଆଁ ଲିଭି ଥଣ୍ଡା ପଡିନଥିବା ବେଳେ ସରକାରୀ ବସ୍ ପଛରୁ ପିଟିଥିଲା ଟ୍ରକ୍। ରିମୁଳି ଦୁର୍ଘଟଣା ପରେ ଜାତୀୟ ରାଜପଥ ପ୍ରାଧିକରଣର ଏକ ଉଚ୍ଚସ୍ତରୀୟ ଟିମ୍ ଘଟଣାସ୍ଥଳକୁ ଯାଇ ଜାତୀୟ ରାଜପଥର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ। ଜାତୀୟ ରାଜପଥ ପ୍ରାଧିକରଣର ପ୍ରକଳ୍ପ ନିର୍ଦ୍ଦେଶକ ମହେଶ ଗାମି, ମ୍ୟାନେଜର ଟେକ୍‌ନିକାଲ୍ ଇଂ ଆଶିଷ ବିର୍ଲା, ରେସିଡେଣ୍ଟ ଇଞ୍ଜିନିୟର ଲକ୍ଷ୍ମୀଧର ନାୟକ ଘଟଣାସ୍ଥଳର ସ୍ଥିତି ପରଖିବା ସହ କେନ୍ଦୁଝର ଠାରୁ ରିମୁଳି ପର୍ଯ୍ୟନ୍ତ ୫୩ କିଲୋମିଟର ରାସ୍ତାର ବିଭିନ୍ନ ସ୍ଥାନ ପରିଦର୍ଶନ କରି ବିପଦ ସଙ୍କୁଳ ସ୍ଥାନକୁ ମରାମତି କରୁନଥିବାରୁ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଅଭିପ୍ସା କନ୍‌ଷ୍ଟ୍ରକ୍ସନ୍‌କୁ କାରଣ ଦର୍ଶାଅ ନୋଟିସ୍ କରିଥିଲେ। ତେବେ କେନ୍ଦୁଝରର ଲାଇଫ୍ ଲାଇନ୍ କୁହାଯାଉଥିବା ଜାତୀୟ ରାଜପଥ ୨୦କୁ କେବେ ପରିଦର୍ଶନ କରି ଏହାର ମରାମତି ଦାୟିତ୍ୱରେ ଥିବା କନ୍‌ଷ୍ଟ୍ରକସନ୍ ଦାୟିତ୍ୱରେ ଥିବା କମ୍ପାନୀକୁ ନୋଟିସ୍ ଜାରି କରିବେ ବୋଲି କେନ୍ଦୁଝରର ବୁଦ୍ଧିଜୀବୀଙ୍କ ମନରେ ପ୍ରଶ୍ନ ସୃଷ୍ଟି କରିଛି। ନରଣପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ଜାତୀୟ ରାଜପଥ ୨୦ର ଅବସ୍ଥା ଶୋଚନୀୟ ଥିବାବେଳେ ଜାତୀୟ ରାଜପଥ ପ୍ରାଧିକାରଣର ଦୃଷ୍ଟି ପଡୁନାହିଁ। କେନ୍ଦୁଝରର ସିଦ୍ଧମଠ ଠାରୁ ନରଣପୁର ଉପଖଣ୍ଡର ଗୋପାଳପୁର ପର୍ଯ୍ୟନ୍ତ ରାସ୍ତାର ବିଭିନ୍ନ ସ୍ଥାନରେ ଢେଉ ପରି ରାସ୍ତା ହୋଇଯାଇଥିବା ବେଳେ ଅନେକ ସ୍ଥାନରେ ପିଚୁ ଉଠି ଖାଲ ଖମା ସୃଷ୍ଟି ହୋଇଛି। ଏପରିକି ବହୁ ସ୍ଥାନରେ ରାସ୍ତାର ଧୂଳି ମଳି, ଲୁହାପଥର ଗୁଣ୍ଡ, ବଜରି ଆଦି କୁଢ଼ କୁଢ଼ ହୋଇ ରାସ୍ତା ଉପରେ ରହିଛି। କେଉଁଠି ରାସ୍ତାକଡ଼ରେ ଲମ୍ବା ଲାଇନ୍ କରି ଗାଡି ପାର୍କିଙ୍ଗ ପୁଣି କେଉଁଠି ରାସ୍ତା ଉପରେ ପୋଲର ରଡ଼୍ ଦେଖାଯାଉଛି। ହେଲେ ଏସବୁ ସାଧାରଣ ଲୋକଙ୍କୁ ଦେଖାଯାଉଥିବା ବେଳେ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀଙ୍କ ନଜରକୁ ଆସିବ କେବେ ? କେନ୍ଦୁଝର ବାଇପାସ୍ ଉପରେ ଅନେକ ସମୟରେ ରାସ୍ତାର ଶୋଚନୀୟ ଅବସ୍ଥା ପାଇଁ ଦୁର୍ଘଟଣାରେ ଅକାଳରେ ଅନେକ ଜୀବନ ଯାଇ ସାରିଲାଣି। କେନ୍ଦୁଝରର ଘଟଗାଁରେ ହୋଇଥିବା ଦୁର୍ଘଟଣା ଲୋକଙ୍କ ମନରୁ ଲିଭିନାହିଁ। କିନ୍ତୁ ଜାତୀୟ ରାଜପଥ ପ୍ରାଧିକରଣ ନିଦାବିଷ୍ଟ ସାଜି ଚୁପ୍ ରହିବା ପଛର କାରଣ କଣ ? କେବେ ରାସ୍ତାରେ ଟୋଲ ଦେଇ ଯିବା ଆସିବା କରୁଥିବା ଲୋକେ ଭଲ ରାସ୍ତା ଦେଖିବେ ବୋଲି ଅନେକ ଲୋକଙ୍କ ମନର ପ୍ରଶ୍ନର ଉତ୍ତର ମିଳୁନାହିଁ। ପାଣିକୋଇଲି ଠାରୁ ରିମୁଳି ପର୍ଯ୍ୟନ୍ତ ୧୬୬ କିଲୋମିଟର ରାସ୍ତା ବିଭିନ୍ନ ସ୍ଥାନରେ ମରଣଯନ୍ତା ପାଲଟିଛି। ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଜାତୀୟ ରାଜପଥକୁ ଉଚ୍ଚ ଗୁଣବତ୍ତାଯୁକ୍ତ କରିବା ସହ ଯାତ୍ରୀଙ୍କୁ ଆରାମଦାୟକ ଓ ସୁରକ୍ଷିତ ଯାତ୍ରାର ଅନୁଭୂତି ପ୍ରଦାନ କରିବା ଉପରେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରଣାଳୟ ଗୁରୁତ୍ୱ ଦେଉଛି। କେନ୍ଦୁଝରର ଜୀବନରେଖା କୁହାଯାଉଥିବା ଜାତୀୟ ରାଜପଥ ୨୦ ଅସୁରକ୍ଷିତ ହୋଇପଡ଼ିଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ଦିଆଯାଉନାହିଁ। ବିଭିନ୍ନ ସ୍ଥାନରେ ସର୍ଭିସରୋଡ୍ ଅଧପନ୍ତରିଆ ହୋଇପଡ଼ିଛି। କେନ୍ଦୁଝର ଲୋକଙ୍କ ଜୀବନ ସହ ଜାତୀୟ ରାଜପଥ ପ୍ରାଧିକରଣ ଖେଳ ଖେଳୁଥିବା ଅନେକ ବୁଦ୍ଧିଜୀବୀ କହୁଥିବା ବେଳେ ଜାତୀୟ ରାଜପଥ ପ୍ରାଧିକରଣର ଅଧିକାରୀ ଓ ଯନ୍ତ୍ରୀ କାହା ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ଚୁପ୍ ବସୁଛନ୍ତି। କେନ୍ଦୁଝର ଲୋକଙ୍କ ଜୀବନର ଗୁରୁତ୍ୱ ଏହି ଅଧିକାରୀ ମାନେ କେବେ ବୁଝିପାରିବେ ତାହା ଦେଖିବାକୁ ବାକି ରହିଲା।

## ବାଲିଦୋହଲି ଗ୍ରାମରେ ଅଗ୍ନିକାଣ୍ଡ:ଜଳିଗଲା ପାଳଗଦା



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ଗ୍ରାମ ପଞ୍ଚାୟତ ବାଲିଦୋହଲି ଗ୍ରାମରେ ଅଗ୍ନିକାଣ୍ଡ ଘଟି ଗୋଟିଏ ପାଳଗଦା ପୋଡି ଯାଇଥିବା ଦେଖିବାକୁ ମିଳିଛି । ମିଳିଥିବା ସୂଚନା ଅନୁଯାୟୀ ଗ୍ରାମର ନୀଳଗିରି କଲତାଗ୍ରାମ ନିକଟ ଏକ ବିଲରେ ଗୋରୁଙ୍କ ଖାଇବା ପାଇଁ ଏକ ପାଳଗଦା ରଖିଥିଲେ । ହଠାତ୍ ଆକସ୍ମିକ ଅଗ୍ନିକାଣ୍ଡ ଘଟି ପାଳଗଦା ଜଳିଥିଲା । ଏ ସମ୍ପର୍କରେ ଗ୍ରାମର ୱାର୍ଡସଭ୍ୟ ବୀରମହାକୁଡ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ । ଅଗ୍ନିଶମବାହିନୀ ନିଆଁକୁ ଆୟତ୍ତ କରିଥିବାବେଳେ ପାଳଗଦାଟି ସମ୍ପୂର୍ଣ୍ଣପୋଡି ପାଉଁଶ ହୋଇଯାଇଥିଲା ।

## ଟିକିରି ଛାତ୍ର ମୃତ୍ୟୁ ଘଟଣା, ପ୍ରଧାନ ଶିକ୍ଷକଙ୍କ ସମେତ ଦୁଇ ଶିକ୍ଷକ ନିଲମ୍ବିତ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ଗତ ଏପ୍ରିଲ ୧୯ ତାରିଖରେ ରାୟଗଡା ଜିଲ୍ଲା କାଶୀପୁର ବ୍ଲକର ଟିକିରି ସ୍ଥିତ ଉଚ୍ଚ ମାଧ୍ୟମିକ ସ୍କୁଲର ଛାତ୍ର ମୃତ୍ୟୁ ଘଟଣାରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଶିକ୍ଷା ବିଭାଗ । ଏହି ଘଟଣାରେ ସ୍କୁଲର ପ୍ରଧାନ ଶିକ୍ଷକ ଲୋଚନ ଖରା ଓ ସହକାରୀ ଶିକ୍ଷକ ଟଙ୍କଧର ନାୟକଙ୍କୁ ନିଲମ୍ବନ କରାଯାଇଛି ।ପ୍ରଧାନ ଶିକ୍ଷକଙ୍କୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ନିଲମ୍ବନ କରିଥିବା ବେଳେ ସହକାରୀ ଶିକ୍ଷକଙ୍କୁ ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ ନିଲମ୍ବନ କରିଛନ୍ତି ।ସେହିପରି ଗୁଣପୁର ଉପଖଣ୍ଡର ପୁଟାସିଂ ପଞ୍ଚାୟତର ଟଲଣାରେ ଜଣେ ୫ମ ଶ୍ରେଣୀ ଛାତ୍ର ମୃତ୍ୟୁ ଘଟଣାରେ ଆଉ ଦୁଇ ଶିକ୍ଷକ ନିଲମ୍ବିତ ହୋଇଛନ୍ତି । ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ନିର୍ଦ୍ଦେଶରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସଂଗୀତା କୁମାରୀ ଓଁକାର ଓ ସହକାରୀ ଶିକ୍ଷକ ଦୁର୍ଯ୍ୟୋଧନ ଶବରଙ୍କ ନିଲମ୍ବନ କରିଛନ୍ତି ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ । ମିଳିଥିବା ସୂଚନା ମୁତାବକ, ଗତ ମାସ ୧୯ ତାରିଖରେ ରାୟଗଡା ଜିଲ୍ଲା ଟିକିରି ସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ସୁମନ ନାଏକଙ୍କ ମୃତ୍ୟୁ ହୋଇଥିଲା । ଏହି ଘଟଣା ଜଣାପଡିବା ପରେ ୨୦ ତାରିଖରେ ଜିଲ୍ଲା ମଙ୍ଗଳ ଅଧିକାରୀ ଭାରତ ଭୂଷଣ ବିଶ୍ୱାଳ, ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ ଓ କାଶୀପୁର ବିଇଓ ଛାତ୍ର ମୃତ୍ୟୁ ଘଟଣାର ତଦନ୍ତ କରି ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ । ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଏହି ତଦନ୍ତ ରିପୋର୍ଟ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ସୁପାରିଶ କରିଥିଲେ । ତାପରେ ଏଭଳି ଦୃଢ ଆଭିମୁଖ୍ୟ ଦେଖାଇଛି ଶିକ୍ଷା ବିଭାଗ ।



## ୭ନଂ ୱାର୍ଡରେ କଂଗ୍ରେସ ପ୍ରାର୍ଥୀ ସିପ୍ରାଙ୍କ ପ୍ରଚାର

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବିଧାନସଭା କ୍ଷେତ୍ରରୁ କଂଗ୍ରେସ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପୂର୍ବତନ ବିଧାୟିକା ସିପ୍ରା ମଲିକ ପ୍ରଚାର ଅଭିଯାନକୁ ଆଗେଇ ନେଇଛନ୍ତି । ଶନିବାର ସନ୍ଧ୍ୟା ସମୟରେ ପୌରାଞ୍ଚଳର ୭ନଂ ୱାର୍ଡରେ ଘରକୁ ଘର ବୁଲି ଭୋଟର ମାନଙ୍କୁ ଭେଟିବା ସହ ହାତ ଚିହ୍ନରେ ମୋହର ଦେଇ ଜୟଯୁକ୍ତ କରାଇବା ପାଇଁ ନିବେଦନ କରୁଥିବା ଦେଖାଯାଇଛି । ୭ନଂ ୱାର୍ଡର ଗୌଡଗୋପ, ମୀରପାଟଣା, ଲକ ଛକ, କାକଟ ପ୍ରଭୃତି ଗାଁ ମାନଙ୍କରେ କର୍ମୀ ମାନଙ୍କ ସହ ପ୍ରଚାର ଅଭିଯାନ ଚଳାଇଛନ୍ତି । ବିଭିନ୍ନ ଗ୍ରାମରେ ତାଙ୍କୁ ସ୍ୱାଗତ କରାଯାଉଥିବା ଦେଖିବାକୁ ମିଳିଛି ।

# ପଶ୍ଚିମ ଓଡ଼ିଶାରେ ପୁରନ୍ଦର ମିଶ୍ରଙ୍କ ତୋଫାନୀ ପ୍ରଚାର

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାୟପୁର ନଗର ଉତ୍ତରର ବିଧାୟକ ଏବଂ ଓଡ଼ିଶା ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ସହପ୍ରଭାରୀ ପୁରନ୍ଦର ମିଶ୍ର ପଶ୍ଚିମ ଓଡ଼ିଶାରେ ଦଳୀୟ ପ୍ରାର୍ଥୀ ମାନଙ୍କ ପାଇଁ ତୋଫାନୀ ପ୍ରଚାରରେ ଲାଗିଥିବା ଜଣାଯାଇଛି । ଶ୍ରୀ ମିଶ୍ର ସମ୍ବଲପୁରର ରେଙ୍ଗାଲୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଠେମରା ଓ ଡୁଙ୍ଗୁରିପଡା ଠାରେ ଏକ ନିର୍ବାଚନୀ ସଭାରେ ଭାଷଣ ଦେଇ ଲୋକସଭା ପ୍ରାର୍ଥୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବିଧାନସଭା ପ୍ରାର୍ଥୀ ନାଉରି ନାୟକଙ୍କ ସପକ୍ଷରେ ବିପୁଳ ସଂଖ୍ୟାରେ ଭୋଟଦାନ କରିବାକୁ ନିବେଦନ କରିଥିଲେ । ବିଜୁ ଜନତା ଦଳର ସରକାର ଦୀର୍ଘ ୨୪ ବର୍ଷ କାଳ ଶାସନ କରିବା ପରେ ମଧ୍ୟ, ଏଠାକାର ଗ୍ରାମବାସୀମାନଙ୍କ ପାଇଁ ଶୌଚାଳୟ ନଥିବା ଏବଂ ସ୍ନାନ କରିବା ସକାଶେ ପାଣିର ଘୋର ସଙ୍କଟ ରହିଥିବା ବିଷୟ



ଲୋକମାନେ ଅଭିଯୋଗ କରିଥିଲେ । ରାଜ୍ୟରେ ବିଜେପି ସରକାର ପ୍ରତିଷ୍ଠା ହେଲେ ତୁରନ୍ତ ଗ୍ରାମବାସୀ ମାନଙ୍କର ଏହି ମୌଳିକ ସମସ୍ୟା ଗୁଡିକ ସମାଧାନ କରାଯିବ ବୋଲି ଶ୍ରୀ ମିଶ୍ର ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ଓଡ଼ିଶା ପ୍ରାକୃତିକ ପ୍ରାଚୁର୍ଯ୍ୟରେ ଭରପୁର ହୋଇଥିଲେ ସୁଦ୍ଧା ଶାସକ ବିଜେଡ଼ି ସରକାର ଗରିବୀ ଓ ବେକାରୀ ସମସ୍ୟାକୁ ଦୂର କରିବା ପାଇଁ କିଛି କରିନଥିବା ଶ୍ରୀ ମିଶ୍ର ଅଭିଯୋଗ କରିଥିଲେ । ରାଜ୍ୟର ଅସ୍ମିତା ବର୍ତ୍ତମାନ ବିପଦାପନ୍ନ ହୋଇଥିବା ନେଇ ସେ କ୍ଷୋଭ ପ୍ରକାଶ କରିଥିଲେ । ବିଜେପି ସରକାର କ୍ଷମତାକୁ ଆସିଲେ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା, ମହିଳାମାନଙ୍କୁ ସୁଭଦ୍ରା ଯୋଜନା ଅଧୀନରେ ମାସକୁ ୩୦୦୦ ଟଙ୍କା ଏବଂ ରାଜଧାନୀ ଭୁବନେଶ୍ୱରରୁ ରାଜ୍ୟର ଦୂରଦୁରାନ୍ତ ଅଞ୍ଚଳ ଗୁଡିକୁ ପ୍ରାୟ ୭୫ ହଜାର କିଲୋମିଟର ଦୀର୍ଘ ବିଶ୍ୱସ୍ତରୀୟ ଅତ୍ୟାଧୁନିକ ରାସ୍ତା ନିର୍ମାଣ କରି ସଂଯୋଗ କରାଯିବ ବୋଲି ଶ୍ରୀ ମିଶ୍ର ଘୋଷଣା କରିଥିଲେ । ଏହି ସଭାରେ ବିଜେପିର ବରିଷ୍ଠ ନେତ୍ରୀ ନିବେଦିତା ନାୟକ ମଧ୍ୟ ଉଦ୍‌ବୋଧନ ଦେଇଥିଲେ । ବରଗଡ଼ ଲୋକସଭା ଅନ୍ତର୍ଗତ ଭଟଲି ଠାରେ ଏକ ବିଶାଳ ଜନସଭାକୁ ସମ୍ବୋଧନ କରି ଶ୍ରୀ ମିଶ୍ର, ଓଡ଼ିଶାରେ ଏବେ ପରିବର୍ତ୍ତନର ଲହରୀ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଥିବା ପ୍ରକାଶ କରିଥିଲେ ।ନରେନ୍ଦ୍ର ମୋଦୀଙ୍କୁ ଦେଶର ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ବନାଇବାକୁ ଓଡ଼ିଶାବାସୀ ଇଚ୍ଛୁକ ଥିବା ସେ ସୂଚାଇଥିଲେ । ବିଜେପିର ଘୋଷଣା ପତ୍ରକୁ ଲୋକମାନେ ବେଶ ପସନ୍ଦ କରୁଥିବା ଶ୍ରୀ ମିଶ୍ର ଜଣାଇଥିଲେ । ବରଗଡ଼ ଲୋକସଭା ପ୍ରାର୍ଥୀ ପ୍ରଦୀପ ପୁରୋହିତ ଏବଂ ଏହି ସଭାରେ ସାମିଲଥିବା ବିଧାନସଭା ପ୍ରାର୍ଥୀ ଇରାଶିଷ ଆଚାର୍ଯ୍ୟଙ୍କୁ ଜୟଯୁକ୍ତ କରିବାକୁ ପୁରନ୍ଦର ମିଶ୍ର ଉପସ୍ଥିତ ଥିବା ଜନସାଧାରଣଙ୍କୁ ଅନୁରୋଧ କରିଥିଲେ । ସଭାରେ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ସାରଂଗଡ଼ର ପୂର୍ବତନ ବିଧାୟକ କେରାଭାଇ ମନହର, ମହାସମୁନ୍ଦର ପ୍ରାକ୍ତନ ଜିଲ୍ଲା ପରିଷଦ ସଭାପତି ଛତର ସିଂହ ନାୟକ ଏବଂ ସରାଇପାଲିର କର୍ପୋରେଟର ସ୍ୱରଣ ସିଂହ ସାଲୁଜା ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ ।



## ବୈଶାଖୀ ସାହିତ୍ୟ ଆସର ଓ କବିତା ପାଠୋତ୍ସବ

**କଟକ, ନ୍ୟୁଜ୍ ବ୍ୟୁରୋ**

ବାଇମୁଣ୍ଡି ସାହିତ୍ୟ ସଂସ୍କୃତି ସୁରକ୍ଷା ସମାଜ ପକ୍ଷରୁ ବୈଶାଖୀ ସାହିତ୍ୟ ଆସର ଓ କବିତା ପାଠୋତ୍ସବ କଟକ ଶତାବ୍ଦୀବିହାର ନଳିନୀ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଶଶଧର ପଣ୍ଡାଙ୍କ ଅଧ୍ୟକ୍ଷତାରେ ନାଟ୍ୟକାର ସଂଜିତ୍ କୁମାର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ବୈଦିକ, ପୁରାଣ, ପ୍ରାଚୀନ ଓ ଆଧୁନିକ ସାହିତ୍ୟରେ ବୈଶାଖୀର ମହନୀୟତା ସମ୍ପର୍କରେ ବର୍ଣ୍ଣିତ ହୋଇଛି। ପ୍ରଚଣ୍ଡ ରୁଦ୍ର ଜୀବଜଗତକୁ ସଂଘର୍ଷ ଓ ବଞ୍ଚିବାର ଆହ୍ୱାନ ଦେଇଥାଏ। ମୁଖ୍ୟବକ୍ତା ଭାବେ କବି କିଶୋର ଚନ୍ଦ୍ର ସାହୁ ଯୋଗଦେଇ କହିଲେ, ସାହିତ୍ୟ ଋତୁ ବର୍ଣ୍ଣନାରେ ବୈଶାଖୀର ବୈଶିଷ୍ଟ୍ୟ ରହିଛି। ସଭାପତି ଶ୍ରୀ ପଣ୍ଡା ବୈଶାଖୀର ମହନୀୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଦୀନବନ୍ଧୁ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ବିଜୟ କୁମାର ନାଥଙ୍କ ସଂଯୋଜନାରେ କବି ମନ୍ମଥ କୁମାର ବରାଳ, ସ୍ୱର୍ଣ୍ଣଲତା ସିଂହସାମନ୍ତ, ନମିତା ମହାନ୍ତି, ନୃସିଂହ ଚରଣ ଜେନା, ନରେଶ ଚନ୍ଦ୍ର ରାୟମହାପାତ୍ର, ଲିପ୍‌ସା ସାମନ୍ତରାୟ, କୋକିଳା ମହାପାତ୍ର, ଅନ୍ନପୂର୍ଣ୍ଣା ଦାଶ, ସୁନି ଦାସ, ସୁବ୍ରତା ମହାପାତ୍ର, ଇତିଶ୍ରୀ ହାତି, ସମୀର ସ୍ୱାଇଁ, ଅରୁଣ କୁମାର ଅଗ୍ରୱାଲ, କବି ଆହ୍ଲାଦିନୀ ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ବୀରେନ୍ଦ୍ର ସିଂହସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ପୂର୍ବତନ ବିଧାୟକଙ୍କୁ ବିଜେଡ଼ି ପକ୍ଷରୁ ସମ୍ବର୍ଦ୍ଧନା

# ଦଳକୁ ଫେରିଛି, ଦଳ ପାଇଁ କାମ କରିବି:ରାଜୁ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସଙ୍କ ଘର ବାହୁଡ଼ା ପରେ ଉତ୍ସାହିତ ଧାମନଗର ବିଜେଡ଼ି । ରାଜୁ ଦଳକୁ ଫେରି ଆସିବା ପରେ ଚଳିତ ନିର୍ବାଚନରେ ବିଜେଡ଼ି ପ୍ରାର୍ଥୀ ସଞ୍ଜୟ ଦାସଙ୍କ ବିଜୟ ସୁନିଶ୍ଚିତ ହୋଇଯାଇଛି। ବିଶେଷ କରି ତିହିଡ଼ି ବ୍ଲକର ୧୩ ପଞ୍ଚାୟତର ସବୁ ଭୋଟ୍ ବିଜେଡି ଖାତାକୁ ଆସିଯିବ ବୋଲି ଆକଳନ କରାଯାଉଛି। ରାଜେନ୍ଦ୍ରଙ୍କ ଯୋଗଦାନ ପରେ ତାଙ୍କ ସମର୍ଥକମାନେ ପୁଣି ବିଜେଡ଼ି ପାଇଁ କାମ କରିବା ଆରମ୍ଭ କରିଦେଇଛନ୍ତି। ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ କରିବା ସଂକଳ୍ପ ନେଇ କାମ କରିବେ ବୋଲି କହିଛନ୍ତି ରାଜୁଙ୍କ ସମର୍ଥକ। ଏପରିକି ଧାମନଗରରେ ବିଜେଡି ପ୍ରାର୍ଥୀ ସଞ୍ଜୟ ଦାସଙ୍କୁ ବହୁ ଭୋଟ୍ ବ୍ୟବଧାନରେ ଜିତାଇବା ଲାଗି ସମସ୍ତ ପ୍ରୟାସ କରାଯିବ ବୋଲି ରାଜୁ କହିଛନ୍ତି । ସେହିପରି ରାଜେନ୍ଦ୍ର ବିଜେଡିକୁ ଫେରିବା ପରେ ଧାମନଗରର ବିଭିନ୍ନ ପଞ୍ଚାୟତରେ ବିଜେଡି କର୍ମୀମାନେ ବାଣ ଫୁଟାଇ ଓ ମିଠା ବାଣ୍ଟି ଦଳର ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ଏପରିକି ଗତ ମାର୍ଚ୍ଚରେ ରାଜୁ ବିଜେପିରେ ସାମିଲ ହେବାବେଳେ ଯେଉଁ କର୍ମୀମାନେ ତାଙ୍କୁ ସମର୍ଥନ ଜଣାଇ ବିଜେପିକୁ ଯାଇଥିଲେ, ସେମାନେ ଏବେ ପୁଣି ଘରକୁ ଫେରି ଆସିବା ଆରମ୍ଭ କରିଛନ୍ତି। ବିଭିନ୍ନ ପଞ୍ଚାୟତର ରାଜୁ ସମର୍ଥକ ବିଜେଡି ବ୍ଲକ ସଭାପତି ଉମେଶ ମହାନ୍ତିଙ୍କ ସହ ଏନେଇ ଆଲୋଚନା କରିଛନ୍ତି। ବିଜେଡ଼ିକୁ ଫେରି ଆସିବା ପରେ ରାଜୁଙ୍କ ସହ ୮ ହଜାର ଭୋଟ୍ ପୁଣି ବିଜେଡ଼ି ଖାତାକୁ ଫେରି ଆସିବ ବୋଲି ରାଜନୈତିକ ବିଶ୍ଳେଷକମାନେ ଆକଳନ କରୁଛନ୍ତି। ଏହାଫଳରେ ଧାମନଗରରେ




ବିଜେଡ଼ି ପ୍ରାର୍ଥୀ ଏକ ସହଜସାଧ୍ୟ ବିଜୟୀ ହାସଲ କରିବେ ବୋଲି ସେମାନେ ମତ ଦେଇଛନ୍ତି। ରାଜେନ୍ଦ୍ର ଦାସ ୨୦୦୯ରୁ ୨୦୧୪ ଯାଏ ବିଜୁ ଜନତା ଦଳର ଟିକେଟରେ ବିଜୟୀ ହୋଇ ଧାମନଗରରେ ବିଧାୟକ ଥିଲେ। ତେବେ ୨୦୧୪ ତାଙ୍କ ବଦଳରେ ମୁକ୍ତିକାନ୍ତ ମଣ୍ଡଳ ପ୍ରାର୍ଥୀ ହୋଇଥିଲେ। ଏହାପରେ ସେ ଦଳରେ ରହି କାମ କରିଥିଲେ। ପରବର୍ତ୍ତୀ ନିର୍ବାଚନ ୨୦୧୯ରେ ଦଳ ତାଙ୍କୁ ପୁଣି ପ୍ରାର୍ଥୀ କରିଥିଲା। ଏଥିରେ ସେ ବିଜେପିର ବିଷ୍ଣୁ ସେଠୀଙ୍କ ନିକଟରୁ ଅଳ୍ପ ବ୍ୟବଧାନରେ ପରାଜିତ ହୋଇଥିଲେ। ଦୁର୍ଭାଗ୍ୟକୁ ବିଧାୟକ ବିଷ୍ଣୁ ସେଠୀଙ୍କ ଦେହାନ୍ତ ପରେ ୨୦୨୨ ନଭେମ୍ବରରେ ଉପନିର୍ବାଚନ ହୋଇଥିଲା। ସେତେବେଳେ ପୁଣିଥରେ ଟିକେଟ ପାଇଁ ଆଶାୟୀ ଥିଲେ ରାଜୁ। ହେଲେ ମହିଳା ସଶକ୍ତିକରଣକୁ ପ୍ରାଧାନ୍ୟ ଦେଉଥିବା ବିଜେଡି ସେତେବେଳେ ତିହିଡ଼ି ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସଙ୍କୁ ପ୍ରାର୍ଥୀ କରିଥିଲା। ଏଥିରେ କ୍ଷୁବ୍ଧ ହୋଇ ରାଜୁ ଦାସ ଦଳ ବିରୋଧରେ ଯାଇ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିଲେ ଓ ନିର୍ବାଚନ ଲଢ଼ିଥିଲେ। ଏହାପରେ ଦଳ ବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ଦଳରୁ ବହିଷ୍କାର କରାଯାଇଥିଲା। ରାଜୁଙ୍କ ବିଦ୍ରୋହ ଯୋଗୁଁ ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ଅବନ୍ତୀ ଦାସ ବିଜେପିର ସୂର୍ଯ୍ୟବଂଶୀ ସୂରଜଙ୍କ ଠାରୁ ପରାଜିତ ହୋଇଥିଲେ। ଏହାପରେ ରାଜୁ ବିଜେପି ସହ ଯୋଗାଯୋଗରେ ଥିଲେ। ଗତ ମାର୍ଚ୍ଚରେ ସେ ନିଜ ସମର୍ଥକଙ୍କ ସହ ବିଜେପିରେ ମିଶିଥିଲେ। ବିଜେପି ମଧ୍ୟ ତାଙ୍କୁ ସୋରରୁ ପ୍ରାର୍ଥୀ ଘୋଷଣା କରିଥିଲା। ହେଲେ ଶେଷ ମୁହୂର୍ତ୍ତରେ ତାଙ୍କ ଟିକେଟ କାଟି ବିଜେଡିର ପ୍ରତ୍ୟାଖ୍ୟାତ ନେତା ପର୍ଶୁରାମ ଧଡ଼ାଙ୍କୁ ପ୍ରାର୍ଥୀ କରିଥିଲା ବିଜେପି। ଏଥିରେ କ୍ଷୁବ୍ଧ ହୋଇ ରାଜୁ ବିଜେପି ଛାଡ଼ିଥିଲେ। ତେବେ ଶୁକ୍ରବାର ଅପରାହ୍ନ ୫ଟା ବେଳେ ଧାମନଗର ଛକରୁ ଏକ ବିଶାଳ ବାଇକ୍ ଶୋଭା ଯାତ୍ରାରେ ରାଜେନ୍ଦ୍ରଙ୍କୁ ଧାମନଗର ନିର୍ବାଚନ ମଣ୍ଡଳୀ ସ୍ତରୀୟ କାର୍ଯ୍ୟାଳୟକୁ ନିଆଯାଇଥିଲା । ସେଠାରେ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଅବସରରେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବିଧାୟକ ପ୍ରାର୍ଥୀ ସଞ୍ଜୟ ଦାସ, ପୂର୍ବତନ ଅଧ୍ୟକ୍ଷ ଅଶୋକ ନାୟକ, ଧାମନଗର ଏନଏସି ଅଧ୍ୟକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ଏମଡି ନୁରାନି, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଟୁନି ବାଳା ବିଶ୍ୱାଳ, ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ସାରଦା ପ୍ରସନ୍ନ ସାହୁ, ପ୍ରତାପ ସାମଲ, ବ୍ଲକ ସଭାପତି ଉମେଶ ମହାନ୍ତି, ନଗର ସଭାପତି ସୁଶାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ତେବେ ରାଜୁଙ୍କ ପ୍ରତ୍ୟାବର୍ତ୍ତନ ଦଳ ଅଧିକ ସଂଗଠିତ ହେବ ବୋଲି କର୍ମୀମାନେ ମତ ପ୍ରକାଶ କରିଛନ୍ତି ।

## ମହାକାଳପଡ଼ାରେ କଂଗ୍ରେସର ମିଶ୍ରଣ ପର୍ବ

**ମହାକାଳପଡ଼ା, ନ୍ୟୁଜ୍ ବ୍ୟୁରୋ**

ମହାକାଳପଡ଼ା ବ୍ଲକ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ସଭାପତି ତଥା ମହାକାଳପଡ଼ା ବିଧାନସଭା କ୍ଷେତ୍ରରେ କଂଗ୍ରେସ ପ୍ରାର୍ଥୀ ଲୋକନାଥ ମହାରଥିଙ୍କ ନେତୃତ୍ୱରେ ଓ ଦକ୍ଷତା ଉପରେ ଭରସା କରି ବିଭିନ୍ନ ଦଳର କର୍ମୀମାନେ ଆସି କଂଗ୍ରେସରେ ସାମିଲ ହୋଇଛନ୍ତି । ଏହି ମିଶ୍ରଣ ପର୍ବରେ ଜିଲ୍ଲା କିଷାନ କଂଗ୍ରେସର ସଭାପତି ସଂଜୀବ ରାଉତ ଓ ମାର୍ଶାଘାଇ ବ୍ଲକ କଂଗ୍ରେସ କମିଟିର ଉପସଭାପତି ବଳରାମ ସାହୁଙ୍କ ନେତୃତ୍ୱରେ ମାନସ ସ୍ୱାଇଁ, ସାଗର ରାଉତ, ଲିଟୁ ଲେଙ୍କା, ସୁମନ୍ତ ବାରିକ, କୈଳାସ ଭୋଳ, ରବିନ୍ଦ୍ର ସାହୁ, ମନୋଜ ଲେଙ୍କା, ଉମାକାନ୍ତ ସାହାଣୀଙ୍କ ସମେତ ବହୁ ପୁରୁଷ ଓ ମହିଳାମାନେ ସାମିଲ ହୋଇଥିଲେ ।



# ବିଶ୍ୱରେକର୍ଡ ସହ ସ୍ୱର୍ଣ୍ଣ ଜିତିଲେ ଦୀପ୍ତି




**ନୂଆଦିଲ୍ଲୀ**

ଭାରତର ଦୀପ୍ତି ଜୀବାଞ୍ଜୀ ବିଶ୍ୱ ରେକର୍ଡ ସୃଷ୍ଟି କରି ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ୨୦୨୪ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଦୀପ୍ତି ୪୦୦ ମିଟର ରେସ୍‌ରେ ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି । ସେ ୫୫.୦୭ ସେକେଣ୍ଡରେ ୪୦୦ ମିଟର ରେସ୍‌କୁ ସମାପ୍ତ କରିଥିଲେ । ପ୍ୟାରିସରେ ଆୟୋଜିତ ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିଅନସିପରେ ଆମେରିକୀୟ ଆଥଲେଟ୍ ବ୍ରେନା କ୍ଲାର୍କଙ୍କ ରେକର୍ଡ ସେ ଭାଙ୍ଗିଥିଲେ ।

ଆମେରିକାର ବ୍ରେନ୍ନା କ୍ଲାର୍କ ପ୍ୟାରିସରେ ଚାଲିଥିବା ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିଅନସିପରେ ୫୫.୧୨ ସେକେଣ୍ଡର ରେକର୍ଡ ସ୍ଥାପନ କରିଥିଲେ, ଯାହା ବର୍ତ୍ତମାନ ଭାଙ୍ଗିଯାଇଛି । ପ୍ୟାରିସରେ ତୁର୍କୀର ଆଇସେଲ ଓଣ୍ଡର ୫୫.୧୯ ସେକେଣ୍ଡରେ ରେସ୍‌କୁ ସମାପ୍ତ କରିଥିଲେ ଏବଂ ଇକ୍ୟୁଏଡରର ଲିଜାନସେଲା ଆଙ୍ଗୁଲୋ ୫୬.୬୮ ସେକେଣ୍ଡରେ ରେସ୍‌କୁ ସମାପ୍ତ କରିଥିଲେ । ଆଇସେଲ ଓଣ୍ଡର ଦ୍ୱିତୀୟ ଏବଂ ଲିଜାନସେଲା ଆଙ୍ଗୁଲୋ ତୃତୀୟ ସ୍ଥାନରେ ରହିଛନ୍ତି ।

# ଧୋନିଙ୍କ ଅବସର ନେଇ ବଡ଼ ଅପଡେଟ୍ ଦେଲା ଚେନ୍ନାଇ ସୁପର କିଙ୍ଗସ୍

**ନୂଆଦିଲ୍ଲୀ**

ଆଇପିଏଲ ପ୍ଲେଅଫ ରେସ୍‌ରୁ ଚେନ୍ନାଇ ସୁପର କିଙ୍ଗସ ବା ସିଏସ୍‌କେ ବାଦ୍ ପଡ଼ିବା ସହ ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛି । ଶନିବାର ଦଳ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆରସିବି) ଠାରୁ ହାରି ୨୦୨୪ ଅଭିଯାନ ଶେଷ କରିଛି । ଉଭୟ ଦଳ ପାଖରେ ସମାନ ୧୪ ପଏଣ୍ଟ ରହିଥିଲେ ହେଁ ରନ୍‌ରେଟ୍ ଆଧାରରେ ଫାଫ୍ ଡୁପ୍ଲେସିସ୍‌ଙ୍କ ଦଳ ଟପ୍ ୪ରେ ପହଞ୍ଚିବାକୁ ସକ୍ଷମ ହୋଇଛି ।

ମ୍ୟାଚ୍ ହାରିବା ଯୋଗୁ ସିଏସ୍‌କେ ଫ୍ୟାନ୍ସ ଯେତିକି ଦୁଃଖ କରି ନାହାନ୍ତି, ସେମାନେ ସମ୍ଭବତଃ ଶେଷଥର ପାଇଁ ମହେନ୍ଦ୍ର ସିଂହ ଧୋନିଙ୍କୁ କ୍ରିକେଟ ଖେଳୁଥିବା ଦେଖିଥିବା କଥା ଭାବି ମନଦୁଃଖ କରୁଛନ୍ତି । ଧୋନି ସମ୍ଭବତଃ ଆସନ୍ତା ଆଇପିଏଲରେ ନଜର ଆସିବେ ନାହିଁ ବୋଲି କୁହାଯାଉଛି ।

ହେଲେ ସିଏସ୍‌କେର ଜଣେ ଅଧିକାରୀ ଏବେ ଧୋନିଙ୍କ ଅବସର ନେଇ ବଡ଼ ବୟାନ ଦେଇଛନ୍ତି । ଧୋନିଙ୍କ ଅବସର ଚର୍ଚ୍ଚା ହେଉଥିଲେ ହେଁ ସେ ଏଯାଏ ମ୍ୟାନେଜମେଣ୍ଟକୁ ଏ ସମ୍ପର୍କରେ କିଛି ବି ଜଣାଇ ନଥିବା ଅଧିକାରୀ ଜଣଙ୍କ କହିଛନ୍ତି ।




ସିଏସ୍‌କେର ଜଣେ ବରିଷ୍ଠ ଅଧିକାରୀ ଗୋଟିଏ ଗଣମାଧ୍ୟମକୁ କହିଛନ୍ତି ଯେ ଆରସିବି ବିପକ୍ଷ ଶେଷ ଓଭରେ ଦଳକୁ ଜିତିବା ପାଇଁ ୧୭ର ଆବଶ୍ୟକ ରହିଥିଲା । ପ୍ରଥମ ବଲକୁ ଧୋନି ଷ୍ଟାଡିୟମ ବାହାରକୁ ମାରି ଦେଇଥିଲେ । ୧୧୦ ମିଟର ଦୂରତାକୁ ବଲ ମାରିବାରୁ ଏହା ହଜି ଯାଇଥିଲା, ଫଳରେ ଗୋଟିଏ ନୂଆ ବଲ୍ ଆସିଥିଲା ।

ନୂଆ ବଲ୍ ଓଦା ହୋଇ ନଥିବାରୁ ଯଶ ଦୟାଲ ଭଲ ଭାବେ ଗ୍ରିପ୍ କରି ବୋଲିଂ କରିଥିଲେ୍ ଫଳରେ ଧୋନି ଆଉଟ୍ ହୋଇଯାଇଥିଲେ । ଏଥିସହ ଚେପକ୍‌ରେ ସେ ଆଇପିଏଲ ଟ୍ରଫି ଜିତିବେ ବୋଲି ଯେଉଁ ଆଶା ରଖିଥିଲେ, ତାହା ମଧ୍ୟ ପୂରଣ ହୋଇ ପାରିନାହିଁ ତଥାପି ଧୋନି ଅବସର ସମ୍ପର୍କରେ କିଛି ବି କହି ନାହାନ୍ତି ।

ଶନିବାର ମ୍ୟାଚ୍ ଶେଷ ହେବା ମାତ୍ରେ ଧୋନି ରବିବାର ହିଁ ତାଙ୍କ ଘର ରାଞ୍ଚିକୁ ଚାଲି ଯାଇଛନ୍ତି । ସେ ସିଏସ୍‌କେର ପ୍ରଥମ ଖେଳାଳି ଭାବେ କ୍ୟାମ୍ପରୁ ସିଧା ଘରକୁ ଯାଇଛନ୍ତି ।

ନିଜର ଭବିଷ୍ୟତ ଯୋଜନା ସମ୍ପର୍କରେ ଧୋନି ଏଯାଏ କାହାକୁ କିଛି ବି କହି ନାହାନ୍ତି । ସେ ଚୂଡ଼ାନ୍ତ ନିଷ୍ପତ୍ତି ନେବା ପୂର୍ବରୁ ମ୍ୟାନେଜମେଣ୍ଟକୁ ଆଉ କିଛି ମାସ ଅପେକ୍ଷା କରିବାକୁ କହିଛନ୍ତି । ଏଯାଏ ଦୌଡ଼ିବା ବେଳେ ଧୋନି କୌଣସି ପ୍ରକାରର ସମସ୍ୟାର ସମ୍ମୁଖୀନ ହୋଇନାହାନ୍ତି ।

ସେହିପରି ୨୦୨୪ ସିଜିନର ସମସ୍ତ ୧୪ ମ୍ୟାଚ୍ ମଧ୍ୟ ସେ ଖେଳିବା ସହ କିପିଂ କରିଥିଲେ । ସେ ଫିଟ୍ ରହିଛନ୍ତି ତଥାପି ତାଙ୍କ ନିଷ୍ପତ୍ତି ଯାହା ବି ହେବ, ତାକୁ ସିଏସ୍‌କେ ସ୍ୱାଗତ କରିବ ବୋଲି ଧୋନି ସବୁବେଳେ ଟିମର ଶ୍ରେଷ୍ଠ ସ୍ୱାର୍ଥକୁ ଗୁରୁତ୍ୱ ଦିଅନ୍ତି । ତେଣୁ ଆଗକୁ କ'ଣ ହେଉଛି, ତାକୁ ଅପେକ୍ଷା କରାଯାଉ ବୋଲି ଅଧିକାରୀ ଜଣଙ୍କ କହିଛନ୍ତି ।

# ଆରସିବି ଫାଇନାଲ୍ ଯିବା ନିଶ୍ଚିତ !



**ନୂଆଦିଲ୍ଲୀ**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଗୋଟିଏ ପ୍ରତିଶତ ଆଶାକୁ ୧୦୦ ପ୍ରତିଶତରେ ପରିଣତ କରି ଆଇପିଏଲ ୨୦୨୪ ପ୍ଲେଅଫ ପାଇଁ ଯୋଗ୍ୟତା ଅର୍ଜନ କରିଛି । ବର୍ତ୍ତମାନ ଏଠାରୁ ବେଙ୍ଗାଲୁରୁ ଦଳ ଫାଇନାଲରେ ପ୍ରବେଶ କରିବ ବୋଲି କ୍ରିକେଟପ୍ରେମୀ ଆକଳନ କରୁଛନ୍ତି । ଏହି ଆକଳନ ଅନୁଯାୟୀ ବେଙ୍ଗାଲୁରୁ ପୂର୍ବରୁ ତିନିଥର ଫାଇନାଲରେ ପହଞ୍ଚିଛି । ଆରସିବିର ଏହି ଆକଳନ ଅନ୍ୟ ଦଳ ପାଇଁ ପ୍ରକୃତରେ ଚିନ୍ତାଜନକ ହେବ ।

ବେଙ୍ଗାଲୁରୁ କ୍ରମାଗତ ୫ କିମ୍ବା ଅଧିକ ମ୍ୟାଚ୍ ଜିତିଛି, ଦଳ ଫାଇନାଲ ଖେଳିଛି । ଲଗାତାର ୫ କିମ୍ବା ଅଧିକ ମ୍ୟାଚ୍ ଜିତି ବେଙ୍ଗାଲୁରୁ ଦଳ ତିନିଥର ଫାଇନାଲରେ ପ୍ରବେଶ କରିଛି । ଏହି ଆକଳନ ସହିତ ବେଙ୍ଗାଲୁରୁ ପ୍ରଥମେ ୨୦୦୯ ଆଇପିଏଲର ଫାଇନାଲ ଖେଳିଥିଲା । ଏହା ପରେ ଦଳ ୨୦୧୧ ଏବଂ ପରେ ୨୦୧୬ ଆଇପିଏଲର ଫାଇନାଲ ଖେଳିଥିଲା । ତେବେ ବେଙ୍ଗାଲୁରୁ ଏପର୍ଯ୍ୟନ୍ତ ଗୋଟିଏ ଫାଇନାଲରେ ଜିତି ନାହିଁ । ଏଥର ଅର୍ଥାତ୍ ୨୦୨୪ ଆଇପିଏଲରେ ବେଙ୍ଗାଲୁରୁ କ୍ରମାଗତ ୬ଟି ମ୍ୟାଚ୍ ଜିତିଛି । ଲଗାତାର ୬ଟି ମ୍ୟାଚ୍ ଜିତିବା ପରେ ବେଙ୍ଗାଲୁରୁ ପ୍ଲେଅଫକୁ ଯାଇଛି । ଏଭଳି ପରିସ୍ଥିତିରେ କ୍ରମାଗତ ପାଞ୍ଚଟି ବିଜୟର ଚିତ୍ର ମଧ୍ୟ ବେଙ୍ଗାଲୁରୁକୁ ଫାଇନାଲକୁ ନେଉଛି କି ନାହିଁ ତାହା ଦେଖିବା ମଜାଦାର ହେବ ।

ଫାଫ ଡୁ ପ୍ଲେସିସ୍‌ଙ୍କ ଦ୍ୱାରା ଅଧିନାୟକ ଆରସିବିଙ୍କୁ ଫାଇନାଲରେ ପହଞ୍ଚିବା ପାଇଁ ଦୁଇଟି ବାଧାବିଘ୍ନ ଅତିକ୍ରମ କରିବାକୁ ପଡ଼ିବ, ଅର୍ଥାତ୍ ଟାଇଟଲ ମ୍ୟାଚ ଖେଳିବା ପାଇଁ ଦଳକୁ ଆଉ ଦୁଇଟି ବିଜୟ ପଞ୍ଜିକରଣ କରିବାକୁ ପଡିବ । ଯଦି ବେଙ୍ଗାଲୁରୁ ଗୋଟିଏ ମ୍ୟାଚ୍ ହାରିଯାଏ ତେବେ ଦଳ ଫାଇନାଲରେ ପ୍ରବେଶ କରିପାରିବ ନାହିଁ ।

ବେଙ୍ଗାଲୁରୁ ଟପ୍-୪ରେ ଚତୁର୍ଥ ସ୍ଥାନ ଅଧିକାର କରି ପ୍ଲେ ଅଫ ପାଇଁ ଯୋଗ୍ୟତା ଅର୍ଜନ କରିଛି । ଦଳକୁ ଆସନ୍ତା ୨୨ ତାରିଖ ବୁଧବାର ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯିବାକୁ ଥିବା ତିନି ନମ୍ବର ମାନ୍ୟତା ରାଜସ୍ଥାନ ରୟାଲ୍ସ ବିପକ୍ଷରେ ଏକ ଏଲିମିଟର ମ୍ୟାଚ୍ ଖେଳିବାକୁ ପଡ଼ିବ । ଏଲିମେଟରରେ ବିଜୟ ହାସଲ କରିବା ପରେ କ୍ୱାଲିଫାୟର-୨ରେ ଦଳର ଦ୍ୱିତୀୟ ମୁକାବିଲା ପ୍ରଥମ କ୍ୱାଲିଫାୟର-୧ ହାରିଥିବା ଦଳ ସହିତ ହେବ । ଏଲିମିନେଟର ପରେ ବେଙ୍ଗାଲୁରୁକୁ ଫାଇନାଲରେ ପ୍ରବେଶ କରିବାକୁ ଦ୍ୱିତୀୟ ଯୋଗ୍ୟତା ଅର୍ଜନ କରିବାକୁ ପଡ଼ିବ ।

# ଥାଇଲାଣ୍ଡ ଓପନ୍ ଜିତିଲେ ସାତ୍ୱ□କ-ଚିରାଗ





**ବ୍ୟାଙ୍କକ୍**

ଭାରତର ସଫଳ ବ୍ୟାଡ୍‌ମିଣ୍ଟନ୍ ଯୋଡ଼ି ସା ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ପ୍ୟାରିସ୍ ଅଲିମ୍ପିକ୍ସ ପୂର୍ବରୁ ନିଜର ମନୋବଳକୁ ଆହୁରି ଦୃଢ଼ କରିଛନ୍ତି । ଏହି ଯୋଡ଼ି ରବିବାର ଥାଇଲାଣ୍ଡ ଓପନ୍ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ପ୍ରତି-ଯୋଗିତାରେ ବିଜେତା ହୋଇଛନ୍ତି । ବିଶ୍ୱର ଏହି ୩ ନମ୍ବର ଯୋଡ଼ି ସିଧାସଳଖ ୨୧-୧୫, ୨୧-୧୫ରେ ୨୯ ମାନ୍ୟତାପ୍ରାପ୍ତ ଚୀନ୍‌ର ଚେନ୍ ବୋ ୟାଙ୍ଗ ଓ ନିଉ ୱାଇଙ୍କୁ ପରାସ୍ତ କରିଥିଲେ । ଏହି ଯୋଡ଼ିଙ୍କ ଏହା ନବମ ବିଡବ୍ଲ୍ୟୁ ବିଶ୍ୱ ଟୁର୍ ମୁକୁଟ । ଏହି ଗୁରୁତ୍ୱପୂର୍ଣ୍ଣ ଟ୍ରଫି ଜିତିବା ପରେ ସାତ୍ୱ  ିକ ରାକେଟ୍ ଧରି କୋର୍ଟରେ ନାଚିଥିଲା ବେଳେ ଚିରାଗ ସାର୍ଟ ଦର୍ଶକଙ୍କ ପାଖକୁ ଫିଙ୍ଗି ବିଜୟ ଉତ୍ସବ ପାଳନ କରିଥିଲେ ।

# ଆଇପିଏଲ ପାଇଁ ଖେଳାଳିଙ୍କୁ ଜାତୀୟ ଦଳରେ ସାମିଲ କଲାନି ୱେଷ୍ଟଇଣ୍ଡିଜ୍

**ନୂଆଦିଲ୍ଲୀ**

ଭାରତରେ ଚାଲିଥିବା ଆଇପିଏଲର ପ୍ଲେଅଫ୍‌କୁ ଦୃଷ୍ଟିରେ ରଖି ୱେଷ୍ଟଇଣ୍ଡିଜ କ୍ରିକେଟ ବୋର୍ଡ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍ ପାଇଁ ସ୍କ୍ୱାଡ୍ ଘୋଷଣା କରିଛି । ଦଳର ଅଧିକାଂଶ ଖେଳାଳି ଆଇପିଏଲ ପ୍ଲେଅଫ ଖେଳିବାକୁ ଥିବାରୁ ସେମାନଙ୍କୁ ୧୫ ଜଣିଆ ସ୍କ୍ୱାଡ୍‌ରେ ସାମିଲ କରାଯାଇ ନାହିଁ । ଦଳର ଟି-୨୦ ଅଧିନାୟକ ରୋଭନ ପାଓ୍ୱାଲ ଏବେ ରାଜସ୍ଥାନ ରୟାଲ୍ସ ପାଇଁ ଖେଳୁଛନ୍ତି । ତେଣୁ ତାଙ୍କ ବଦଳରେ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜରେ ୱେଷ୍ଟଇଣ୍ଡିଜର କମାଣ ବ୍ରାଣ୍ଡନ କିଙ୍ଗ ସମ୍ଭାଳିବେ । ସେହିପରି ଆନ୍ଦ୍ର ରସେଲ କୋଲକାତା ନାଇଟ ରାଇଡର୍ସ, ଶିମରନ ହେଟମେୟର ରାଜସ୍ଥାନ ରୟାଲ୍ସ, ଅଲଜାରି ଯୋଶେଫ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଶେରଫନେ ରଥରଫୋର୍ଡ କୋଲକାତା ନାଇଟ ରାଇଡର୍ସ ଟିମ୍‌ରେ ରହିଛନ୍ତି । ତେଣୁ ସେମାନଙ୍କୁ ମଧ୍ୟ ଜାତୀୟ ଦଳରେ ସାମିଲ କରାଯାଇ ନାହିଁ । ଏମାନେ ସମସ୍ତେ ସିଧା ଜୁନ୍ ୨ରୁ ଆରମ୍ଭ ହେବାକୁ ଥିବା ଟି-୨୦ ବିଶ୍ୱକପ ଖେଳିବା ପାଇଁ ଉପଲବ୍ଧ ହେବେ । ୱେଷ୍ଟଇଣ୍ଡିଜ କ୍ରିକେଟ ବୋର୍ଡ ଜାତୀୟ ଦଳ ଅପେକ୍ଷା ଆଇପିଏଲକୁ ଅଧିକ ଗୁରୁତ୍ୱ ଦେଇଛି । ଅନ୍ୟପକ୍ଷରେ



ନିକଲୋସ ପୂରନ ଓ ଶାଇ ହୋପଙ୍କ ଦଳ ପ୍ଲେଅଫରୁ ବାଦ୍ ପଡ଼ିଥିଲେ ହେଁ ସେମାନଙ୍କୁ ବିଶ୍ରାମ ଦିଆଯାଇଛି । ଯଦି ଆରସିବି ଓ କେକେଆର ଫାଇନାଲକୁ ଉନ୍ନୀତ ନ ହେବେ, ତା'ହେଲେ ଅଲଜାରି ଯୋଶେଫ ଓ ରଥରଫୋର୍ଡ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ଖେଳିବାକୁ ଉପଲବ୍ଧ ହେବେ ।

ୱେଷ୍ଟଇଣ୍ଡିଜ ସ୍କ୍ୱାଡ୍ : ବ୍ରାଣ୍ଡନ କିଙ୍ଗ(ଅଧିନାୟକ), ରୋଷ୍ଟନ ଚେଜ୍, ଅଲିକ ଆଥନାଜେ, ଜନସନ ଚାର୍ଲସ, ଆନ୍ଦ୍ରେ ଫ୍ଲେଚର, ମାଥ୍ୟୁ ଫୋର୍ଡେ, ଜାସନ ହୋଲ୍ଡର, ଅକେଲା ହୁସେନ, ଶମର ଯୋଶେଫ, କାୟଲ ମେୟର୍ସ, ଓବେଡ ମ୍ୟାକୟ, ଗୁଡାକେଶ ମୋତି, ରୋମାରିଓ ଶେଫର୍ଡ ଓ ହାୟଡେନ ୱାଲଶ ।

ମେ' ୨୩, ୨୫ ଓ ୨୬ ତାରିଖରେ ଦକ୍ଷିଣ ଆଫ୍ରିକା ଏବଂ ୱେଷ୍ଟଇଣ୍ଡିଜ ମଧ୍ୟରେ ୩ଟିକିଆ ଟି-୨୦ ସିରିଜ୍ ଖେଳ ହେବ ଏହାପରେ ଉଭୟ ଦଳ ବିଶ୍ୱକପ ଖେଳିବେ ।

# ଧର୍ମଶାଳାରେ କଂଗ୍ରେସର ମିଶ୍ରଣପର୍ବ



**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଧର୍ମଶାଳା କଂଗ୍ରେସ ପକ୍ଷରୁ ଏକ ମିଶ୍ରଣପର୍ବ ରବିବାର ସନ୍ଧ୍ୟାରେ କୁମାରୀ କଂଗ୍ରେସ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । କଂଗ୍ରେସ ପ୍ରାର୍ଥୀ କିଶାନ ପଣ୍ଡା ଯୋଗ ଦେଇ ଉତ୍ତର ପ୍ରତାପ ପଞ୍ଚାୟତର ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ତରାଇ, ସୋମନାଥ ସାହୁଙ୍କୁ ଉତ୍ତରୀୟ ଦେଇ କଂଗ୍ରେସ ଦଳରେ ସାମିଲ କରିଥିଲେ । ପୂର୍ଣ୍ଣଚନ୍ଦ୍ର ତରାଇ ୪୦ ବର୍ଷ ଧରି କଂଗ୍ରେସ ଦଳରେ ଭଲ ସଂଗଠକ ଭାବେ କଂଗ୍ରେସ ଗଡ଼ ରକ୍ଷା କରି ଆସିଥିଲେ । ଧର୍ମଶାଳାରେ ଆଣକଂଗ୍ରେସ ସରକାରରେ ସେ କିଛିଦିନ ପାଇଁ ବିଜେପି ଓ ବିଜେଡ଼ି ଦଳରେ ଥିଲେ । ତାଙ୍କ ଘରବାହୁଡ଼ା କଂଗ୍ରେସକର୍ମୀଙ୍କୁ ବେଶ୍ ଉତ୍ସାହିତ କରିଛି । ବିଧାୟକ ପ୍ରାର୍ଥୀ କିଶାନ ପଣ୍ଡା ଉପସ୍ଥିତ କର୍ମୀଙ୍କୁ କହିଲେ ଯେ ଧର୍ମଶାଳାରୁ ସବୁଦିନ ପାଇଁ ଅନ୍ୟାୟର ଅନ୍ତ ହେବ । ବିଧାନସଭାରେ ଧର୍ମଶାଳାର କଂଗ୍ରେସ ପତାକା ଉଡ଼ିବ । ଏହି ସଭାରେ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ରାୟ, କୃଷକ ନେତା ବସନ୍ତ କୁମାର ପରିଡ଼ା, ସୁଧାକର ରାଉତ, ପୂର୍ବତନ ଯୁବ କଂଗ୍ରେସ ସଭାପତି ସଞ୍ଜୟ କୁମାର ରାଉତ, ନରୋତ୍ତମ ନାୟକ, ନକୁଳ ଜେନା, ଦୀପକବଳ, ଦେବାଶିଷ ପରିଡ଼ାଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତି ଥିଲେ ।

# ମୟୂରଭଞ୍ଜ ଲୋକସଭା ଆସନ ପାଇଁ ୧୩ ଓ ୮ ବିଧାନସଭା ଆସନ ପାଇଁ ୯୯ ପ୍ରାର୍ଥୀ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଶେଷ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଜୁନ୍ ୧ ତାରିଖରେ ମୟୂରଭଞ୍ଜ ଲୋକସଭା ଆସନ ଏବଂ ଏହାର ଅଧୀନରେ ଥିବା ୭ଟି ବିଧାନ ସଭା ଆସନ ବାରିପଦା, ମୋରଡ଼ା, ବାଙ୍ଗିରିପୋଷି, ସାରସକଣା, ରାଇରଙ୍ଗପୁର, ଯଶିପୁର ଏବଂ ଉଦଳା ସମେତ ବାଲେଶ୍ୱର ଲୋକସଭା ନିର୍ବାଚନମଣ୍ଡଳୀ ଅଧୀନ ବଡ଼ସାହି ବିଧାନସଭା ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ । ଏଥିପାଇଁ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଶେଷ ହେବା ସହିତ ଚୂଡ଼ାନ୍ତ ପାର୍ଥୀ ତାଲିକା ପ୍ରକାଶ ପାଇଛି । ଚୂଡ଼ାନ୍ତ ତାଲିକା ଅନୁସାରେ ମୟୂରଭଞ୍ଜ ଲୋକସଭା ଆସନରୁ ଜଣେ ପ୍ରାର୍ଥୀ ଅନନ୍ତ ମାରାଣ୍ଡି ନାମାଙ୍କନପତ୍ର ପ୍ରତ୍ୟାହାର କରିଥିବା ବେଳେ ବାରିପଦା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ରଞ୍ଜିତା ହେମ୍ବ୍ରମ ଓ ଦୁଲାରାମ ମୁର୍ମୁ ୨ଜଣ ନାମାନଙ୍କ ପତ୍ର ପ୍ରତ୍ୟାହାର କରିଛନ୍ତି । ଫଳରେ ନିର୍ବାଚନ ମଇଦାନରେ ମୋଟ୍ ୧୧୨ଜଣ ପ୍ରାର୍ଥୀ ରହିଛନ୍ତି । ସେଥିମଧ୍ୟରୁ ଲୋକସଭା ପାଇଁ ୧୩ ଓ ୮ଟି ବିଧାନସଭା ପାଇଁ ୯୯ଜଣ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି । ମୋରଡ଼ା ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ୧୭ଜଣ ପ୍ରାର୍ଥୀ ଥିବା ବେଳେ ବଡ଼ସାହି ନିର୍ବାଚନ ମଣ୍ଡଳୀରେ ସର୍ବନିମ୍ନ ୭ଜଣ ପ୍ରାର୍ଥୀ ରହିଛନ୍ତି । ତେବେ ଗୋଟିଏ ଇଭିଏମ୍‌ରେ ସର୍ବାଧିକ ୧୫ଜଣ ପ୍ରାର୍ଥୀଙ୍କ ତାଲିକା ରହିବାକୁ ଥିବା ବେଳେ ମୋରଡ଼ା ଓ ବାଙ୍ଗିରିପୋଷି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଏଥର ଦୁଇଟି ଲେଖାଏଁ ଇଭିଏମ ରହିବ ବୋଲି ଜଣାଯାଇଛି । ଦୁଇ ନିର୍ବାଚନ ମଣ୍ଡଳୀରେ ଯଥାକ୍ରମେ ୧୭ ଓ ୧୬ଜଣ ଲେଖାଏଁ ପ୍ରାର୍ଥୀ ରହିଛନ୍ତି । ଚୂଡ଼ାନ୍ତ ତାଲିକାରେ ଥିବା ପ୍ରାର୍ଥୀଙ୍କ ମଧ୍ୟରେ ମୟୂରଭଞ୍ଜ ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ୧୩ ଜଣଙ୍କ ମଧ୍ୟରେ ବିଜେଡିରୁ ସୁଦାମ ମାଣ୍ଡି, ବିଜେପିର ନବଚରଣ ମାଝୀ, ଜେଏମଏମ୍‌ରୁ ଅଞ୍ଜନୀ ସୋରେନ, ଭଂଜସେନା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ବାଳୁନ ହାଁସଦା, ବହୁଜନ ସମାଜବାଦୀ ପାର୍ଟିର ଜଟିଆ ସାୟାନ, ଆଜସୁର ଆନ୍ତା ଆଲୋକ ବାସ୍କେ, ଭାରତୀୟ ନ୍ୟାୟ ଅଧିକାର ରକ୍ଷା ପାର୍ଟିର ସୁକାନ୍ତ ହେମ୍ବ୍ରମ ଏସୟୁସିଆଇର ପୀତାମ୍ବର ନାଏକ, ସ୍ୱାଧୀନ ଭାବେ କାହ୍ନୁଚରଣ ଟୁଡୁ, ଶାନ୍ତିଲତା ଚାତାର, ଅଶୋକ କୁମାର ସିଂ ଓ ରବୀନ୍ଦ୍ରନାଥ ସିଂ ରହିଛନ୍ତି । ଯଶିପୁର ବିଧାନସଭା ଆସନ ପାଇଁ ବିଜେଡି ପକ୍ଷରୁ ଚକ୍ରଧର ହେମ୍ବ୍ରମ, ବିଜେପିର ଗଣେଶ ରାମସିଂ ଖୁଣ୍ଟିଆ, କଂଗ୍ରେସର ଶ୍ୱେତା ଚାତାର, ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ନାଏକ, ଯୋଗେନ୍ଦ୍ର ନାଥ ପୂର୍ତ୍ତି, ନିଳାମ୍ବର ନାଏକ, ମଇନା ବେଶ୍ରା, କ୍ୟାପଟେନ ଦେବାନନ୍ଦ ପିଙ୍ଗୁଆ ନବକିଶୋର ଟୁଡୁ ପ୍ରମୁଖ ୯ଜଣ ପ୍ରାର୍ଥୀ ରହିଛନ୍ତି । ସାରସକଣା ବିଧାନସଭା ନିର୍ବାଚନମଣ୍ଡଳୀ ଆସନ ପାଇଁ ବିଜେଡି ପକ୍ଷରୁ ଡା. ଦେବାଶିଷ ମାରାଣ୍ଡି, ବିଜେପି ପକ୍ଷରୁ ଭାଦବ ହାଁସଦାଃ, କଂଗ୍ରେସର ରାମ କୁମାର ସୋରେନ, ଜେଏମଏମର ଅଞ୍ଜନୀ ସୋରେନ, ସ୍ୱାଧୀନ ପ୍ରାର୍ଥୀ ସତ୍ୟବ୍ରତ ନାଏକ, ମଧୁସୂଦନ ନାଏକ, ଶଙ୍କର ନାଏକ, ଚେକର ମାହାଲି, ସାମାୟ ମୁର୍ମୁ ରାଇସେନ ସୋରେନ, ବିନୋଦିନୀ ନାଏକ, ବାସନ୍ତୀ ଟୁଡୁ, ସହଦେବ ବେଶ୍ରା ଓ ସୋମନାଥ ମାଝୀ ପ୍ରମୁଖ ୧୪ଜଣ ପ୍ରାର୍ଥୀ ରହିଛନ୍ତି । ରାଇରଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀ ଆସନ ପାଇଁ ବିଜେଡି ପକ୍ଷରୁ ରାଇସେନ ମୁର୍ମୁ, ବିଜେପିର ଜଲେନ ନାଏକ, କଂଗ୍ରେସର ଯୋଗେନ୍ଦ୍ର ବାନରା, ଜେଏମଏମର ସୁନାରାମ ବଡ଼, ସ୍ୱାଧୀନ ଭାବେ ଆନ୍ତା ଆଲୋକ ବାସ୍କେ, ଯଶୋଦା ମାରାଣ୍ଡି ମିନତୀ ହାଁସଦା, ସାଲଖୁ ଲେମ୍ବ୍ର ମାଝୀ, ନାରାୟଣ ମୁର୍ମୁ, ଲକ୍ଷ୍ମଣ ମାଝୀ, ଦାମୋଦର ପୁରି, ସୁନାରାମ ହେମ୍ବ୍ରମ ଓ ପ୍ରହଲ୍ଲାଦ ପୁରି ପ୍ରମୁଖ ୧୩ ଜଣ ପ୍ରାର୍ଥୀ ରହିଛନ୍ତି । ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ପ୍ରାର୍ଥୀ ରଞ୍ଜିତା ମାରାଣ୍ଡି, ବିଜେପି ପ୍ରାର୍ଥୀ ସଂଜଳି ମୁର୍ମୁ, କଂଗ୍ରେସର ପ୍ରାର୍ଥୀ ମୁରଲୀଧର ନାଏକ, ଜେଏମଏମ ପ୍ରାର୍ଥୀ ବିଷ୍ଣୁ ସିଂ, ଅଜସୁର ମନୋରଞ୍ଜନ ହେମ୍ବ୍ରମ, ସ୍ୱାଧୀନ ପ୍ରାର୍ଥୀ ଭରତ ଚନ୍ଦ୍ର ସିଂ, ଗୌରୀ ନାଏକ, ଶ୍ୟାମ ସୁନ୍ଦର ସୋରେନ, ରଞ୍ଜିତା ହେମ୍ବ୍ରମ, କାହ୍ନୁଚରଣ ସିଂ, ରାମଚନ୍ଦ୍ର ହାଁସଦାଃ, ଶବରାନ ସିଂ, ସୁରେନ୍ଦ୍ର ନାଥ ହାଁସଦା, ସର୍ଦାର ସିଂ, ମୋହନ ହେମ୍ବ୍ରମ ଓ ସିଙ୍ଗରାୟ ମାରାଣ୍ଡି ପ୍ରମୁଖ ୧୬ଜଣ ପ୍ରାର୍ଥୀ ରହିଛନ୍ତି । ଉଦଳା ନିର୍ବାଚନମଣ୍ଡଳୀ ପାଇଁ ବିଜେଡିର ଶ୍ରୀନାଥ ସୋରେନ, ବିଜେପିର ଭାସ୍କର ମଡେଇ, କଂଗ୍ରେସର ଦୁର୍ଗାଚରଣ ଟୁଡୁ, ଜେଏମଏମ ପ୍ରାର୍ଥୀ ଚକ୍ରଧର ସିଂ, ଆଜସୁ ପ୍ରାର୍ଥୀ ମଦନମୋହନ ମାଝୀ, ସ୍ୱାଧୀନ ପ୍ରାର୍ଥୀ ରବୀନ୍ଦ୍ର ଟୁଡୁ, ବେଣୁଧର ମହାପାତ୍ର, ମିନାକ୍ଷୀ ମୁର୍ମୁ, ରାଇମଣୀ ବିଶ୍ୱାଳ, କଲ୍ଲୋଳ ସିଂ, ବିଶ୍ୱନାଥ ମାରାଣ୍ଡି, ରାଜକିଶୋର ମାରାଣ୍ଡି, ମାୟା ଟୁଡୁ, କାଳୀଚରଣ ପାତ୍ର ଓ ଯୋଗେନ୍ଦ୍ର ନାଥ ବାରସାଲିଆ ପ୍ରମୁଖ ୧୫ଜଣ ପ୍ରାର୍ଥୀ ରହିଛନ୍ତି । ବାରିପଦା ନିର୍ବାଚନମଣ୍ଡଳୀ ପାଇଁ ବିଜେଡିର ସାନନ୍ଦ ମାଣ୍ଡି, ବିଜେପିର ପ୍ରକାଶ ସୋରେନ, କଂଗ୍ରେସର ପ୍ରମୋଦ ହେମ୍ବ୍ରମ, ସ୍ୱାଧୀନ ଭାବେ ଦୁର୍ଗାଚରଣ ସିଂ, ସାଲମା ମାହାଲି, ନନାରାମ ମୁର୍ମୁ, ରୁହ୍ୟା ସିଂ ଓ ଭୀମଚରଣ ମାରାଣ୍ଡି ପ୍ରମୁଖ ୮ ଜଣ ପ୍ରାର୍ଥୀ ରହିଛନ୍ତି । ମୋରଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ଆସନ ପାଇଁ ବିଜେଡିର ପ୍ରାର୍ଥୀ ପ୍ରୀତିନନ୍ଦା କାନୁନଗୋ, ବିଜେପି ପାର୍ଥୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, କଂଗ୍ରେସ ପକ୍ଷରୁ ପ୍ରଭାସ କର ମହାପାତ୍ର, ଜେଏମ୍‌ଏମ୍ ପକ୍ଷରୁ କୃଷ୍ଣଚନ୍ଦ୍ର ଦାସ, ଭଞ୍ଜସେନା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ସଂଜୀବ କୁମାର ରାଉତ, ଆପର ଶଙ୍କର୍ଷଣ ମିଶ୍ର, ଆଜସୁର ଯୋଗେନ୍ଦ୍ର ନାଥ ମହାନ୍ତ, ସ୍ୱାଧୀନ ପ୍ରାର୍ଥୀ ଗୋପବନ୍ଧୁ ମହାନ୍ତ, ସତ୍ୟବାନ ଦଳନାୟକ, ରାଧାକ୍ରିଷ୍ଣ ମହାନ୍ତ, ସୁଦାମ ସୋରେନ, ଦିବ୍ରାଟ ଚନ୍ଦ୍ର ମହାନ୍ତ, ଭୀମଚରଣ ମାରାଣ୍ଡି, ଦିଲ୍ଲୀପ କୁମାର ତୁଙ୍ଗ, ମୋଦନ ମୋହନ ମୁର୍ମୁ, ମୃତ୍ୟୁଞ୍ଜୟ ବେହେରା ଓ ପୁଷ୍ପାଞ୍ଜଳି ମହାପାତ୍ର ପ୍ରମୁଖ ୧୭ ଜଣ ପ୍ରାର୍ଥୀ ରହିଛନ୍ତି । ସେହିପରି ବାଲେଶ୍ୱର ଲୋକସଭା ଅଧୀନରେ ଥିବା ବଡ଼ସାହି ନିର୍ବାଚନମଣ୍ଡଳୀ ପାଇଁ ବିଜେଡିର ପ୍ରାର୍ଥୀ ଅନସୂୟା ପାତ୍ର, ବିଜେପିର ପ୍ରାର୍ଥୀ ସନାତନ ବିଜୁଳି, କଂଗ୍ରେସର କ୍ଷୀରୋଦ ଚନ୍ଦ୍ର ପାତ୍ର, ସ୍ୱାଧୀନ ପ୍ରାର୍ଥୀ ମାନସ ରଞ୍ଜନ ବେହେରା, ଅଞ୍ଜନା ବେହେରା, ଜୟନ୍ତୀ ପାତ୍ର ଓ ଜୀତେନ୍ଦ୍ର ପାତ୍ର ପ୍ରମୁଖ ୭ଜଣ ପ୍ରାର୍ଥୀ ରହିଛନ୍ତି । ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ସହିତ ସ୍ୱାଧୀନ ପ୍ରାର୍ଥୀମାନଙ୍କୁ ସେମାନଙ୍କର ନିର୍ବାଚନୀ ଚିହ୍ନ ମଧ୍ୟ ପ୍ରଦାନ କରାଯାଇଛି । ମେ' ୨୯ତାରିଖ ପର୍ଯ୍ୟନ୍ତ ପ୍ରଚାର ସମୟ ଥିବାବେଳେ ଜୁନ ୧ରେ ନିର୍ବାଚନ ଓ ୪ ତାରିଖରେ ଭୋଟଗଣତି ସହ ଫଳାଫଳ ଘୋଷଣା ହେବବୋଲି ଜଣାଯାଇଛି ।

# ସମାଜ ସେବୀଙ୍କ ପରଲୋକ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ୍ ବୁହାଲୋ ଗ୍ରାମର ବିଶିଷ୍ଟ ସମାଜସେବୀ ନିରଞ୍ଜନ ଶତପଥିଙ୍କର ରବିବାର ତାଙ୍କ ବାସଭବନରେ ବାର୍ଦ୍ଧକ୍ୟ ଜନିତ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୯୦ ବର୍ଷ ହୋଇଥିଲା । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପୁତ୍ର, ପୁତ୍ରବଧୂ, ଭାଇ ଭାଗ୍ୟଧର ଶତପଥି, ଜ୍ୱାଇଁ ସାମ୍ବାଦିକ ପ୍ରଶାନ୍ତ କୁମାର ମିଶ୍ରଙ୍କ ସମେତ ଝିଅ, ଜ୍ୱାଇଁ, ନାତି ନାତୁଣୀ, ଆତ୍ମୀୟସ୍ୱଜନ୍ନ ଉପସ୍ଥିତ ଥିଲେ । ତାଙ୍କ ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ୍ୟ ଶ୍ମଶାନରେ ଦାହ କରାଯାଇଥିଲା । ତାଙ୍କର ପୁତ୍ର କୃଷ୍ଣଚନ୍ଦ୍ର ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା, ସରପଞ୍ଚ ରମାକାନ୍ତ ମହାନ୍ତି, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଶୋକ କୁମାର ଓଝା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଗଭୀର ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି ।

# ଗଞ୍ଜାମ ଜିଲ୍ଲାରେ ନିର୍ବାଚନ ପରିଚାଳନା ପାଇଁ ୧୦ କଣ୍ଟ୍ରୋଲ ରୁମ୍ ଖୋଲିଲା

**ଛତ୍ରପୁର, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ଜିଲ୍ଲାରେ ନିର୍ବାଚନ ପରିଚାଳନା ସମ୍ପର୍କିତ ୧୦ ଗୋଟି କଣ୍ଟ୍ରୋଲ ରୁମ୍ ଖୋଲା ଯାଇଛି । ସଂପୃକ୍ତ ନିର୍ବାଚନ ଅଞ୍ଚଳ ସମ୍ପର୍କିତ କୌଣସି ତଥ୍ୟ ଜାଣିବାକୁ କିମ୍ବା ଜଣାଇବାକୁ ଚାହୁଁଥିଲେ ଜନ ସାଧାରଣ ଉକ୍ତ ନିର୍ବାଚନ ଅଞ୍ଚଳ କଣ୍ଟ୍ରୋଲରୁମ୍ ଦାୟିତ୍ୱରେ ନିଯୁକ୍ତ ଥିବା ଅଧିକାରୀଙ୍କ ଫୋନ୍ ନମ୍ବର ସହିତ ଯୋଗାଯୋଗ କରିପାରିବେ ବୋଲି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଦିବ୍ୟ ଜ୍ୟୋତି ପରିଡ଼ା ଜଣାଇଛନ୍ତି । ଆସ୍କା ଲୋକସଭା ନିମନ୍ତେ ଅଭିଷେକ ସାହୁ, ଡେପୁଟି କଲେକ୍ଟର କଣ୍ଟ୍ରୋଲରୁମ୍ ଦାୟିତ୍ୱରେ ଅଛନ୍ତି । ତାଙ୍କ ଯୋଗାଯୋଗ ନମ୍ବର ୭୮୯୪୪୯୫୨୮୩ । ରାଜେଶ କୁମାର ଇକ୍କା, ଡେପୁଟି କଲେକ୍ଟର ଜିଲ୍ଲା କଣ୍ଟ୍ରୋଲରୁମ୍ ଦାୟିତ୍ୱରେ ଅଛନ୍ତି । ତାଙ୍କର ଯୋଗାଯୋଗ ନମ୍ବର ୭୭୫୦୮୯୭୬୭୦ । ଭଞ୍ଜନଗର ବିଧାନ ସଭା କଣ୍ଟ୍ରୋଲ ରୁମ୍ ନିମନ୍ତେ ରାମ ଚନ୍ଦ୍ର ମହାପାତ୍ର, ଆସିଷ୍ଟାଣ୍ଟ କଲେକ୍ଟର ଦାୟିତ୍ୱରେ ଅଛନ୍ତି । ତାଙ୍କର ଯୋଗାଯୋଗ ନମ୍ବର ୭୯୭୮୫୭୨୧୬୦ । ପୋଲସରା ବିଧାନ ସଭା କଣ୍ଟ୍ରୋଲ ରୁମ୍ ନିମନ୍ତେ ପ୍ରହଲ୍ଲାଦ ପ୍ରଧାନ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଦାୟିତ୍ୱରେ ଅଛନ୍ତି । ତାଙ୍କର ଯୋଗାଯୋଗ ନମ୍ବର ୯୪୩୮୨୩୭୧୨୩ । କବିସୂର୍ଯ୍ୟନଗର ବିଧାନ ସଭା ନିମନ୍ତେ ଦୀପକ କୁମାର ଜେନା, ଆସିଷ୍ଟାଣ୍ଟ କଲେକ୍ଟର କଣ୍ଟ୍ରୋଲ ରୁମ୍ ଦାୟିତ୍ୱରେ ଅଛନ୍ତି । ତାଙ୍କର ଯୋଗାଯୋଗ ନମ୍ବର ୮୮୨୮୩୪୮୦୨୯ । ଖଲ୍ଲିକୋଟ ବିଧାନ ସଭା ନିମନ୍ତେ ମିସ୍ ପୁଷ୍ପାଞ୍ଜଳି କୃଷିକା, ଆସିଷ୍ଟାଣ୍ଟ କଲେକ୍ଟର କଣ୍ଟ୍ରୋଲ ରୁମ୍ ଦାୟିତ୍ୱରେ ଅଛନ୍ତି । ତାଙ୍କର ଯୋଗାଯୋଗ ନମ୍ବର ୭୩୨୮୦୪୮୯୦୦ । ଆସ୍କା ବିଧାନ ସଭା ନିମନ୍ତେ ଅମିତ ରଞ୍ଜନ ହୋତା, ଡେପୁଟି କଲେକ୍ଟର କଣ୍ଟ୍ରୋଲ ରୁମ୍ ଦାୟିତ୍ୱରେ ଅଛନ୍ତି । ତାଙ୍କର ଯୋଗାଯୋଗ ନମ୍ବର ୬୩୭୦୭୪୪୬୨୧ । ସୋରଡ଼ା ବିଧାନସଭା ନିମନ୍ତେ ଫକୀର ଜୀବନ ଜ୍ୟୋତି ନାୟକ, ଆସିଷ୍ଟାଣ୍ଟ କଲେକ୍ଟର କଣ୍ଟ୍ରୋଲ ରୁମ୍ ଦାୟିତ୍ୱରେ ଅଛନ୍ତି । ତାଙ୍କର ଯୋଗାଯୋଗ ନମ୍ବର ୭୦୦୮୫୮୮୮୪୯ । ସାନଖେମୁଣ୍ଡି ବିଧାନ ସଭା ନିମନ୍ତେ କ୍ଷୀରୋଦ ବିହାରୀ ଭରତ ନାଗ, ତହସିଲଦାର, ବ୍ରହ୍ମପୁର କଣ୍ଟ୍ରୋଲ ରୁମ୍ ଦାୟୀତ୍ୱରେ ଅଛନ୍ତି । ତାଙ୍କର ଯୋଗାଯୋଗ ନମ୍ବର ୮୭୬୩୪୨୧୪୧୦ ହିଞ୍ଜିଳି ବିଧାନ ସଭା ନିମନ୍ତେ ଆର୍ଯ୍ୟ କୁମାର ସର୍ବଦମନ, ଡେପୁଟି କଲେକ୍ଟର, କଣ୍ଟ୍ରୋଲ ରୁମ୍ ଦାୟିତ୍ୱରେ ଅଛନ୍ତି । ତାଙ୍କର ଯୋଗାଯୋଗ ନମ୍ବର ୭୩୨୫୯୧୬୯୦୦ ଦର୍ଶାଯାଇ ଥିବା ନମ୍ବରରେ ସଂପୃକ୍ତ ଅଧିକାରୀ ମାନଙ୍କ ସହିତ ଯୋଗାଯୋଗ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି ।

# ଦୁଇ ବିଜେପି କାଉନସିଲର ପ୍ରାର୍ଥୀ ଭଞ୍ଜସେନାରେ ହେଲେ ସାମିଲ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଯୁବଛାତ୍ର ସଂଗଠନ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଉପସ୍ଥିତିରେ ବାରିପଦା ଶାଖା ଦ୍ୱାରା ଆଗାମୀ ସାଧାରଣ ନିର୍ବାଚନରେ ଲଢୁଥିବା ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରାର୍ଥୀ ବାଜୁନ ହାଁସଦା ଓ ମୋରଡ଼ା ବିଧାନସଭାର ବିଧାୟକ ପ୍ରାର୍ଥୀ ସଂଜୀବ ରାଉତଙ୍କୁ ନେଇ ଏକ ନିର୍ବାଚନ ସଭା ବାରିପଦା ମଧୁବନ ପଡ଼ିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ସଂଗଠନର ବାରିପଦା ସହରର ଦୁଇ ହଜାରରୁ ଅଧିକ ଯୁବ ଛାତ୍ର ସଂଗଠକଙ୍କ ସହିତ ସାହସ୍ରାଧିକ ମହିଳାମାନେ ସାମିଲ ହୋଇ ଆଗାମୀ ଦିନରେ ମୟୂରଭଞ୍ଜର ବିକାଶ ପାଇଁ ସଂଗ୍ରାମ କରୁଥିବା ଭଞ୍ଜସେନା ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ସଂକଳ୍ପ ନେଇଥିଲେ । ଏହି ଅବସରରେ ମୟୂରଭଞ୍ଜ ବିକାଶ କ୍ଷେତ୍ରରେ କେବଳ ମିଥ୍ୟା ବିକାଶର ପ୍ରତିଶ୍ରୁତି




ଦେଉଥିବା ଏବଂ ନିର୍ବାଚନୀ ଘୋଷଣାକୁ ନାପସନ୍ଦ କରି ରବିବାର ଭାରତୀୟ ଜନତା ପାର୍ଟିର ଗତ ବାରିପଦା ମ୍ୟୁନିସିପାଲିଟି ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ୭ନଂ ୱାର୍ଡର ପ୍ରାର୍ଥୀ ଶିବ ଗୁପ୍ତା ଓ ୮ନଂ ୱାର୍ଡର ପ୍ରାର୍ଥୀନୀ ସଂଯୁକ୍ତା ଶେଜପଡ଼ାଙ୍କ ସହିତ ଶତାଧିକ କର୍ମୀମାନେ ଭଞ୍ଜସେନା ସଂଗଠନରେ ସାମିଲ ହୋଇଥିଲେ । ଭଞ୍ଜସେନାର ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶୃଙ୍ଖଳା କମିଟି ଅଧ୍ୟକ୍ଷ ସତ୍ୟ ସ୍ୱରୂପ ଦାଶ, ଉପାଧ୍ୟକ୍ଷ ନିମାଇଁ ତ୍ରିପାଠୀ, ଜିତେନ୍ଦ୍ର ହେମ୍ବ୍ରମ, ଓବିସି ଶାଖା ସଭାପତି ରାକେଶ ବେହେରା, ଜିଲ୍ଲା କାର୍ଯ୍ୟକାରୀ ସଭାପତି ସାମନ୍ତ ଶେଖର ପାଲ, ସୋସିଆଲ ମିଡ଼ିଆ ସଂଯୋଜକ ସନ୍ତୋଷ ଗିରି, ଜିଲ୍ଲା ମହିଳା ଶାଖା ସଭାନେତ୍ରୀ କନିକା ବୋଷ, ଜିଲ୍ଲା ଛାତ୍ର ଶାଖା ସଭାପତି କିଷାନ ସାହୁ, ଜିଲ୍ଲା ଉପସଭାପତି ରାକେଶ ମହାନ୍ତି, ମୁଖପାତ୍ର ମାନସ ବେହେରା, ଜିଲ୍ଲା ଯୁବ ଛାତ୍ର ସଂଯୋଜକ ଏସ. କେ. ରାଜାଖାନ, କପ୍ତିପଦା ଉପଖଣ୍ଡ ଶାଖା ସଭାପତି ରବିନ ମହାନ୍ତି, ବାରିପଦା ଉପଖଣ୍ଡ ସଂଯୋଜକ ପାରିତୋଷ ବାରିକ, ବାରିପଦା ଉପଖଣ୍ଡ ସଭାପତି ଜ୍ୟୋତି ରଞ୍ଜନ ପୃଷ୍ଟି, ଜିଲ୍ଲା ସଂଗଠନ ସମ୍ପାଦକ ଗଣେଶ ମହାନ୍ତି ପ୍ରମୁଖଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ କର୍ମୀ ସମାବେଶରେ ସାମିଲ ହେବା ସହିତ ଆଗାମୀ ଦିନରେ ବିଜେପି ପାର୍ଟି ସହିତ ଅନ୍ୟ ରାଜନୀତି ଦଳ ମାନଙ୍କରୁ ବହୁ କର୍ମକର୍ତ୍ତା ଭଞ୍ଜସେନାରେ ସାମିଲ ହେବେ ବୋଲି ମୁଖପାତ୍ର ମାନସ ବେହେରା ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୧ ମଇ ୨୦୨୪ ମଙ୍ଗଳବାର






# ମାଓବାଦୀଙ୍କ ସହ ଗୁଳିବିନିମୟ : ଜଣେ ଯବାନ ଆହତ

**ନୂଆପଡ଼ା, ନ୍ୟୁଜ୍‌ବ୍ୟୁରୋ**

ନୂଆପଡ଼ା ଜିଲାର ସୁନାବେଡ଼ା ଅଭୟାରଣ୍ୟରେ ମାଓବାଦୀ ଏବଂ ଏସଓଜି ଯବାନଙ୍କ ମଧ୍ୟରେ ଗୁଳିବିନିମୟ ଘଟିଛି। ଏଥିରେ ଜଣେ ଯବାନ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ଚିକିତ୍ସା ପାଇଁ ତାଙ୍କୁ ଛତିଶଗଡ଼ର ରାୟପୁରକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।



ମିଳିଥିବା ସୂଚନା ଅନୁସାରେ, ସୁନାବେଡ଼ା ଅଭୟାରଣ୍ୟରରେ ମାଓବାଦୀମାନେ କ୍ୟାମ୍ପ କରି ଲୁଚି ରହିଥିବା ନେଇ ଗୁଇନ୍ଦା ଖବର ମିଳିଥିଲା। ଏହାକୁ ଆଧାର କରି ଏସ୍‌ଓଜି ଯବାନଙ୍କ ଗ୍ରୁପ୍ ପକ୍ଷରୁ ଜଙ୍ଗଲରେ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା। ଅଭୟାରଣ୍ୟର ଶିବନାରାୟଣପୁର ଅଞ୍ଚଳରେ ସର୍ଚ୍ଚ ଅପରେସନ ଚାଲିଥିବା ବେଳେ ସେଠାରେ ଲୁଚି ରହିଥିବା ମାଓବାଦୀଙ୍କ ସହିତ ଯବାନଙ୍କର ମୁହାଁମୁହିଁ ହୋଇଥିଲା। ଫଳରେ ଉଭୟ ପକ୍ଷ ମଧ୍ୟରେ ଗୁଳିବିନିମୟ ଘଟିଥିଲା। ମାଓବାଦୀଙ୍କ ଗୁଳିରେ ଜଣେ ଯବାନ ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ରାୟପୁର ପଠାଯାଇ ଥିଲା। ଅନ୍ୟ ଯବାନମାନେ ସର୍ଚ୍ଚ ଅପରେସନ ଚଳାଇଥିବାବେଳେ ଜଙ୍ଗଲରେ ଗୁଳିବିନିମୟ ଜାରି ରହିଥିବା ସୂଚନା ମିଳିଛି।



ଭୁବନେଶ୍ୱରର ଜନୈକ ଶ୍ରଦ୍ଧାଳୁ ତଥା ବଦାନ୍ୟ ସମାଜସେବୀ ପ୍ରୀତମ ବାନାର୍ଜୀ ଜଣେ ପଶୁପକ୍ଷୀ ପ୍ରେମୀ ଭାବରେ ସାଧାରଣରେ ପରିଚିତ। ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପଶୁପକ୍ଷୀମାନଙ୍କୁ ସେମାନଙ୍କର ମନପସନ୍ଦ ଖାଦ୍ୟ ବଣ୍ଟନ କରିବାରେ ସେ ସିଦ୍ଧହସ୍ତ। ଯାଜପୁର ଜିଲ୍ଲାର ମହାବିନାୟକ, କଟକ ଚଣ୍ଡୀ ମନ୍ଦିର ସମେତ ବିଭିନ୍ନ ଧର୍ମାନୁଷ୍ଠାନମାନଙ୍କ ନିକଟରେ ଥିବା ଭୋକିଲା ମାଙ୍କଡ଼, କୁକୁର ତଥା ଜଙ୍ଗଲର ପଶୁପକ୍ଷୀମାନଙ୍କୁ ଖାଦ୍ୟ ବଣ୍ଟନ କରିଥାନ୍ତି। ସେ ତାଙ୍କର ପତ୍ନୀ କସ୍ତୁରୀ ଚାଟାର୍ଜୀ ଓ ପୁତ୍ର ମିଳିତ ଭାବେ ପଶୁ ସେବା ସହାୟତା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥାନ୍ତି। (ଫଟୋ : ସମ୍ବାଦ କଳିକା)

# ପ୍ରଚାର ଅଭିଯାନକୁ ଜୋରଦାର କଲେ କଂଗ୍ରେସ ପ୍ରାର୍ଥିନୀ ପ୍ରତିମା ମଲ୍ଲିକ



**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର କଂଗ୍ରେସ ପ୍ରାର୍ଥିନୀ ପ୍ରତିମା ମଲ୍ଲିକ ଆଳିପିଙ୍ଗଳ ପଞ୍ଚାୟତରେ ପ୍ରଚାର ଅଭିଜାନକୁ ଯୋରଦାର କରିଛନ୍ତି। ତାଙ୍କ ସହ ଅଖିଳ ଭାରତ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ତଥା ସିଡବ୍ଲୁସି ସଦସ୍ୟା ମିନାକ୍ଷୀ ନଟରାଜନ, ଅଖିଳ ଭାରତ କଂଗ୍ରେସ କମିଟି ଜଗତସିଂହପୁର ଲୋକସଭା ସଂଯୋଜକ ରୋହିତ ମେନାଲି, ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ ପ୍ରମୁଖ ଯୋଗଦେଇ ଘରକୁ ଘର ଯାଇ କଂଗ୍ରେସ ଗ୍ୟାରେଣ୍ଟି କାର୍ଡ ଦେବା ସହ ପ୍ରତିମା ମଲ୍ଲିକଙ୍କୁ ଭୋଟ୍ ଦେବାକୁ ନିବେଦନ କରିଥିଲେ। ପଞ୍ଚାୟତର ବିଭିନ୍ନ ଗ୍ରାମ କେରୁଆ, ସଲାଣ୍ଡି, ସଆଗାଁ, ଫୁଲାର, ଆଳିପିଙ୍ଗଳ ଆଦି ଗାଁ ବୁଲି କଂଗ୍ରେସ ସପକ୍ଷରେ ମତଦାନ କରିବାକୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ଉପ ସଭାପତି ସର୍ବେଶ୍ୱର ପଣ୍ଡା, ପୂର୍ବତନ ସରପଞ୍ଚ ନାରାୟଣ ସାହୁ, ପଞ୍ଚାୟତ ସଭାପତି ବାବାଜୀ ଜେନା, ବିରବର ମହାନ୍ତି, ଅମ୍ବିକା ମହାନ୍ତି, ନୃସିଂହ ପ୍ରଧାନ, ପ୍ରଫୁଲ୍ଲ ରାଉତ, ଉଲ୍ଲାସ ଦାସ, ଜିଲ୍ଲା ଯୁବ କଂଗ୍ରେସ ଉପସଭାପତି ଲିପୁ ମହାନ୍ତି, ମନୋରଞ୍ଜନ ପାଲ, ସମିତି ସଭ୍ୟ ହିମାଂଶୁ ଶେଖର ପରିଡ଼ା, ବୁଦ୍ଧିଶ୍ୟାମ ଦାସ, ଅକ୍ଷୟ କୁମାର ଜେନା, ଜିଲ୍ଲା ସଂଖ୍ୟାଲଘୁ ବିଭାଗ ଅଧ୍ୟକ୍ଷ ସେଖ୍ ଇମତିୟାଜ ଅହମ୍ମଦ, ପ୍ରମୁଖ ଯୋଗ ଦେଇ ପ୍ରଚାର ଅଭିଯାନକୁ ତ୍ୱରାନ୍ୱିତ କରିଥିଲେ। ସେହିପରି କଂଗ୍ରେସ ପ୍ରାର୍ଥିନୀ ପ୍ରତିମା ମଲ୍ଲିକ, ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ତ୍ରିପୁରେଶ୍ୱର ମଲ୍ଲିକ, ଅଭିମନ୍ୟୁ ବେହେରା, ବସନ୍ତ ଭୋଇ, ରାମ ସିଂ, ଜିଲୁ ବେହେରା, ଅରୁଣ ବେହେରା, ମାସୁଦ ଖାଁ, ଜଗତସିଂହପୁର ପୌର ପରିଷଦ ଅନ୍ତର୍ଗତ ୪ନଂ, ୧୭ ନଂ ଓ ୭ ନଂ ୱାର୍ଡ଼ରେ ମଧ୍ୟ ପ୍ରଚାର ଅଭିଯାନକୁ ତ୍ୱରାନ୍ୱିତ କରିଛନ୍ତି।

# ବହୁଜନ ସମାଜ ପାର୍ଟିର ବିରାଟ ଶୋଭାଯାତ୍ରା



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ବହୁଜନ ସମାଜ ପାର୍ଟି ଶାଖା ତରଫରୁ ଏକ ବିରାଟ ଶୋଭାଯାତ୍ରା ତିନିମୁହାଣୀ ସ୍ଥିତ କଲେଜ ଛକ ନିକଟରୁ ବାହାରି ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାଟି ସହର ସ୍ଥିତ ତିନିମୁହାଣି, ମହିପାଳ, ବସ୍‌ଷ୍ଟାଣ୍ଡ, କଜଳା, କାକଟ, ବଡ଼ହାଟ, ପୁରୁଣା ବସ୍‌ଷ୍ଟାଣ୍ଡ, ମଢିଆଳ, ସାନ୍ତସାହି ଦେଇ ବାଇପାସ୍ ରାସ୍ତା ହୋଇ କାକଟରେ ପଶି ଗରାପୁର ଦି ପ୍ୟାଲେସ ଠାରେ ପହଞ୍ଚିଥିଲା। ଏକ ଖୋଲା ଜିପ୍‌ରେ ବିଏସ୍‌ପି ଲୋକସଭା ପ୍ରାର୍ଥୀ ସେକ୍ ସାଦିକ୍ ହୋସେନ, ମହାକାଳପଡ଼ାର ବିଧାନସଭା ପ୍ରାର୍ଥୀ ଅଧିର ନାଥ ଶର୍ମା, ପାଟକୁରାର ଚିଦାନନ୍ଦ ପରିଡ଼ା, ଆଳିର ପ୍ରଶାନ୍ତସେଠୀ ପ୍ରମୁଖଙ୍କ ସହ ରାଜ୍ୟ ପ୍ରଭାରୀ ଇାଲାଲ ଟୁଙ୍ଗୁରିଆ, ରାଜ୍ୟ ସଂଯୋଜକ ସୁଧିର ନାୟକ, ରାଜ୍ୟ ସଂପାଦକ ମଧୁସୂଦନ ଯାଦବ, ଜିଲ୍ଲା ସବାପତି ରାଜେନ୍ଦ୍ର ମଲିକ ପ୍ରମୁଖଙ୍କ ସହ ଶହ ଶହ ମଟର ସାଇକେଲ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାରେ ସହର ପରିକ୍ରମା କରିବା ସମୟରେ ବିଭିନ୍ନ ସ୍ଥାନରେ ଏମାନଙ୍କୁ ବ୍ୟାପକ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ଗରାପୁର ସ୍ଥିତ ଦି ପ୍ୟାଲେସ୍‌ରେ ଜିଲ୍ଲା ସଭାପତି ରାଜେନ୍ଦ୍ର ମଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବହୁଜନ ସମାଜ ପାର୍ଟିର ନୀତି ଓ ଆଦର୍ଶ ସଂପର୍କରେ ପ୍ରକାଶ କରିବା ସହିତ ଉତ୍ତର ପ୍ରଦେଶରେ ବହୁଜନ ସମାଜ ପାର୍ଟିର ସରକାର ସମୟରେ ବ୍ୟାପକ ଉନ୍ନୟନ ମୂଳକ କାର୍ଯ୍ୟ ସଂପର୍କରେ ବର୍ଣ୍ଣନା କରିଥିଲେ। କେନ୍ଦ୍ରରେ ଦୀର୍ଘ ୧୦ ବର୍ଷ ହେଲା ବିଜେପି ସରକାରର ଅନ୍ୟାୟ ଓ ଅତ୍ୟାଚାର ଓ ଜନ ବିରୋଧୀ କାର୍ଯ୍ୟ ସଂପର୍କରେ ପ୍ରକାଶ କରିବା ସହିତ ଭାରତର ସମ୍ବିଧାନକୁ ଖିନବିନ୍ କରୁଥିବା ପ୍ରଭାରୀ ଶ୍ରୀ ଟୁଙ୍ଗୁରିଆ ପ୍ରକାଶ କରିଥିଲେ। ଓଡ଼ିଶାରେ ସମାଜବାଦୀ ପାର୍ଟିର ପ୍ରାର୍ଥୀ ଓ କେନ୍ଦ୍ରାପଡ଼ାରେ ଦିଆଯାଇଥିବା ପ୍ରାର୍ଥୀମାନଙ୍କୁ ଜିତାଇବା ପାଇଁ ଉପସ୍ଥିତ ଥିବା ଜନତାମାନଙ୍କୁ ଅନୁରୋଧ କରିଥିଲେ। ଆୟୋଜିତ ଏହି ସଭାରେ ସେକ୍ ମୁରସିଦ୍ ଅହେମଦ, ଅମିତ ରଞ୍ଜନ ସାହୁଙ୍କ ସମେତ ବହୁ ସଂଖ୍ୟକ ବୁଦ୍ଧିଜୀବୀ, ଆଇନଜୀବୀ ଓ ମହିଳା ଉପସ୍ଥିତ ଥିଲେ।

## ବାରିପଦାରେ ବିଜେଡିର ବିଜୟ ସଂକଳ୍ପ ଶୋଭାଯାତ୍ରା

# ମୟୂରଭଞ୍ଜର ବିକାଶ ପାଇଁ ଯୋଡି ଶଙ୍ଖରେ ଭୋଟ ଦେବାକୁ ଆହ୍ୱାନ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସୋମବାର ବାରିପଦା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାରିପଦା ଦାରୋଗାଡ଼ାହି ଗୋଲେଇ ଠାରୁ ବାରିପଦା ବିଧାୟକ ପ୍ରାର୍ଥୀ ସାନନ୍ଦ ମାରାଣ୍ଡିଙ୍କ ନେତୃତ୍ୱରେ ମୟୂରଭଞ୍ଜ ଲୋକସଭା ଓ ବାରିପଦା ବିଧାନସଭାରେ ବିଜେଡି ପ୍ରାର୍ଥୀଙ୍କୁ ଯୋଡ଼ି ଶଙ୍ଖରେ ଭୋଟ୍‌ଦେଇ ଜିତାଇବା ପାଇଁ ହଜାର ହଜାର ସମର୍ଥକଙ୍କୁ ନେଇ ବିଜେଡି କାର୍ଯ୍ୟାଳୟ ପର୍ଯ୍ୟନ୍ତ ବିଜୟ ସଂକଳ୍ପ ଯାତ୍ରା କରିଛନ୍ତି। ଶୋଭାଯାତ୍ରାରେ ହଜାର ହଜାର ଯୁବ ଛାତ୍ର ମହିଳା କର୍ମୀମାନେ ଯୋଗଦେଇ ମୟୂରଭଞ୍ଜ ତଥା ବାରିପଦାର ବିକାଶ ଧାରାକୁ ଆଗେଇ ନେବା ପାଇଁ ଏଥର ଡବଲ ଶଙ୍ଖରେ ଭୋଟ୍ ଦେବାକୁ ଲୋକଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଅବସରରେ ରବିବାର ବିଜେପିରେ ମିଶିଥିବା ଦୁଇଜଣ ଯୁବ ସଂଗଠକ ଅବିନାଶ ବେହେରା ଏବଂ ଗୁରୁସାବନ ପାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଲଢୁଆ ବିଧାୟକ ପ୍ରାର୍ଥୀ ସାନନ୍ଦ ମାର୍ଣ୍ଡିଙ୍କ ନେତୃତ୍ୱରେ ତିରିଶରୁ ଊର୍ଦ୍ଧ୍ୱ ସମର୍ଥକଙ୍କୁ ନେଇ ବିଜେଡିରେ ସାମିଲ ହୋଇଥିବା ବେଳେ ନବାଗତମାନଙ୍କୁ ସ୍ୱାଗତ କରାଯାଇଛି। ଏହି ବିଜୟ ସଂକଳ୍ପ ଯାତ୍ରାରେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି ବାଙ୍ଗିରିପୋଷୀ ନିର୍ବାଚନ ମଣ୍ଡଳୀ ସଂଯୋଜକ ସୁନୀଲ ଦାଶ, ବାରିପଦା ନିର୍ବାଚନ ମଣ୍ଡଳୀ ସଂଯୋଜକ ପ୍ରଭାତ କୁମାର ନାୟକ, ଜିଲ୍ଲା ମହିଳା ସଭାପତି ଦୀପ୍ତିଲତା ମିଶ୍ର, ନାରୀ ନେତ୍ରୀ ସୀମା ଦାସ, ମହିଳା ନେତ୍ରୀ ଶ୍ରାବଣୀ ଦାଶ, ସବିତା ବେହେରା, ବାରିପଦା ନିର୍ବାଚନ ମଣ୍ଡଳୀ ମିଡ଼ିଆ ସଂଯୋଜକ ସୁକୁମାର ରଞ୍ଜନ ପ୍ରଧାନ, ବିଜେଡି ନେତା ଅନନ୍ତ ଦାସ, ଛାତ୍ର ବିଜେଡି ସଭାପତି ସୁନୀଲ କୁମାର ନାୟକ, ରାଜ୍ୟ ସମ୍ପାଦକ ରାଜୀବ ଜେନା, ଟାଉନ ସଭାପତି ସେକ ଅମନ, ଯୁବ ସମ୍ପାଦକ ଆଶୀର୍ବାଦ ଦାସ, ଅଭାସ ଦେ, ଜୀତ ପଟ୍ଟନାୟକ, ସ୍ୱରୂପ ପଟ୍ଟନାୟକ, ଲିଟନ ମହାପାତ୍ର, ସୁଜିତ ମହାନ୍ତି, ଯୁବ ବିଜେଡି ସଭାପତି ଅରୁଣ ବରାଡ଼, ମନିସ ବେହେରା ପ୍ରମୁଖଙ୍କ ସହ ସମସ୍ତ କାଉନସିଲର, ଛାତ୍ର, ଯୁବ, ମହିଳା ଶାଖାର ବହୁ କର୍ମୀ ଯୋଗଦେଇ ଥିଲେ।



## ସମ୍ବିତ ପାତ୍ରଙ୍କ ବୟାନକୁ ମୁଖ୍ୟମନ୍ତ୍ରୀଙ୍କ ନିନ୍ଦା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସମ୍ବିତ ପାତ୍ରଙ୍କ ବିବୃତ୍ତିକୁ ନିନ୍ଦା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଟୁଇଟ୍ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥ ସମଗ୍ର ବିଶ୍ୱର ଠାକୁର। ତାଙ୍କୁ ଅନ୍ୟ ଜଣେ ମନୁଷ୍ୟର ଭକ୍ତ କହିବା ମହାପ୍ରଭୁଙ୍କ ପ୍ରତି ସବୁଠୁ ବଡ଼ ଅପମାନ। ଏହା ବିଶ୍ୱର କୋଟି କୋଟି ଜଗନ୍ନାଥ ଭକ୍ତ ଓ ଓଡ଼ିଆମାନଙ୍କ ଭାବାବେଗ ଏବଂ ବିଶ୍ୱାସକୁ କ୍ଷତାକ୍ତ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ପୁରୀରେ ଏକ ବିଶାଳ ରୋଡ ଶୋ' କରିଥିଲେ। ଏହି ସମୟରେ ଭାଜପା ନେତା ସମ୍ବିତ ପାତ୍ର କହିଛନ୍ତି ମୋଦିଙ୍କୁ ଦେଖିବା ପାଇଁ ଲକ୍ଷାଧିକ ଲୋକଙ୍କ ଭିଡ଼ ଜମିଛି। ମୋଦିଙ୍କ ଭକ୍ତ ଜଗନ୍ନାଥ। ଆମେ ସବୁ ମୋଦିଙ୍କ ପରିବାର ଜନ। ଏ ଅଦ୍ଭୁତ ଦୃଶ୍ୟ ଦେଖି ମୁଁ ଭାବପ୍ରବଣ। ମୋତେ ଲାଗୁଛି ସବୁ ଓଡ଼ିଆଙ୍କ ପାଇଁ ଆଜି ଗୋଟେ ବିଶେଷ ଦିନ। ସମ୍ବିତଙ୍କ ଏଭଳି ବୟାନକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

# ଧର୍ମଶାଳାରେ ବିଜେଡ଼ିର ଜୋରଦାର ପ୍ରଚାର

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଧର୍ମଶାଳା ନିର୍ବାଚନମଣ୍ଡଳୀର ବିଭିନ୍ନ ଜୋନ୍ ଓ ପଞ୍ଚାୟତ ସ୍ତରରେ ବିଜୁଜନତା ଦଳ ତା'ର ନିର୍ବାଚନ ପ୍ରଚାର ପୂରା ଦମ୍‌ରେ ଆରମ୍ଭ କରିଛି। ଶନିବାର ଦିନ ୧୧ନଂ ଓ ୧୨ନଂ ଜୋନ୍, ରବିବାର ଦିନ ୧୩ନଂ ଓ ୧୪ନଂ ଜୋନ୍‌ର ପଞ୍ଚାୟତରେ ବିଧାୟକ ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାୟ ଘରଘର ବୁଲି ପ୍ରଚାର କରିଛନ୍ତି। ପୂର୍ବତନ ଜିଲ୍ଲପରିଷଦ ସଭ୍ୟ ନିରଞ୍ଜନ ରାଉତଙ୍କ ନେତୃତ୍ୱରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ସୁସଜ୍ଜିତ ଖୋଲା ଜିପ୍‌ରେ ନିଜ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ବାହାରି ଗାଁଗାଁ ବୁଲିଥିଲେ। ରବିବାର ଦିନ ନେଉଳପୁର ଠାରୁ ଶୋଭାଯାତ୍ରା ବାହାରି କଣ୍ଟିଗଡ଼ିଆ, କ୍ଷେତ୍ରପାଳ, ହରିଦାସପୁର, ଆରୁହା ପଞ୍ଚାୟତ ପରିକ୍ରମା କରିଥିଲେ। ଗାଁ ଗଣ୍ଡାରେ ବହୁ ସଂଖ୍ୟାରେ ମହିଳାମାନେ ବିଧାୟକଙ୍କୁ ସ୍ୱାଗତ କରୁଥିବା ଦେଖାଯାଇଥିଲା। ୧୧ନଂ ଜୋନ୍‌ର ରାଇଛନ୍ଦା ଠାରେ ବିଧାୟକଙ୍କ ବାଇକ୍ ଶୋଭାଯାତ୍ରା ଯାଉଥିବା ବେଳେ ହଠାତ ଆମ୍ବୁଲାନ୍ସ ପହଞ୍ଚି ଯାଇଥିଲା। ନିଜର ମହାନତା ଦେଖାଇ ନିଜେ ବିଧାୟକ ବାଇକ୍ ରାଲି ବନ୍ଦ କରି ଆମ୍ବୁଲାନ୍ସକୁ ବାଟ ଛାଡ଼ିଥିଲେ।




## ମା 'ବାସବୀ କନ୍ୟକା ପରମେଶ୍ୱରୀଙ୍କ ଜୟନ୍ତୀ ପାଳିତ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ କଳିଙ୍ଗ ବୈଶ୍ୟ ପେଣ୍ଠ ଘରେ ବୈଶ୍ୟକୁଳ ଧାତ୍ରୀ ତଥା କୁଳଦେବୀ ମା' ବାସବୀ କନ୍ୟକା ପରମେଶ୍ୱରୀଙ୍କ ଜନ୍ମ ଉତ୍ସବ ପୁରୋହିତ ଜଗନ୍ନାଥ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ପୂର୍ବ ପ୍ରସ୍ତୁତି କ୍ରମେ ମା'ବାସବୀ କନ୍ୟକା ପରମେଶ୍ୱରୀଙ୍କୁ ନୂତନ ବସ୍ତ୍ର ପରିଧାନ କରି ରଙ୍ଗବେରଙ୍ଗର ଫୁଲମାଳ ଆଚ୍ଛାଦିତ କରାଯାଇ ସଂଘ ପକ୍ଷରୁ ତଥା ବ୍ୟକ୍ତିଗତ ଭାବେ ପୂଜାର୍ଚ୍ଚନା କରାଯାଇ ଭୋଗରାଗ କରାଯାଇ ଥିଲା। ବିଶେଷ କରି ପାରମ୍ପରିକ ବେଶରେ ମହିଳା ସଂଘ ସଜ୍ଜିତ ହୋଇ ଆସିଥିବା ଲକ୍ଷ୍ୟ କରାଯାଇଥିଲା। ତତ୍ ସହିତ ମା'ଙ୍କ ଉପରେ ଉପସ୍ଥିତ ଦାନ୍ୟ ବ୍ୟକ୍ତିମାନେ ମା' ଜନ୍ମ ଗାଥା ଉପରେ ଆଲୋଚନା ହୋଇ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। କର୍ତ୍ତା ରୂପେ ରାଜେନ୍ଦ୍ର କୁମାର ସେନାପତି ସହଧର୍ମିଣୀ ସ୍ୱର୍ଣ୍ଣଲତା ସେନାପତି ଅଧିଷ୍ଠିତ ହୋଇଥିଲେ। ପୂଜା କାର୍ଯ୍ୟକ୍ରମରେ ପରିଦର୍ଶନରେ କଳିଙ୍ଗ ବୈଶ୍ୟ ମହାସଂଘର ସଭାପତି ଟି. କେଦାରନାଥ ସୁବୁଦ୍ଧି, ଖଲ୍ଲିକୋଟ ଅଞ୍ଚଳ ସଭାପତି ଟି. ରାଜେନ୍ଦ୍ର ପୃଷ୍ଟି, ରମ୍ଭା ପେଣ୍ଠର ସମ୍ପାଦକ କେ. ମହେନ୍ଦ୍ର କୁମାର ସେନାପତି ସହିତ ବିଭିନ୍ନ ପେଣ୍ଠର ସଦସ୍ୟ/ସଦସ୍ୟା, ଯୁବକ ସଂଘ, ମହିଳା ସଂଘ ପୂଜାରେ ସାମିଲ ହୋଇଥିଲେ। ସନ୍ଧ୍ୟାରେ ମହିଳା ସଂଘ ପକ୍ଷରୁ କୁମକୁମ ପୂଜା ଆୟୋଜନ କରାଯାଇ ସଭ୍ୟାମାନଙ୍କ ମଧ୍ୟରେ ମା'ଙ୍କ ଗୁଣଗାନ ଉପରେ ଚର୍ଚ୍ଚା ହୋଇଥିଲା।

# ଋଣ ସୁଝିବାକୁ ୫୦୦ ନବ-ମତଦାତାଙ୍କ ଶପଥ



**ବାଲେଶ୍ୱର, ନ୍ୟୁଜ୍**

'ଋଣ ସୁଝିବାକୁ ୫୦୦ ନବ-ମତଦାତାଙ୍କର ପଣ' କଥାଟି ଶୁଣିବାକୁ ଅଡୁଆ ମନେ ହେଲେ ହେଁ କଥାଟି ସତ। ବାଲେଶ୍ୱର ସାଂସଦ ତଥା ଚଳିତ ନିର୍ବାଚନରେ ସାଂସଦ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବର୍ତ୍ତମାନ ପର୍ଯ୍ୟନ୍ତ ବାଲେଶ୍ୱର ଓ ଆଖପାଖ ଜିଲ୍ଲାରୁ ହଜାର ହଜାର ଗରିବ, ଅସହାୟ ଓ ଆଦିବାସୀ ପିଲାଙ୍କୁ ପାଠ ପଢ଼ାଇବାର ସୁବନ୍ଦୋବସ୍ତ କରିଆସିଛନ୍ତି। ସେହି ପିଲାମାନଙ୍କ ମଧ୍ୟରେ ଯେଉଁମାନେ ଚଳିତ ନିର୍ବାଚନରେ ପ୍ରଥମଥର ପାଇଁ ମତଦାନ କରିବାକୁ ଯାଉଛନ୍ତି ସେଭଳି ୫୦୦ରୁ ଊର୍ଦ୍ଧ୍ୱ ଯୁବକ ଯୁବତୀ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଦଳୀୟ କାର୍ଯ୍ୟାଳୟରେ ସାକ୍ଷାତ୍ କରିଥିଲେ। ପ୍ରାଥମିକ ଶିକ୍ଷାରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ବ୍ୟବସ୍ଥା କରି ତାଙ୍କ ଜୀବନରେ ଆଶା ଆଲୋକର କିରଣ ଭରିଦେଇ ଥିବାରୁ ସେମାନେ ସାଂସଦଙ୍କୁ କୃତଜ୍ଞତା ଜ୍ଞାପନ କରି ଋଣ ପରିଶୋଧ କରିବା ପାଇଁ ଚଳିତ ନିର୍ବାଚନରେ କୋଣ ଅନୁକୋଣରେ ପହଞ୍ଚି କାର୍ଯ୍ୟ କରିବେ ବୋଲି ଶପଥପାଠ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭୁବନେଶ୍ୱର...

ଏବଂ ଗତିଶୀଳ ହେଉଛି। ଅପରାଧିକ ନ୍ୟାୟ ପାଇଁ ଭାରତର ଆଇନଗତ ଢାଞ୍ଚାକୁ ନୂଆ ଯୁଗରେ ପରିଣତ କରିଛି ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ପ୍ରଧାନ ବିଚାରପତି ଭାରତୀୟ ନ୍ୟାୟ ସଂହିତା, ୨୦୨୩ ବିଷୟରେ ଉଲ୍ଲେଖ କରିଥିଲେ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩ ଏବଂ ଭାରତୀୟ ସାକ୍ଷୀ ଅଧ୍ୟାୟ, ୨୦୨୩ ଯାହା ପୂର୍ବ ଅପରାଧିକ ଆଇନ ଯଥା ଭାରତୀୟ ଦଣ୍ଡ ବିଧି ୧୮୬୦, କ୍ରିମିନାଲ ପ୍ରୋସିଜିଓର କୋଡ୍, ୧୯୭୩ ଏବଂ ଭାରତୀୟ ପ୍ରମାଣ ଆଇନ, ୧୮୭୨ର ସ୍ଥାନ ନେବ। ଚଳିତ ବର୍ଷ ଜୁଲାଇ ପହିଲାରୁ ଏହି ନୂଆ ଆଇନ ଦେଶରେ ଲାଗୁ ହେବ।

### ଭୁବନେଶ୍ୱର...

'ରାଜ୍ୟରେ ପୋଲିଂ ଶାନ୍ତି ଶୃଙ୍ଖଳାର ସହ ଚାଲିଛି । କନ୍ଧମାଳ ବିଧାନସଭା କ୍ଷେତ୍ରର ୨୮ ନମ୍ବର ବୁଥ୍‌ରେ ଏକ ନିର୍ଦ୍ଦିଷ୍ଟ କାରଣ ଲାଗି ମତଦାନ ବନ୍ଦ କରାଯାଇଥିଲା । ସେ ବିଷୟରେ ଚୂଡ଼ାନ୍ତ ରିପୋର୍ଟକୁ ଅପେକ୍ଷା କରିଛୁ । ଚୂଡ଼ାନ୍ତ ରିପୋର୍ଟ ମିଳିବା ପରେ ଏହାର ତର୍ଜମା କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ରାଉରକେଲାରେ ଆଉ ଏକ ଘଟଣା ଉପରେ ଆମର ନଜର ରହିଛି । ମୁଁ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ସହିତ କଥା ହୋଇଛି । ମନ୍ତ୍ରୀ ତଥା ବିଧାୟକ ପ୍ରାର୍ଥୀ ସାରଦା ନାୟକ ବୁଥ ବୁଲିବାକୁ ଯାଇଥିଲେ । ଜଣେ ପ୍ରାର୍ଥୀ ଭାବେ ସେ ବୁଥ ବୁଲିପାରିବେ । ଭୋଟିଂ ଠିକଠାକ ଚାଲିଛି ନା ନାହିଁ ଅନୁଧ୍ୟାନ କରିପାରିବେ । କିନ୍ତୁ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ଏହାକୁ ବିରୋଧ କରିଥିଲେ । ପୋଲିସ ତାଙ୍କୁ କର୍ଡନ କରି ବୁଥ ବାହାରକୁ ନେଇଯାଇଥିଲେ । ପୋଲିସ ତାଙ୍କୁ ହେପାଜତରେ ନେଇନାହିଁ । ଆଗକୁ ଅଧିକ କିଛି ସମସ୍ୟା ନହେଉ, ସେଥିପାଇଁ ପୋଲିସ ତାଙ୍କୁ ବୁଥରୁ ନେଇଯାଇଛି । ସେଠାରେ ସ୍ଥିତି ସ୍ୱାଭାବିକ ଅଛି ।' ପ୍ରକାଶ ଥାଉ, ରାଜ୍ୟରେ କିଛି ସ୍ଥାନରେ ନିର୍ବାଚନ ହିଂସାକାଣ୍ଡ ଘଟିଥିବା କିଛି ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଯାହାକୁ ଅସ୍ୱୀକାର କରିଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ । ବରଗଡ଼ ନିର୍ବାଚନ ମଣ୍ଡଳୀ ସରସରାରେ ମଦ ପିଇ ହିଂସାକାଣ୍ଡ ଘଟିଥିବା ସେ ସୂଚନା ଦେଇଛନ୍ତି । ମନୋଜ ମହାନନ୍ଦ ଏବଂ ବିଶ୍ୱନାଥ ମିରଦାଙ୍କ ମଧ୍ୟରେ ବ୍ୟକ୍ତିଗତ ଶତ୍ରୁତା ଯୋଗୁଁ ଏହି ହତ୍ୟାକାଣ୍ଡ ଘଟିଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ପଷ୍ଟ କରିଛନ୍ତି । ବିଶ୍ୱନାଥ ମିରଦାଙ୍କ ମୃତ୍ୟୁ ପରେ ହତ୍ୟାକାରୀ ମନୋଜ ଫେରାର ଅଛି । ସେହିପରି ବୌଦ୍ଧ ଜିଲ୍ଲା କନ୍ଧମାଳ ନିର୍ବାଚନ ମଣ୍ଡଳୀ ପୋଲିଂ ଷ୍ଟେସନ ନଂ ୨୮ରେ କିଛି ବାହାର ବ୍ୟକ୍ତି ପଶିଯିବାରୁ ଉକ୍ତ ଷ୍ଟେସନର ପ୍ରିଜାଇଡିଂ ଅଧିକାରୀଙ୍କୁ ପୋଲିସ ହେପାଜତକୁ ନିଆଯାଇଛି । ଭଞ୍ଜନଗରର ଗେରୁଆବାଡ଼ି ତୁରୁଙ୍ଗ ପଞ୍ଚାୟତର ବୁଥ ନଂ ୪୭ରେ କିଛି ଗଣ୍ଡଗୋଳ ହୋଇଥିଲା, ଏବେ ସ୍ଥିତି ସ୍ୱାଭାବିକ ଅଛି । ମତଦାନ ପ୍ରକ୍ରିୟା ଜାରି ରହିଛି । ୬୦ ପ୍ରତିଶତ ବୁଥରେ ୱେବ କାଷ୍ଟିଂ ଜାରି ରହିଛି । ନିର୍ବାଚନ ଅଧିକାରୀଙ୍କ କଡ଼ା ନଜର ରହିଛି । ୫ଟି ସଂସଦୀୟ କ୍ଷେତ୍ର ସମେତ ଏହା ଅଧିନ ୩୫ଟି ବିଧାନସଭା ମଣ୍ଡଳୀ ପାଇଁ ମତଦାନ ପ୍ରକ୍ରିୟା ଚାଲିଛି ।

### ରାଜଧାନୀରେ ନବୀନଙ୍କ...

ଏହି ରୋଡ ଶୋ କାର୍ଯ୍ୟକ୍ରମ ବେଳେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇବା ପାଇଁ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ହୋର୍ଡିଂ, ଶଙ୍ଖ ମାସ୍କଟ ଧରି ରାସ୍ତାରେ ଲୋକେ ଛିଡ଼ା ହୋଇଥିବାର ଦେଖାଯାଇଥିଲା। ଏମିତିକି ଅନେକ ସ୍ଥାନରେ ଦାସକାଠିଆ, ସଂଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଯୋଡିଶଙ୍ଖ, ହୁଳହୁଳି ବାଜାରେ କମ୍ପିଥିଲା ଏକାମ୍ର କ୍ଷେତ୍ର।

### ଭାରତରେ ମଇ ୨୧ରେ...

ପଗଡ଼ି ପିନ୍ଧୁଥିଲେ। ଏଥିପାଇଁ ରାଇସିଙ୍କ ମୃତ୍ୟୁ ପରେ ଇରାନ କ୍ୟାବିନେଟ ତାଙ୍କ ଚେୟାରକୁ କଳା କପଡ଼ାରେ ଢାଙ୍କି ଦେଇଛି। ଅନ୍ୟପକ୍ଷରେ ରାଇସିଙ୍କ ମୃତ୍ୟୁରେ ଭାରତ ସରକାର ମଧ୍ୟ ଗଭୀର ଶୋକ ପ୍ରକାଶ କରିଛନ୍ତି । ତାଙ୍କ ସମ୍ମାନରେ ଭାରତ ସରକାର ମଇ ୨୧ରେ ଦିନିକିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରିଛନ୍ତି ।

### ପୁରୀରେ କାର୍ତ୍ତିକ ପାଣ୍ଡିଆନ...

ସଂଖ୍ୟାରେ ଜିତାଇବାକୁ ସେ ନିବେଦନ କରିଥିଲେ। ସେ କହିଥିଲେ ଆସନ୍ତା ଜୁନ୍ ୯ ତାରିଖ ଦିନ ୧୧ଟା ୩୦ରୁ ଗୋଟାଏ ମଧ୍ୟ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକ ଶପଥ ଗ୍ରହଣ କରିବେ। ସେହିଦିନ ପ୍ରଥମେ କ୍ୟାବିନେଟ୍‌ରେ ବିଜୁଳି ବିଲ୍ ଛାଡ଼ ନେଇ ଦସ୍ତଖତ କରିବେ। ଦ୍ୱିତୀୟରେ ସବୁ ଯୋଗ୍ୟ ହିତାଧିକାରୀଙ୍କୁ ବିଏସ୍‌କେୱାଇ କାର୍ଡ଼ ଯୋଜନାରେ ସାମିଲ କିରବା ସହିତ ତୃତୀୟରେ ମିଶନ ଶକ୍ତି ମା'ମାନଙ୍କୁ ୬୦ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିଲେ ଭତ୍ତା ପ୍ରଦାନ କରାଯିବା ନେଇ ମଧ୍ୟ ମୁଖ୍ୟମନ୍ତ୍ରୀ ଦସ୍ତଖତ କରିବେ। ଲୋକମାନଙ୍କ ପାଇଁ ନିରନ୍ତର ଭାବେ କାମ କରୁଥିବା ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ମଜଭୁତ କରିବା ପାଇଁ ଆପଣମାନେ ଆଶୀର୍ବାଦ କରନ୍ତୁ ବୋଲି ଶ୍ରୀ ପାଣ୍ଡିଆନ ଅପିଲ କରିଥିଲେ। ରୋଡ୍ ଶୋ' କାର୍ଯ୍ୟକ୍ରମ ବେଳେ ଦଳର ଉଭୟ ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକ ଓ ବିଧାୟକ ପ୍ରାର୍ଥୀ ସୁନୀଲ ମହାନ୍ତି ଉପସ୍ଥିତ ଥିଲେ।

# କବି ଭାରତୀ ସ୍ୱର୍ଗତ ବାସୁଦେବ ପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

**ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ**

ରାୟଗଡ଼ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଓ ସଂସ୍କୃତି ବିଭାଗ ତରଫରୁ ସୂଚନା ଓ ଲୋକ ସମ୍ପର୍କ ବିଭାଗର ପୂର୍ବତନ ଭଣ୍ଡାର ରକ୍ଷକ, କବି, ସାହିତ୍ୟିକ, ସମ୍ପାଦକ ତଥା କବି ଭାରତୀ ସ୍ୱର୍ଗତ ବାସୁଦେବ ପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ବସନ୍ତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲୋକ ସମ୍ପର୍କ ବିଭାଗ ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ଜଳନ୍ଧର ପୁଷ୍ଟିକା, ଜିଲ୍ଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ ଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୯୭୫ ମସିହାରୁ ରାୟଗଡ଼ ଆସି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଭଣ୍ଡାର ରକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ସ୍ୱର୍ଗତ ପାତ୍ର ଏକାଧାରରେ ଜଣେ କବି, ସାହିତ୍ୟିକ, ସମ୍ପାଦକ ହେବା ସହ ଅଭିନୟରେ ମଧ୍ୟ ରୁଚି ରଖିଥିଲେ। ଶ୍ରୀ ପାତ୍ର 'ଆମ ଜ୍ୟୋସ୍ନା' ନାମକ ପତ୍ରିକା ପ୍ରକାଶନ କରି ବିଭିନ୍ନ ବର୍ଗର କବିଙ୍କୁ ନିଜର କରି ପାରିଥିଲେ। ବିଭିନ୍ନ ସଭା ସମିତିର ସଂଯୋଜକ ଭାବେ ଯୋଗଦେଇ କଳା ସାହିତ୍ୟ ସଂସ୍କୃତିକୁ ସୁଦୃଢ଼ କରିବା ନିମନ୍ତେ ଆହ୍ୱାନ ଦେଉଥିଲେ। ଦକ୍ଷିଣ ଓଡ଼ିଶା ସାହିତ୍ୟ ପରିଷଦ ଭଳି ବିଭିନ୍ନ ଅନୁଷ୍ଠାନରୁ ସମ୍ମାନିତ ହୋଇଥିଲେ। କର୍ତ୍ତବ୍ୟ ସହ ସାହିତ୍ୟ ସୃଷ୍ଟିରେ ସେ କେବେବି ଅବସାଦ ହୋଇନଥିଲେ। ତେଣୁ ତାଙ୍କୁ କବି ଭାରତୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କ୍ଷିପ୍ର ଲେକା କୁମୁଦିନି ମିଶାଲ, ଗ୍ରନ୍ଥାଗାରିକ ଡମ୍ବରୁ ଧର ପଣ୍ଡା, ସୁବାସ କେର୍କେଟା, ସଂସ୍କୃତି ବିଭାଗ ଗ୍ରନ୍ଥାଗାରିକ ମରିୟମ କିରୋ, କନିଷ୍ଠ କିରାଣୀ ମନୀଷା ଚୌଧୁରୀ, ସହକାରୀ ସଂଚାଳକ ସମ୍ରାଟ ସାହୁ, ରାଜେନ୍ଦ୍ର ଦୋରା ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ପାତ୍ରଙ୍କ ସ୍ମୃତି ଚାରଣ କରିଥିଲେ। ସେହିପରି ଗୁଣପୁର ସୂଚନା କେନ୍ଦ୍ର ପରିସରରେ ମଧ୍ୟ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନନ୍ତ ପାତ୍ର ଓ ପାଠକ ସମୂହ ଯୋଗ ଦେଇଥିଲେ।

ଉତ୍କଳ ଦୀପିକା
ଭୁବନେଶ୍ୱର
୨୧ ମଇ
ମଙ୍ଗଳବାର, ୨୦୨୪
RNI Regd. No. : 52640/94
Postal Regd. No. :
BN/60/22-24

## ବାଇକ୍‌କୁ ଧକ୍କା ଦେଲା ହାଇୱା ଗୋଟିଏ ପରିବାରର ୪ ମୃତ

**ଢେଙ୍କାନାଳ, ୨୦।୦୫**
**ନ୍ୟୁଜ୍‌ବ୍ୟୁରୋ**

ଢେଙ୍କାନାଳ ଜିଲ୍ଲା ନିହଲପ୍ରସାଦ ଥାନା ଅନ୍ତର୍ଗତ ଟୋଲରପଶି ଛକରେ ବାଇକକୁ ଧକ୍କା ଦେଲା ହାଇୱା। ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଗୋଟିଏ ପରିବାରର ୪ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଦୁର୍ଘଟଣାରେ ବାପା, ମାଆ, ପୁଅ ଓ ଝିଅ ପ୍ରାଣ ହରାଇଛନ୍ତି। ସମସ୍ତ ମୃତଦେହକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣା ସ୍ଥଳରେ ଉତ୍ତେଜନା ଲାଗି ରହିଥିବାବେଳେ ଦୁର୍ଘଟଣା ଘଟାଇଥିବା ହାଇୱାକୁ ଜବତ କରିଛି ପୁଲିସ। ଘଟଣା ସ୍ଥଳରୁ ଡ୍ରାଇଭର ଫେରାର ହୋଇ ଯାଇଥିବା ଜଣାପଡ଼ିଛି।









ଭୁବନେଶ୍ୱରରେ ରୋଡ୍ ଶୋ’ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବିଭିନ୍ନ ସ୍ଥାନରେ ସ୍ୱାଗତ କରାଯାଉଛି। (ଫଟୋ : ସମ୍ବାଦ କଳିକା)

## ପ୍ରଥମଥର ୩ ଲକ୍ଷ କୋଟି ପାର କଲା ବ୍ୟାଙ୍କ ଗୁଡ଼ିକର ଲାଭ

**ମୁମ୍ବାଇ, ୨୦।୦୫**

ପ୍ରଥମ ଥର ପାଇଁ ବ୍ୟାଙ୍କିଙ୍ଗ କ୍ଷେତ୍ରର ମୋଟ ଲାଭ ଆର୍ଥିକ ବର୍ଷ ୨୦୨୪ରେ ୩ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି। ତାଲିକାଭୁକ୍ତ ସରକାରୀ ଏବଂ ବେସରକାରୀ କ୍ଷେତ୍ର ବ୍ୟାଙ୍କଗୁଡିକର ମୋଟ ଲାଭ ୩୯% ବୃଦ୍ଧି ହୋଇ ୩.୧ ଲକ୍ଷ କୋଟିରେ ପହଞ୍ଚିଛି। ସାର୍ବଜନୀନ କ୍ଷେତ୍ର ବ୍ୟାଙ୍କଗୁଡିକ ବର୍ଷରେ ୧.୪ ଲକ୍ଷ କୋଟି ଟଙ୍କା ମୋଟ ଲାଭରେ ରେକର୍ଡ ସୃଷ୍ଟି କରିଥିବାବେଳେ ପୂର୍ବ ବର୍ଷ ତୁଳନାରେ ବେସରକାରୀ କ୍ଷେତ୍ର ବ୍ୟାଙ୍କଗୁଡିକ ସେମାନଙ୍କର ମୋଟ ଲାଭକୁ ୪୨% ବୃଦ୍ଧି କରି ପ୍ରାୟ ୧.୭ ଲକ୍ଷ କୋଟି ଟଙ୍କା ତୁଳନାରେ ୧.୨ ଲକ୍ଷ କୋଟି ଟଙ୍କା କରିଛନ୍ତି। ଫଳସ୍ୱରୂପ ଦୁଇ କ୍ଷେତ୍ରର ଆୟ ତାରତମ୍ୟ ବୃଦ୍ଧି ପାଇଛି। ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ୩ ଲକ୍ଷ କୋଟି ଟଙ୍କା ଆର୍ଥିକ ପ୍ରଥମ ତିନି ତ୍ରୈମାସରେ ସମସ୍ତ ତାଲିକାଭୁକ୍ତ କମ୍ପାନୀଗୁଡିକର ମୋଟ ତ୍ରୈମାସିକ ଲାଭ ଅଟେ। ବାସ୍ତବରେ, ଆଇଟି ସେବା ତୁଳନାରେ ବ୍ୟାଙ୍କଗୁଡିକର ଲାଭ ବହୁତ ଅଧିକ ଅଟେ, ଯାହା ଗତ ବର୍ଷ ତାଲିକାଭୁକ୍ତ ଆଇଟି ସେବା କମ୍ପାନୀଗୁଡିକ ଆର୍ଥିକ ବର୍ଷ ୨୪ ପାଇଁ ପ୍ରାୟ ୧.୧ ଲକ୍ଷ




କୋଟି ଟଙ୍କାର ମୋଟ ଲାଭ ବିଷୟରେ ଜଣାଇଛନ୍ତି। ପୂର୍ବ ବର୍ଷଗୁଡିକରେ, ସରକାରୀ କ୍ଷେତ୍ର ବ୍ୟାଙ୍କଗୁଡିକ ବେସରକାରୀ ବ୍ୟାଙ୍କଗୁଡିକ ସହିତ ସେମାନଙ୍କର ଲାଭ ବ୍ୟବଧାନକୁ ସଂକୀର୍ଣ୍ଣ କରିଦେଇଥିଲେ ଯେହେତୁ ସେମାନେ ବାଲାନ୍ସ ସିଟ୍ କ୍ଲିଅର କରିଥିଲେ ଏବଂ ଆୟ ବୃଦ୍ଧି କରିଥିଲେ। ବାସ୍ତବରେ, ଗତ ତିନି ବର୍ଷ ମଧ୍ୟରେ ସାର୍ବଜନୀନ କ୍ଷେତ୍ର ବ୍ୟାଙ୍କଗୁଡିକର ମୋଟ ଲାଭ ଚତୁର୍ଦ୍ଦଶରୁ ଅଧିକ ହୋଇଛି।

## ଅନୁଗୁଳ ଓ କଟକରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ରୋଡ୍ ଶୋ’

**ଅନୁଗୁଳ/କଟକ ୨୦/୦୫**
**ନ୍ୟୁଜ ବ୍ୟୁରୋ**

ପୁରୀରେ ବିଶାଳ ରୋଡ୍ ସୋ’ କରିବା ପରେ ଅନୁଗୁଳରେ ପହଞ୍ଚିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଅନୁଗୁଳରେ ଆୟୋଜିତ ବିରାଟ ଜନସଭାରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି ମୋଦି । ଓଡ଼ିଶା କଳାର ଧାମ, ପ୍ରତି ପରିବାରରେ କଳା ରହିଛି । ଜୀବନର ଲମ୍ବା ସମୟ ପାର୍ଟିର ସଂଗଠନରେ ଲଗାଇଛି । ସକାଳ ଦଶଟାରେ ଏ ଭିଡ଼ ଦେଖି ମୁଁ ଅଭିଭୂତ। ସକାଳ ୭ଟାରେ ପୁରୀରେ ଆଶ୍ଚର୍ଯ୍ୟଜନକ ଭିଡ଼ ଦେଖିଲି । ପ୍ରଭୁ ଜଗନ୍ନାଥ ଯେ କୌଣସି ଲୋକର ଆଶା ପୂରଣ କରନ୍ତି । ଓଡ଼ିଶାର ସୁଖ ସମୃଦ୍ଧି ପାଇଁ ପ୍ରଭୁ ଜଗନ୍ନାଥଙ୍କ ଆଶିଷ ମାଗିଲି । ସେହିପରି ସମସ୍ତଙ୍କୁ ଭୋଟ ଦେବାକୁ ଅପିଲ କଲେ ପ୍ରଧାନମନ୍ତ୍ରୀ । ସେ କହିଛନ୍ତି, ସାରା



ଦେଶବାସୀ ମୋଦି ସରକାରଙ୍କୁ ତୃତୀୟ ଥର ଆଣିବାକୁ ଚାହୁଁଛନ୍ତି । ନିର୍ବାଚନୀ ପର୍ବରେ ନବଯୁବକଙ୍କ ଉତ୍ସାହ ସର୍ବତ୍ର ଦେଖିବାକୁ ମିଳୁଛି । ଓଡ଼ିଶାର ପୁରପଲ୍ଲୀରେ ଗୋଟିଏ ନାରା ସବୁଠି ଗୁଞ୍ଜରିତ ହେଉଛି । ଓଡ଼ିଶାରେ ପ୍ରଥମ ଥର ଡବଲ ଇଞ୍ଜିନ ସରକାର ହେବ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ।

ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କଟକ ଗସ୍ତ କରି ସେଠାରେ ରୋଡ୍ ଶୋ’ କରିବା ସହ ସାଧାରଣ ସଭାରେ ଉଦ୍‌ବୋଧନ ଦେଇଥିଲେ। ଶ୍ରୀ ମୋଦି କହିଲେ ଯେ, ଦିଲ୍ଲୀରେ ତ ସରକାର ଗଢିବ ଏନଡିଏ। ଏଠାରେ ବି ବିଜେପିର ପୂର୍ଣ୍ଣ ବହୁମତର ସରକାର ହେବ। ଜୁନ୍ ୧୦ରେ ଓଡ଼ିଶାରେ ବିଜେପିର ମୁଖ୍ୟମନ୍ତ୍ରୀ ଶପଥ ନେବା ନିଶ୍ଚିତ। ବିଜେଡିର କଳାଚିଠା ଏବେ ଲୋକଙ୍କ ସାମ୍ନାକୁ ଆସିଛି। କଟକରେ ଆୟୋଜିତ ସାଧାରଣ ସଭାରେ ଏଭଳି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। କଂଗ୍ରେସ ସରକାର ସମୟରେ ପୁରୁଣା ଖଣି ଉତ୍ତୋଳନ ନୀତିରେ ମାତ୍ର ୫୦୦୦ କୋଟି ମିଳୁଥିଲା । କିନ୍ତୁ ମୋଦୀ ସରକାରରେ ଏହା ୫୦ ହଜାର କୋଟିକୁ ବୃଦ୍ଧି ପାଇଛି। ଡିଏମଏଫ ଜରିଆରେ ୨୬ ହଜାର କୋଟି ଟଙ୍କା ମିଳିଛି। ଏଠାରେ ରାସ୍ତା, ବିଜୁଳି, ହସ୍ପିଟାଲ, ସ୍କୁଲରେ ଅବ୍ୟବସ୍ଥା ରହିଛି। ତେଣୁ ଦିଲ୍ଲୀରୁ ଆସିଥିବା ଟଙ୍କା କୁଆଡେ ଗଲା? ଏବେ ବିଜେପିକୁ ଦାୟିତ୍ୱ ଦିଅନ୍ତୁ। ଆମକୁ ନିବେଶ ଦରକାର। ବିଜେପିର ତାକତ୍ ଅଛି। ଏ କାମ ବିଜେପି କରିପାରିବ। ବିଜେପି ହିଁ ଓଡ଼ିଶାକୁ ଶିଖରରେ ପହଞ୍ଚାଇପାରିବ। ପ୍ରଥମେ ଓଡ଼ିଆରେ ଜନସଭାକୁ ସମ୍ବୋଧନ କରିବା ସହ କହିଛନ୍ତି, ‘ମା କଟକଚଣ୍ଡୀ, ମା ଭଗବତୀ, ମହାପ୍ରଭୁ ନୀଳମାଧବଙ୍କ ଏହି ପବିତ୍ର ମାଟିରେ ପହଞ୍ଚି ମୋ ଜୀବନ ଧନ୍ୟ ହୋଇଛି । ଜନସଭାରେ ଏତେ ସଂଖ୍ୟକ ପ୍ରଶଂସକଙ୍କୁ ଦେଖିବା ପରେ ସେ ନିଶ୍ଚିତ ଯେ, ୨୫ ବର୍ଷ ପରେ ଓଡ଼ିଶା ନୂଆ ଇତିହାସ ରଚିବାକୁ ଯାଉଛି । ଏହି ଜନସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ବିଜେପିର କଟକ ଲୋକସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଓ କଟକ ବାରବାଟୀର ବିଜେପି ବିଧାୟକ ପ୍ରାର୍ଥୀ ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମଞ୍ଚରେ ଉପସ୍ଥିତ ଥିଲେ। ଶେଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଜେପି ପ୍ରାର୍ଥୀମାନଙ୍କୁ ବିଜୟୀ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା ‘ଉତ୍କଳ ଦୀପିକା’ ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ମା’ ସମଲେଶ୍ୱରୀଙ୍କ ଆଶୀର୍ବାଦ ନେଲେ କାର୍ତ୍ତିକ ପାଣ୍ଡିଆନ

## ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ଅଧିକ ଭଲ କରିବ ବିଜେଡି



**ସମ୍ବଲପୁର/କଟକ/କେନ୍ଦ୍ରାପଡା, ୨୦/୫ ନ୍ୟୁଜ ବ୍ୟୁରୋ**

ସୋମବାର ସକାଳୁ ସମ୍ବଲପୁରରେ ମାଆ ସମଲେଶ୍ୱରୀଙ୍କ ଦର୍ଶନ କରି ଆଶୀର୍ବାଦ ନେଇଛନ୍ତି ବରିଷ୍ଠ ବିଜେଡି ନେତା ତଥା ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ମାଆ ସମଲେଶ୍ୱରୀଙ୍କ ଦର୍ଶନ ସହିତ ପୂଜକ ଓ ଟ୍ରଷ୍ଟ ବୋର୍ଡ କର୍ମକର୍ତ୍ତାଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ମନ୍ଦିର ପରିସର ଓ ମହାନଦୀ ଆଳତି ଘାଟ ଦେଖିଥିଲେ ପାଣ୍ଡିଆନ । ଶେଷରେ ସମ୍ବଲପୁରର ବିଭିନ୍ନ ଗୋଷ୍ଠୀର ଲୋକଙ୍କ ସହ କାର୍ତ୍ତିକ ପାଣ୍ଡିଆନ ବିଭିନ୍ନ ବିଷୟରେ ଆଲୋଚାନା କରିଛନ୍ତି । ସେପଟେ ପ୍ରଥମ ପର୍ଯ୍ୟାୟ ଅପେକ୍ଷା ଦ୍ୱିତୀୟ ପର୍ଯ୍ୟାୟରେ ବିଜେଡି ଆହୁରି ଭଲ ପଦର୍ଶନ କରିବ ବୋଲି ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଶ୍ରୀ ପାଣ୍ଡିଆନ ଖବର ସରବରାହ ସଂସ୍ଥା ଏନଏନଆଇକୁ ସୂଚନା ଦେଇ କହିଛନ୍ତି ପ୍ରଥମ ପର୍ଯ୍ୟାୟ ନିର୍ବାଚନ ତୁଳନାରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ବିଜୁ ଜନତା ଦଳ ବହୁତ ଭଲ କରିବ। ବିଜେଡି ସରକାରଙ୍କ କାମ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଯୋଗୁଁ ବିଜେଡି ଆଶାତୀତ ସଫଳତା ଲାଭ କରିବ। ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ବି ବିଜେଡି ସୁଇପ କରିବ। ସେହିପରି କଟକ ସାଲେପୁରରେ ବିଜେଡି ନେତା ଶ୍ରୀ ପାଣ୍ଡିଆନ୍ ପ୍ରଚାର ପ୍ରଚାର କରିଛନ୍ତି। ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିବା ସହ ବିରୋଧୀ ଦଳଙ୍କୁ ଟାର୍ଗେଟ କରିଛନ୍ତି । ସାଲେପୁର ସଭାରେ ପାଣ୍ଡିଆନ୍ କହିଛନ୍ତି ଯେ, ନିର୍ବାଚନ ସମୟରେ ଓଡ଼ିଶାକୁ ବିଜେପିର ବଡ଼ ବଡ଼ ନେତା ଆସୁଛନ୍ତି । ବିଜେପି ନେତା ଆସି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି । ନିର୍ବାଚନ ଚାଲିଥିବା ସମୟରେ ଚାଷୀଙ୍କ କଥା ମନେ ପଡୁଛି । ପ୍ରଧାନମନ୍ତ୍ରୀ ମୋଦିଙ୍କ ତିନୋଟି ପ୍ରଶ୍ନର ଉତ୍ତର ରଖିଛନ୍ତି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ । ଚାଷୀଙ୍କ ଏମଏସପିରୁ ପିଏମ ମୋଦିଙ୍କୁ ଟାର୍ଗେଟ କରିଛନ୍ତି ପାଣ୍ଡିଆନ । ଚାଷୀମାନଙ୍କୁ ଖୋଦ କେନ୍ଦ୍ର ସରକାର ଏମଏସପି ୨୩୦୦ଟଙ୍କା ଦେଉଥିବା ବେଳେ ଓଡ଼ିଶା ଗସ୍ତରେ ଆସି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି । ନିର୍ବାଚନର ୧୦ ଦିନ ପୂର୍ବରୁ ଓଡ଼ିଶା ଆସି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବିଜେପି ନେତା । ୮ ବର୍ଷ ହେଲା ଏନଏଚ ୫୫ ରାସ୍ତା ମରାମତି କାମ ସରୁନି । ତଥାପି ଏଠି ଡବଲ ଇଞ୍ଜିନ ସରକାର ସ୍ପିଡ୍‌ରେ କାମ କରିବା କଥା ମୋଦି କହୁଥିବା କହି ତାଚ୍ଛଲ୍ୟ କରିଛନ୍ତି ପାଣ୍ଡିଆନ । ନିର୍ବାଚନ ପୂର୍ବରୁ ନିଜେ ପ୍ରଧାନମନ୍ତ୍ରୀ ମୁଖ୍ୟମନ୍ତ୍ରୀ ନବୀନଙ୍କୁ ପ୍ରଶଂସା କରୁଥିଲେ । କିନ୍ତୁ ଏବେ ନିର୍ବାଚନ ଆସିବାରୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଭାଷା ବଦଳିଯାଇଛି । ସେହିପରି କେନ୍ଦ୍ରାପଡା ଲୋକସଭା ସାଂସଦ ପ୍ରାର୍ଥୀଙ୍କ ଉପରେ ବର୍ଷିଛନ୍ତି ପାଣ୍ଡଆନ । ସେ କହିଛନ୍ତି ଯେଉଁ ହାତ ଖାଇବାକୁ ଦେଉଛି ସେ ହାତକୁ କାମୁଡୁଛନ୍ତି ପ୍ରାର୍ଥୀ ଜଣକ । ଏତିକି ଇସାରା ସେ ପ୍ରାର୍ଥୀ ବୁଝିଯିବେ ବୋଲି ସଭାସ୍ଥଳରେ କଟାକ୍ଷ କରିଛନ୍ତି ପାଣ୍ଡିଆନ ।

## ଦିଲ୍ଲୀପ ରାଉତରାଏଙ୍କୁ ଅତିରିକ୍ତ ଦାୟିତ୍ୱ

**ଭୁବନେଶ୍ୱର, ୨୦।୦୫ :ନ୍ୟୁଜ୍‌ବ୍ୟୁରୋ**



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାଏଙ୍କୁ ନିଜ ଦାୟିତ୍ୱ ସହିତ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଏବଂ ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀର ସଭାପତି ଓ ଉପସଭାପତି ଭାବେ ଅତିରିକ୍ତ ଦାୟିତ୍ୱରେ ଅବସ୍ଥାପିତ କରାଯାଇଛି। ଏ ସଂକ୍ରାନ୍ତରେ ସୋମବାର ବିଭାଗୀୟ କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତଙ୍କ ଦସ୍ତଖତରେ ଆଦେଶନାମା ପ୍ରକାଶ ପାଇଛି। ଏଠାରେ ସୂଚନା ଯୋଗ୍ୟ ଯେ, ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଭାପତି ଏବଂ ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ଉପସଭାପତିଙ୍କ କାର୍ଯ୍ୟକାଳ ପୂରଣ ହୋଇଥିବାରୁ ଏହି ଆଦେଶନାମା ପ୍ରକାଶ ପାଇଛି। ଶ୍ରୀ ରାଉତରାଏ ଅନ୍ୟାଦେଶ ପର୍ଯ୍ୟନ୍ତ ଏହି ଦାୟିତ୍ୱରେ କାର୍ଯ୍ୟ ସମ୍ପାଦନ କରିବେ।

## ଅଟୋ ଚାଳକଙ୍କୁ ଭୁଜାଲିରେ ହାଣି ହତ୍ୟା

**ବରଗଡ଼, ୨୦।୦୫ :ନ୍ୟୁଜ୍‌ବ୍ୟୁରୋ**

ସାଧାରଣ ନିର୍ବାଚନ ସମୟରେ ଘଟିଛି ବୀଭତ୍ସ ହତ୍ୟାକାଣ୍ଡ। ବରଗଡ଼ ନିକଟ ସଦର ଥାନା ଅନ୍ତର୍ଗତ ସରସରା ଗାଁର ଘଟଣା ସାରା ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଜଣେ ଅଟୋ ଚାଳକଙ୍କୁ ଏକ ଗୋଷ୍ଠୀ ଭୁଜାଲି ଆକ୍ରମଣ କରି ହତ୍ୟା କରିଛନ୍ତି। ମୃତକଙ୍କ ନାଁ ବିଶ୍ୱନାଥ ମିର୍ଦ୍ଧା ବୋଲି ଜଣାପଡ଼ିଛି। ତେବେ ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଘଟଣା ପରେ ଆଇଜି ହିମାଂଶୁ ଲାଲ ଓ ବରଗଡ଼ ଏସ୍‌ପି ପ୍ରହଲ୍ଲାଦ ସାଇ ମିନା ଗାଁରେ ପହଞ୍ଚିଛନ୍ତି। ନିର୍ବାଚନ ସମୟରେ ବିଶ୍ୱନାଥ ଭୋଟରଙ୍କୁ ଅଟୋରେ ମତଦାନ କେନ୍ଦ୍ରକୁ ନେଉଥିବା ବେଳେ ଏକ ଗୋଷ୍ଠୀ ବିରୋଧ କରିବା ସହ ଆକ୍ରମଣ କରିଥିବା ପରିବାର ଲୋକ କହିଛନ୍ତି।





କେନ୍ଦ୍ରାପଡ଼ା ଓ କଟକରେ ନିର୍ବାଚନ ପ୍ରଚାର କରିବା ଅବସରରେ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନଙ୍କୁ ସ୍ୱାଗତ କରାଯିବା ସହ ସେ ସାଧାରଣ ଜନତାଙ୍କୁ ଭେଟୁଛନ୍ତି। (ଫଟୋ : ସମ୍ବାଦ କଳିକା)




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା ‘ରବିବାସରୀୟ କଳିକା’ ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପକସ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋଦ୍ଧସା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ଆଦିବାସୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଛନ୍ତି ଗ୍ୟାରେଣ୍ଟି

**ଭୁବନେଶ୍ୱର, ୨୦/୦୫ ନ୍ୟୁଜ ବ୍ୟୁରୋ**

ଆଦିବାସୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଛନ୍ତି ଗ୍ୟାରେଣ୍ଟି । ନବୀନ ଗ୍ୟାରେଣ୍ଟି ଓଡ଼ିଶାକୁ ୨୦୩୪ ସୁଦ୍ଧା ଶ୍ରେଷ୍ଠ ରାଜ୍ୟ ଭାବେ ଗଢି ତୋଳିବାକୁ ଏଥିରେ ଲକ୍ଷ୍ୟ ରଖାଯାଇଛି । ତେବେ ଇସ୍ତାହାରରେ ପଞ୍ଚମ ଗ୍ୟାରେଣ୍ଟି ହେଉଛି ଆଦିବାସୀ ବିକାଶ । ୨୦୧୧ ଜନଗଣନା ଅନୁସାରେ ମଧ୍ୟପ୍ରଦେଶ ପରେ ଓଡ଼ିଶାରେ ସର୍ବାଧିକ ଆଦିବାସୀ ଅଛନ୍ତି। ୯.୨% ଆଦିବାସୀ ଓଡ଼ିଶାରେ ଅଛନ୍ତି । ଶ୍ରେଷ୍ଠ ରାଜ୍ୟ ପାଇଁ ଆଦିବାସୀ ସଶକ୍ତିକରଣ ଆବଶ୍ୟକ। ହେଲେ କେନ୍ଦ୍ର ସରକାର ଆଦିବାସୀ ଆଳରେ ଭୋଟ ମାଗୁଛନ୍ତି ସିନା କରିଛନ୍ତି କ’ଣ ବୋଲି ପ୍ରେସ୍‌ମିଟ କରି ବିଜେଡି ଜାତୀୟ ମୁଖପାତ୍ର ଅମର ପଟ୍ଟନାୟକ ବର୍ଷିଛନ୍ତି। କିଛି ଦିନ ହେବ ପଲିଟିକାଲ ଟ୍ୟୁରିଷ୍ଟ ଭାବେ ଆସିକି ଓଡ଼ିଶାକୁ ଏକ ନମ୍ବର ରାଜ୍ୟ କରିବାକୁ ପ୍ରତିଶୃତି ଦେଉଛନ୍ତି । ହେଲେ ବିଜେଡି ପଚାରିଛି, ଆଦିବାସୀ ପାଇଁ ସ୍ୱତନ୍ତ୍ର ବିଭାଗ କରାଯାଇଛି । ଓଡ଼ିଶାର ହୋ ମୁଣ୍ଡାରୀ, କୁଇ, ସୋହରା ଭାଷାକୁ କାହିଁକି ଅଷ୍ଟମ ଅନୁଚ୍ଛେଦରେ ସାମିଲ କରାଗଲା ନାହିଁ ? ବିଜେଡି ସାଂସଦ ଏ ପ୍ରସଂଗ ବାରମ୍ବାର ସଂସଦରେ ଉଠାଇଛନ୍ତି । ମୁଖ୍ୟମନ୍ତ୍ରୀ ବି ଚିଠି ଲେଖିଛନ୍ତି, ହେଲେ କାହିଁକି କାର୍ଯ୍ୟକାରୀ କଲେନି ବୋଲି ବିଜେଡି ପ୍ରଶ୍ନ କରିଛି । ୧୬୯ ଆଦିବାସୀଙ୍କୁ ମାନ୍ୟତା ପାଇଁ ମୁଖ୍ୟମନ୍ତ୍ରୀ ଚିଠି ଲେଖିଲେ । ହେଲେ ନିର୍ବାଚନ ପାଇଁ ଏହିଥର ସଂସଦରେ ୪୦ ସମ୍ପ୍ରଦାୟକୁ ମାନ୍ୟତା ଦେଲେ କେନ୍ଦ୍ର ସରକାର । ଆଦିବାସୀ ବିଶ୍ୱବିଦ୍ୟାଳୟ ଆନ୍ଧ୍ରପ୍ରଦେଶର ବିଜୟନଗର, ଅମରକଣ୍ଟକ ହେଲା। ହେଲେ ଓଡ଼ିଶାରେ ସର୍ବାଧିକ ଆଦିବାସୀ ଥିବା ସତ୍ତ୍ୱେ ଓଡ଼ିଶାରେ ହେଲାନି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ମଧ୍ୟ ଓଡ଼ିଶାରେ ଆଦିବାସୀ ବିଶ୍ୱବିଦ୍ୟାଳୟ ଖୋଲିବା ବ୍ୟବସ୍ଥା ନାହିଁ ବୋଲି ସଂସଦରେ ଉତ୍ତର ଦେଇଥିଲେ । ଯଦି



ଆଦିବାସୀଙ୍କ ପାଇଁ ହୃଦୟ କାନ୍ଦୁଛି ତେବେ ଏହି ଡ୍ରାମା କାହିଁକି ? ଯଦି କେନ୍ଦ୍ରର ବିଜେପି ଆଦିବାସୀଙ୍କ ଉନ୍ନତି ଚାହୁଁଛି, ତେବେ ଓଡ଼ିଶାକୁ ତା’ଭାଗର ଅନୁଦାନ କାହିଁକି ମିଳିଲା ନାହିଁ? ଆଦିବାସୀ ସଂସ୍କୃତିର ସଂରକ୍ଷଣ ପାଇଁ କ’ଣ କରିଛି କେନ୍ଦ୍ର ? କେନ୍ଦୁପତ୍ର ଉପରୁ ଜିଏସ୍‌ଟି ହଟାଇଲେ ନାହିଁ । ନବୀନ କେରି ପିଛା ଦୁଇ ଟଙ୍କା ବୋନସ ଓ ଅନ୍ୟ ସୁବିଧା ଓ ବିକାଶ ପ୍ୟାକେଜ ଦେବେ । ଯାହା ୯ ଲକ୍ଷ ଚାଷୀଙ୍କୁ ଲାଭ ଦେବ । ମୁଖ୍ୟମନ୍ତ୍ରୀ ୫୦ ହଜାର ମାମଲା ଆଦିବାସୀଙ୍କ ବିରୋଧରେ ଉଠାଇଛନ୍ତି। ମୁଖ୍ୟମନ୍ତ୍ରୀ ଯେବେ ଆଦିବାସୀ ବିକାଶ ପାଇଁ ବାତାବରଣ ସୃଷ୍ଟି କରୁଛନ୍ତି, ବିଜେପିକୁ କାହିଁକି ବାଧୁଛି ? ବିଜେପି ଆଦିବାସୀଙ୍କୁ ନିର୍ବାଚନ ବେଳେ ଭଣ୍ଡେଇବା ପାଇଁ ଚାହୁଁଛି । ଟିମ୍ ପଠାଇ ଭଣ୍ଡାଉଛନ୍ତି ଯେ ମୟୂରଭଞ୍ଜରେ ବିଶ୍ୱବିଦ୍ୟାଳୟ ହୋଇ ପାରିବ କି? ଓଡ଼ିଶା ସରକାର ତିନୋଟି ମେଡିକାଲ କଲେଜକୁ ଆଦିବାସୀ ନେତାଙ୍କ ନାଁରେ ନାମିତ କରିଛନ୍ତି । ପୃଥିବୀର ସବୁଠାରୁ ବଡ଼ ହକି ଷ୍ଟାଡିୟମକୁ ବିର୍ସା ମୁଣ୍ଡାଙ୍କ ନାଁରେ କରାଯାଇଛି । ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅନ୍ୟ କୌଣସି ରାଜ୍ୟରେ ନାହିଁ । ମଧ୍ୟପ୍ରଦେଶରେ ବିଜେପି ସରକାର ଓ ଆଦିବାସୀ ଅଛନ୍ତି । ହେଲେ ଝଉଉ ନାହିଁ । ଓଡ଼ିଶା ଆଦିବାସୀଙ୍କ ଅର୍ଥନୀତି, ସଂସ୍କୃତି, ଭଗବାନ, ପରମ୍ପରାର ବିକାଶ ପାଇଁ କଣ କରିଛ ବୋଲି ବିଜେପିକୁ ବିଜେଡି ପ୍ରଶ୍ନ କରିଛି । ବିଜେପି ଫମ୍ପା ଭାଷଣ ଦେଉଛି । ହେଲେ ମୁଖ୍ୟମନ୍ତ୍ରୀ ଆଦିବାସୀଙ୍କ ସାମଗ୍ରିକ ବିକାଶ ପାଇଁ କାମ କରୁଛନ୍ତି । ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରି-ମାଟ୍ରିକ ଓ ପୋଷ୍ଟ-ମାଟ୍ରିକ ସୁବିଧା ଆହୁରି ବ୍ୟାପକ କରାଯିବ । ୧୦ ବର୍ଷରେ ଆଦିବାସୀ ଯୁବକଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ୧ ହଜାର କୋଟି ମିଳିବ । ଓଡ଼ିଶା ସରାକରଙ୍କ ନିଜସ୍ୱ ଲାଭ ଯୋଜନାରେ କ୍ଷୁଦ୍ର ଜଙ୍ଗଲୀ ଦ୍ରବ୍ୟର ମାର୍କେଟିଙ୍ଗ କରାଯିବ । କାରଣ କେନ୍ଦ୍ର କଲାନି ବୋଲି ବିଜେଡି ସରକାର କରିବ । ଆଦିବାସୀଙ୍କୁ ସରକାରୀ ଚାକିରିରେ ସାମିଲ କରାଯିବ । ଭୁବନେଶ୍ୱରରେ ଆଦିବାସୀ ଭବନ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । କେନ୍ଦୁପତ୍ର ତୋଳାଳିଙ୍କ ଝିଅ ବାହାଘର ପାଇଁ ୨୫ ହଜାର ଟଙ୍କା ମିଳିବ । ଆଦିବାସୀ ସଂଗ୍ରହାଳୟ ହେବ । ୨୦୨୨ରୁ ସଂସ୍କୃତି କାଉନସିଲ ଅଛି । ଆଦିବାସୀ ସଶକ୍ତ ହେବେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ପରାମର୍ଶକରି ଦ୍ରୌପଦୀ ମୁର୍ମୁଙ୍କୁ ଦେଶର ରାଷ୍ଟ୍ରପତି କରିଛନ୍ତି । ଯାହା ଓଡ଼ିଶା ପାଇଁ ଗର୍ବ । ଆଦିବାସୀଙ୍କ ସାମଗ୍ରିକ ବିକାଶ ହେଲେ ଦେଶ ଆଗେଇବ ।